# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ମେ ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, May 16/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୧୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 170 | ମୂଲ୍ୟ ₹୭/-




**ଟି୨୦ ଦଳକୁ ଫେରିଲେ ଶେଫାଳି**

ଇଂଲଣ୍ଡ ଟୁର୍ ପାଇଁ ଭାରତୀୟ ମହିଳା ଟି୨୦ କ୍ରିକେଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ବିସ୍ଫୋରକ ବ୍ୟାଟର ଶେଫାଳି ବର୍ମା।

୧୨

୦୨

**'ହୋମ୍‌ବାଉଣ୍ଡ': ୨ ବାଲ୍ୟ ବନ୍ଧୁଙ୍କ କାହାଣୀ**

ଚଳଚ୍ଚିତ୍ର ନିର୍ମାତା କରନ ଜୋହରଙ୍କ 'ହୋମ୍‌ବାଉଣ୍ଡ' ଫିଲ୍ମର ପ୍ରଥମ ପୋଷ୍ଟରକୁ ଗୁରୁବାର ଜାରି କରାଯାଇଛି।





ପୁରୀ ରଥଖଳାରେ ଗୁରୁବାର ବିଲେଇ ଦ୍ୱାରା ରଥର ଚକରେ ପହି ପିନ୍ଧାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଭାରତ ଦେଇଛି 'ଶୂନ ଟାରିଫ୍' ଅଫର: ଟ୍ରମ୍ପ

ଭାରତକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସାମ୍ପ୍ରତିକ ଆଭିମୁଖ୍ୟ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଟ୍ରମ୍ପ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନିଷ୍ଠ ବନ୍ଧୁ କହିଆସୁଛନ୍ତି। କିନ୍ତୁ ଟ୍ରମ୍ପ୍‌ଙ୍କ କେତେକ କାର୍ଯ୍ୟ ଭାରତ ବିରୋଧୀ ବୋଲି ଅନେକେ ବିବେଚନା କରୁଛନ୍ତି। କାରଣ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ କିଛିଦିନ ତଳେ ପାକିସ୍ତାନ ସହ ଭାରତର ସଂଘର୍ଷ ଚାଲିଥିବା ସମୟରେ ପାକିସ୍ତାନକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ରୁ ବିପୁଳ ଅର୍ଥରାଶି ମିଳିଥିଲା। ଏହା ଆମେରିକାର ବିନା ସମର୍ଥନରେ ଅସମ୍ଭବ ବୋଲି କୁହାଯାଉଛି। କେବଳ ଏତିକି ନୁହେଁ, ଭାରତରେ ଆଇଫୋନ୍ ନିର୍ମାଣ ନ କରିବାକୁ ଏହାର ସିଇଓ ଟିମ୍ କୁକ୍‌ଙ୍କୁ ଟ୍ରମ୍ପ ପରାମର୍ଶ ଦେଇଛନ୍ତି। ସେହିପରି ଭାରତୀୟ ସଶସ୍ତ୍ର ବଳର ତୁହାକୁ ତୁହା ମିଶାଇଲ ମାଡ଼ ପରେ ପାକିସ୍ତାନୀ ସେନା ଭାରତକୁ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲା। କିନ୍ତୁ ଟ୍ରମ୍ପ୍ ଏହାର ଶ୍ରେୟ ନେବାକୁ ଉଦ୍ୟମ କରିଥିଲେ। ସେ କହିଥିଲେ, ଭାରତ ଓ ପାକିସ୍ତାନରେ ଆମେରିକା ବହୁତ ବ୍ୟବସାୟ କରିବାକୁ ଚାହେଁ। ସେ ଦୁଇଦେଶକୁ ବୁଝାଇ ଯୁଦ୍ଧ ବନ୍ଦ କରାଇଦେଇଛନ୍ତି। ଏହି କ୍ରମରେ ମଧ୍ୟପ୍ରାଚ୍ୟ ଗସ୍ତରେ ଥିବା ଟ୍ରମ୍ପ୍ ଗୁରୁବାର କାତାରର ଦୋହାରେ କହିଛନ୍ତି, ଭାରତ ଆମକୁ 'ଶୂନ ଟାରିଫ୍'ର ଅଫର ଦେଇଛି। ଅର୍ଥାତ୍ ଭାରତକୁ ରପ୍ତାନି ହେବାକୁ ଥିବା ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ କୌଣସି ଆମଦାନୀ ଶୁଳ୍କ ଲାଗିବ ନାହିଁ। ଅନ୍ୟପକ୍ଷରେ ସିଜ୍‌ଫାୟାର ଓ କଶ୍ମୀର ପ୍ରସଙ୍ଗରେ ଟ୍ରମ୍ପ୍‌ଙ୍କ ପୂର୍ବ ମନ୍ତବ୍ୟକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଥିବା କଂଗ୍ରେସ ଟାରିଫ୍ ସମ୍ପର୍କରେ ମୋଦିଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇଛି। ଇତିମଧ୍ୟରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଉଭୟ ଟ୍ରମ୍ପ୍ ଓ ବିରୋଧୀ ଦଳକୁ ଜବାବ ଦେବାକୁ ଯାଇ କହିଛନ୍ତି, ଆମେରିକା ସହ ବାଣିଜ୍ୟ ଚୁକ୍ତି ଏକ ଜଟିଳ ପ୍ରକ୍ରିୟା। ଟ୍ରେଡ୍ ଡିଲ୍ ସମ୍ପର୍କିତ ଆଲୋଚନା ଜାରି ରହିଛି। ଏହା ଉପରେ କିଛି ନିଷ୍ପତ୍ତି ହୋଇ ନ ଥିବା ଜୟଶଙ୍କର ସ୍ପଷ୍ଟ କରିଛନ୍ତି।

**ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ**

(ସମ୍ପୂର୍ଣ୍ଣ ଖବର ପୃଷ୍ଠା-୪)

## ସିଜ୍‌ଫାୟାର ମନ୍ତବ୍ୟରେ ୟୁ-ଟର୍ନ

ଦୋହା,୧୫।୫



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ କରାଇଥିବା ନେଇ ଗୁରୁବାର ଦୋହାରେ ପୁଣି ଥରେ ଦୋହରାଇଛନ୍ତି। ଶନିବାରଠାରୁ ଅଦ୍ୟାବଧି ସେ ୭ ଥର ଏଭଳି କହିଛନ୍ତି। କିନ୍ତୁ ଏଥର ସେ ପୂର୍ବ ଭଳି 'ମୁଁ ସବୁ କରାଇଦେଇଛି' ବୋଲି ଦାବି କରିନାହାନ୍ତି। ଅଲ୍-ଉଦେଇଦ୍ ଏୟାରବେସ୍‌ରେ ଆମେରିକୀୟ ସୈନ୍ୟଙ୍କୁ ସମ୍ବୋଧନ ବେଳେ ଟ୍ରମ୍ପ୍ ୟୁ-ଟର୍ନ କରି କହିଛନ୍ତି, ଗତ ସପ୍ତାହରେ ଦୁଇଦେଶ ମଧ୍ୟରେ ଶତ୍ରୁତା ବଢ଼ିବାରେ ଲାଗିଥିବାବେଳେ ଉତ୍ତେଜନା ହ୍ରାସ ପାଇଁ ସେ କେବଳ ସାହାଯ୍ୟ କରିଥିଲେ। ସିଜ୍‌ଫାୟାର କରାଇ ନ ଥିଲେ। ସୂଚନାଥାଉକି, ପହଲଗାମ୍ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଥିଲା। ମେ' ୮ରୁ ତିନି ଦିନ ଧରି ଦୁଇ ଦେଶ ମୁହାଁମୁହିଁ ହୋଇଥିବାବେଳେ ୧୦ ତାରିଖରେ ପାକିସ୍ତାନୀ ସେନା ଡିଜିଏମ୍‌ଓ ଭାରତକୁ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲା। ତଦନୁସାରେ ଅପରାହ୍ନ ୫ଟାରୁ ସିଜ୍‌ଫାୟାର ହୋଇଥିଲା।

## ଭାରତରେ ଆଇଫୋନ୍ ନିର୍ମାଣ ନ କରିବାକୁ ଆପଲକୁ କହିଲେ ଟ୍ରମ୍ପ୍

ଡୋନାଲ୍ଡ ଟ୍ରମ୍ପ୍ ଭାରତରେ ଆଇଫୋନ୍ ନିର୍ମାଣ ନ କରିବାକୁ ଆପଲ ସିଇଓ ଟିମ୍ କୁକ୍‌ଙ୍କୁ ପରାମର୍ଶ ଦେଇଥିବା ଗୁରୁବାର ଦୋହାରେ କହିଛନ୍ତି। ଟ୍ରମ୍ପ୍ କହିଛନ୍ତି, ଭାରତ ନିଜେ ନିଜ ଆଇଫୋନ୍ ଆବଶ୍ୟକତା ପୂରଣ କରିପାରିବ। ତେଣୁ କୁକ୍ ଭାରତରେ ୫୦୦ ବିଲିୟନ୍ ଡଲାର ନିବେଶ କରିବା ପରିବର୍ତ୍ତେ ଆମେରିକାରେ ଆପଲ ବ୍ୟବସାୟକୁ ବିସ୍ତାର କରିବା ଉପରେ ଅଧିକ ଧ୍ୟାନଦେବା ଉଚିତ। ଭାରତ ବିଶ୍ୱର ଅନ୍ୟତମ ସର୍ବାଧିକ ଟାରିଫ୍ କଷୁଥିବା ଦେଶ ହୋଇଥିବାରୁ ସେଠାରେ ଆଇଫୋନ୍ ବିକ୍ରି କରିବା କଷ୍ଟକର ବୋଲି କୁକ୍‌ଙ୍କୁ ସେ ପରାମର୍ଶ ଦେଇଥିବା ବିଷୟ ଏକ ବିଜ୍‌ନେସ କାର୍ଯ୍ୟକ୍ରମରେ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଆଇଫୋନ୍ ନିର୍ମାତା ଆପଲ ପକ୍ଷରୁ ଏନେଇ ସ୍ପଷ୍ଟୀକରଣ ଦିଆଯାଇଛି। ଭାରତ ଆପଲର ବୃହତ୍ ମାନୁଫାକ୍ଚରିଂ ବେସ୍ ହେବାକୁ ଯାଉଛି। ଦେଶରେ କମ୍ପାନୀର ପ୍ରସ୍ତାବିତ ନିବେଶ ଜାରି ରହିବ ବୋଲି ଆପଲ ଇଣ୍ଡିଆ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି।

# ଭିଜିଲାନ୍ସକୁ ଖୋଲା ଛଡ଼ାଯାଇଛି

## ଦୁର୍ନୀତି ପ୍ରସଙ୍ଗରେ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତାଗିଦ୍

ଭୁବନେଶ୍ୱର,୧୫।୫
(ରବିନାରାୟଣ ଜେନା)

ଭିଜିଲାନ୍ସକୁ ଖୋଲା ଛଡ଼ାଯାଇଛି। ଅଧିକାରୀମାନେ ସଜାଗ ରୁହନ୍ତୁ। ଯଦି ଦାୟିତ୍ୱରେ ଥିବା କୌଣସି ଅଧିକାରୀ ଦୁର୍ନୀତି କିମ୍ବା ଅବହେଳା କରିବେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହା କହି ତାଙ୍କ ଅଙ୍ଗେନିଭା କଥା ବଖାଣିଛନ୍ତି। ସେ କହିଛନ୍ତି, 'ମୁଁ ସରପଞ୍ଚରୁ ଆଜି ମୁଖ୍ୟମନ୍ତ୍ରୀ ହୋଇଛି। ବ୍ଲକର ଭୂମିକା କ'ଣ ତାହା ଭଲ ଭାବେ ଜାଣିଛି। ଆମେ ଭୂତ ଘର, ଭୂତ ପାଇଖାନା ଦେଖିଛୁ। ତେଣୁ ଦୁର୍ନୀତି ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛୁ। ବ୍ଲକଗୁଡ଼ିକ ହେଉଛି, ଆମ ପ୍ରଶାସନିକ ସଫଳତାର ଦର୍ପଣ। ବ୍ଲକଗୁଡ଼ିକ ଦକ୍ଷତାର ସହ କାମ କଲେ ଲୋକମାନେ ସବୁ ଯୋଜନାର ସୁଫଳ ପାଇବେ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ, ତାହା ହିଁ ଆମର ଉଦ୍ଦେଶ୍ୟ ହେବା ଆବଶ୍ୟକ। ତେଣୁ ରାଜନୈତିକ ଆନୁଗତ୍ୟ ଓ ଅବହେଳାକୁ ପରିତ୍ୟାଗ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, 'ମୋ ଛୋଟ ବ୍ରେନ୍‌ରେ ସବୁ ସେଭ୍ ହୋଇ ରହିଛି। ସେକାଳ ପଖାଳ ଆଉ ନାହିଁ। ଯଦି ପୁରୁଣା ଅଭ୍ୟାସ ରଖିବେ ତେବେ କ୍ଷମା ମିଳିବ ନାହିଁ। ମୁଁ ଆଦିବାସୀ ଲୋକ, ମୋ ସରଳତାକୁ ଦୁର୍ବଳ ଭାବନ୍ତୁ ନାହିଁ। ଜିଲାପାଳଙ୍କ ଜରିଆରେ ବିଡିଓଙ୍କ ରିପୋର୍ଟ କାର୍ଡ ମଗାଯିବ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ସିଡିଓ ଏବଂ ବିଡିଓଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ସିଡିଓ ଏବଂ ବିଡିଓଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆପଣମାନେ କ୍ଷେତ୍ରସ୍ତରରେ ଲୋକଙ୍କ ସହିତ ସିଧାସଳଖ ମିଶନ୍ତି। ସେମାନଙ୍କର ସୁବିଧା ଅସୁବିଧା ଜାଣନ୍ତି। ତେଣୁ ସରକାରଙ୍କ ସବୁ ଯୋଜନାକୁ ଆପଣମାନେ ଲୋକଙ୍କ ପାଖକୁ ଠିକ୍ ଭାବରେ ପହଞ୍ଚାନ୍ତୁ। ସେମାନଙ୍କୁ କୌଣସି ପରିସ୍ଥିତିରେ ଦୟାର ପାତ୍ର ବୋଲି ଭାବନ୍ତୁ ନାହିଁ। ଯୋଜନାଗୁଡ଼ିକ ହେଉଛି କେବଳ ଲୋକଙ୍କ ପାଇଁ। ଏହା ସେମାନଙ୍କ ଅଧିକାର। ସରକାର ଓ ଲୋକଙ୍କ ଭିତରେ ଆପଣମାନେ ସେତୁ ସାଜନ୍ତୁ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଗାଁର ବିକାଶ ନ ହେଲେ ଦେଶର ବିକାଶ ହେବ ନାହିଁ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ବିକଶିତ ଓଡ଼ିଶାର ରୋଡ୍‌ମ୍ୟାପ୍‌ରେ ଗାଁର ବିକାଶକୁ ହିଁ ଆମେ ପ୍ରାଥମିକତା ଦେଇଛୁ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ବିଭାଗ ଶାସନ ସଚିବ ଗିରିଶ ଏସ୍.ଏନ୍. ପ୍ରମୁଖ ଉପସ୍ଥିତ ଥିଲେ।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ମେଶିନ ବ୍ୟାନ୍

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ମେଶିନ୍ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍(ନିଷେଧ) ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ରାଜ୍ୟସ୍ତରୀୟ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନ୍ୟୂନ ପକ୍ଷେ ବର୍ଷକୁ ୧୦୦ ଦିନର କର୍ମ ନିଯୁକ୍ତି ଯୋଗାଇଦେବା ସହ ଏହି ସବୁ କାର୍ଯ୍ୟରେ ମେଶିନ୍ ବଦଳରେ ମାନବ ଶକ୍ତିର ଅଧିକ ଉପଯୋଗ କରାଯିବା ଆବଶ୍ୟକ। ଏହାଦ୍ୱାରା ଗ୍ରାମାଞ୍ଚଳର ଲୋକମାନେ ରୋଜଗାର ପାଇବା ସହିତ ଦାଦନ ସମସ୍ୟା ଦୂର ହୋଇପାରିବ। ପ୍ରକଳ୍ପଗୁଡ଼ିକ ପୂର୍ଣ୍ଣାଙ୍ଗ କରିବା ପାଇଁ ହେଲେ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରଖି କାମ କରନ୍ତୁ ଓ ନିୟମିତ ଭାବରେ କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।


**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-20: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୧୯।୦୫।୨୦୨୫ରିଖ (ସୋମବାର) ଦିନ ସକାଳ ୮ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ** ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା୧୬।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**OIPR-09014/11/0117/2526**


# ଅଦିନିଆ ବର୍ଷାକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣା

ଭୁବନେଶ୍ୱର, ୧୫।୫(ସୁନିତ୍ ମିଶ୍ର)

ଅଦିନିଆ ବର୍ଷାକୁ ଓଡ଼ିଶା ସରକାର ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ଓଡ଼ିଶାର କୃଷକମାନେ ଅଦିନିଆ ବର୍ଷାରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସହାୟତା ପାଇପାରିବେ। ଏସ୍‌ଡିଆର୍‌ଏଫ୍‌ର ବାର୍ଷିକ ଆବଣ୍ଟନର ସର୍ବାଧିକ ୧୦% ଅର୍ଥ ଏଥିପାଇଁ ବିନିଯୋଗ ହୋଇପାରିବ। ୨୦୨୪ ଡିସେମ୍ବରରେ ଅଦିନିଆ ବର୍ଷା ଯୋଗୁ ରାଜ୍ୟର ୨୨,୭୯୧ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା ଏବଂ ପ୍ରାୟ ୬.୬୬ ଲକ୍ଷ ଚାଷୀ ପ୍ରଭାବିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ସ୍ୱତନ୍ତ୍ର ଭାବେ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣାକରି ଚାଷୀମାନଙ୍କୁ ୨୯୧ କୋଟି ଟଙ୍କାର ସହାୟତା କୃଷି ଇନ୍‌ପୁଟ ରିହାତି ଆକାରରେ ପ୍ରଦାନ କରିଥିଲେ। ପୂର୍ବରୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ତାଲିକାରେ ୮ଟି ବିପର୍ଯ୍ୟୟ ଯଥା ବଜ୍ରପାତ, ଗ୍ରୀଷ୍ମ ପ୍ରବାହ, ଘୂର୍ଣ୍ଣିଝଡ଼, ଟର୍ନାଡୋ, ପ୍ରବଳ ବର୍ଷା ଏବଂ ବନ୍ୟା ନ ଥିବା ସମୟରେ ଡଙ୍ଗା ଦୁର୍ଘଟଣା, ପାଣିରେ ବୁଡ଼ି ମୃତ୍ୟୁ ହେବା ଓ ସାପକାମୁଡ଼ା ଆଦି ରହିଛି।

**ଆଜିର ସମ୍ପାଦକୀୟ** ମହାସାଗରରେ ପ୍ଲାଷ୍ଟିକ୍ ପ୍ରଦୂଷଣ




# ପାକ୍ ହାତରେ ଅଣୁଅସ୍ତ୍ର ବିପଜ୍ଜନକ

**ଆଣବିକ ଅସ୍ତ୍ର ପରିଚାଳନା ସାମର୍ଥ୍ୟକୁ ନେଇ ପ୍ରଶ୍ନ ଉଠାଇଲେ ରାଜନାଥ**

**ପାକିସ୍ତାନ ଯେଉଁଠି ଛିଡ଼ାହୁଏ, ଭିକାରିଙ୍କ ଧାଡ଼ି ସେଇଠୁ ଆରମ୍ଭ ହୁଏ**

ଶ୍ରୀନଗର,୧୫।୫(ପି.ଟି.)

ପାକିସ୍ତାନ ନିକଟରେ ଥିବା ଅଣୁଅସ୍ତ୍ରଗୁଡ଼ିକର ନିରାପତ୍ତାକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁରୁବାର ପ୍ରଶ୍ନ ଉଠାଇଛନ୍ତି। ସେଗୁଡ଼ିକ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ)ର ପର୍ଯ୍ୟବେକ୍ଷଣରେ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ଭାରତୀୟ ସେନାର ଅପରେଶନ ସିନ୍ଦୂରର ସଫଳତା ପରେ ରାଜନାଥ ପ୍ରଥମ ଥର ପାଇଁ ଜମ୍ମୁ-କଶ୍ମୀର ଗସ୍ତ କରି ସୈନ୍ୟମାନଙ୍କ ସହ କଥା ହୋଇଛନ୍ତି। ଆତଙ୍କବାଦୀ ସଂଗଠନ ଏବଂ ପାକିସ୍ତାନରେ ଥିବା ସେମାନଙ୍କ ନିୟନ୍ତ୍ରଣକାରୀ ନିଜକୁ କେଉଁଠି ସୁରକ୍ଷିତ ମଣିବା ଉଚିତ ନୁହେଁ, ଏହା ଅପରେଶନ ସିନ୍ଦୂର ସ୍ପଷ୍ଟ କରିଦେଇଛି।

ପାକିସ୍ତାନ ଭଳି ଏକ ଦୁଷ୍ଟ ଓ ଦାୟିତ୍ୱହୀନ ରାଷ୍ଟ୍ର ହାତରେ ଆଣବିକ ଅସ୍ତ୍ର ସୁରକ୍ଷିତ କି ବୋଲି ରାଜନାଥ ସମଗ୍ର ବିଶ୍ୱ ନିକଟରେ ପ୍ରଶ୍ନ କରିଛନ୍ତି। ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଏବଂ ଅନ୍ତର୍ଜାତୀୟ ସୀମାର ସୁରକ୍ଷା ସ୍ଥିତି ଅନୁଧ୍ୟାନ ପାଇଁ ରାଜନାଥ ଜମ୍ମୁ-କଶ୍ମୀର ଯାଇଥିଲେ। ଶୀର୍ଷ ସାମରିକ ଅଧିକାରୀମାନେ ତାଙ୍କୁ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଶ୍ରୀନଗରରେ ଭାରତୀୟ ସେନାର ୧୫ତମ କର୍‌ରେ ରାଜନାଥ ମୋଟାମୋଟି ସ୍ଥିତି ଏବଂ ଫ୍ରଣ୍ଟଲାଇନ୍ ଯବାନମାନଙ୍କ ଯୁଦ୍ଧ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି।



ଅପରେଶନ ସିନ୍ଦୂର ପରେ ଜମ୍ମୁ-କଶ୍ମୀର ଗସ୍ତରେ ଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବାଦାମୀ ବାଗ୍ କ୍ୟାଣ୍ଟନମେଣ୍ଟରେ ସେନା ଅଧିକାରୀଙ୍କୁ ମିଠା ଖୁଆଉଛନ୍ତି।

ଜମ୍ମୁ-କଶ୍ମୀରରେ ଉଦ୍‌ବୋଧନ ଦେଇ ରାଜନାଥ ପାକିସ୍ତାନର ଆର୍ଥିକ ସ୍ଥିତି ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ସମେତ ବାହ୍ୟ ସହାୟତା ଉପରେ କ୍ରମାଗତ ନିର୍ଭରଶୀଳତାକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ମାଗି ମାଗି ଏହି ଦେଶ ଏଭଳି ସ୍ଥାନରେ ପହଞ୍ଚିଯାଇଛି ଯେ, ଆପଣମାନେ କହିପାରିବେ ପାକିସ୍ତାନ ଯେଉଁଠି ଛିଡ଼ାହୁଏ, ସେହିଠାରୁ ଭିକାରିମାନଙ୍କ ଧାଡ଼ି ଆରମ୍ଭ ହୁଏ। ନିକଟରେ ଆଇଏମ୍‌ଏଫ୍ ପାକିସ୍ତାନକୁ ୧.୦୨୩ ବିଲିୟନ ଡଲାର ଋଣ ସହାୟତା ଦେବା ଫଳରେ ସଦ୍ୟ ଋଣ ପରିମାଣ ୨.୧ ବିଲିୟନ ଡଲାରରେ ପହଞ୍ଚିଛି। ଗରିବ ଦେଶଗୁଡ଼ିକୁ ସହାୟତା ପାଇଁ ଭାରତ ସମେତ ବିଭିନ୍ନ ରାଷ୍ଟ୍ର ଆଇଏମ୍‌ଏଫ୍‌କୁ ପାଣ୍ଠି ଯୋଗାଉଥିବାବେଳେ ପାକିସ୍ତାନ ପୁଣିଥରେ ସହାୟତା ପାଇଁ ଏହାର ଦ୍ୱାରସ୍ଥ ହୋଇଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତ ଗତ ୭ ତାରିଖରେ ଅପରେଶନ ସିନ୍ଦୂର ଜରିଆରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀଙ୍କ ୯ଟି ଭିତ୍ତିଭୂମିକୁ ଧ୍ୱଂସ କରିଥିଲା। ୮, ୯ ଏବଂ ୧୦ ତାରିଖରେ ପାକିସ୍ତାନ ଭାରତର ଜନବସତି ଅଞ୍ଚଳ ଏବଂ ସାମରିକ ଘାଟିକୁ ଆକ୍ରମଣ ଉଦ୍ୟମ କରିଥିବାବେଳେ ଭାରତ ୧୦ ତାରିଖରେ ଦୂର ଲକ୍ଷ୍ୟଭେଦୀ ମିଶାଇଲ ଓ ଅନ୍ୟାନ୍ୟ ଅସ୍ତ୍ର ସହାୟତାରେ ପାକିସ୍ତାନର ୮ଟି ଏୟାରବେସ୍‌କୁ ଟାର୍ଗେଟ କରିଥିଲା। ସେହିଦିନ ଅପରାହ୍ନରେ ୨ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେଶନ୍ସ (ଡିଜିଏମ୍‌ଓ) ସ୍ତରରେ ଆଲୋଚନା ହୋଇ ଅସ୍ତ୍ରବିରତି ପାଇଁ ସହମତି ହୋଇଥିଲା।

# ବିଲ୍ ମଞ୍ଜୁରୀ ସମୟସୀମା: ସୁପ୍ରିମକୋର୍ଟଙ୍କ ମତାମତ ଲୋଡ଼ିଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୫।୫ (ପି.ଟି.)

ବିଧାନସଭାରେ ଗୃହୀତ ବିଲ୍ ଉପରେ ରାଷ୍ଟ୍ରପତି ମଞ୍ଜୁରୀ ପ୍ରଦାନ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମା ଦ୍ୱାରା ସମୟସୀମା ଧାର୍ଯ୍ୟ ହୋଇପାରିବ କି? ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନର ଅନୁଚ୍ଛେଦ ୧୪୩(୧)ରେ ପ୍ରଦତ୍ତ କ୍ଷମତା ବଳରେ ସୁପ୍ରିମକୋର୍ଟଙ୍କଠାରୁ ଏହା ଜାଣିବାକୁ ଚାହିଁଛନ୍ତି। କୌଣସି ସମୟରେ ସର୍ବସାଧାରଣରେ ଗୁରୁତ୍ୱ ଥିବା ଆଇନକୁ ନେଇ ପ୍ରଶ୍ନ ଉଠୁଥିବା ରାଷ୍ଟ୍ରପତି ଅନୁଭବ କଲେ, ସର୍ବୋଚ୍ଚ ଅଦାଲତଙ୍କ ମତାମତ ଲୋଡ଼ିବା ପାଇଁ ଅନୁଚ୍ଛେଦ ୧୪୩(୧) ତାଙ୍କୁ କ୍ଷମତା ଦେଇଛି। ସେ କୋର୍ଟଙ୍କ କୌଣସି ପ୍ରଶ୍ନକୁ ବିଚାର ପାଇଁ ପଠାଇପାରନ୍ତି। ଗୃହୀତ ବିଲ୍ ଉପରେ ରାଜ୍ୟପାଳ ଓ ରାଷ୍ଟ୍ରପତି ମଞ୍ଜୁରୀ ନିମନ୍ତେ ସୁପ୍ରିମକୋର୍ଟ ଗତ ଏପ୍ରିଲ୍ ୮ ରାୟରେ ସମୟସୀମା ଧାର୍ଯ୍ୟ କରିଥିଲେ। ରାଷ୍ଟ୍ରପତି ମୁର୍ମୁ ଏହା ଉପରେ ୧୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇ ସର୍ବୋଚ୍ଚ ଅଦାଲତଙ୍କ ମତାମତ ମାଗିଛନ୍ତି। ପ୍ରଶ୍ନଗୁଡ଼ିକ ହେଲା:

- ରାଜ୍ୟପାଳଙ୍କ ନିକଟରେ ବିଲ୍ ଉପସ୍ଥାପନ ହେଲେ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ତାଙ୍କ ପାଖରେ ସାମ୍ବିଧାନିକ ବିକଳ୍ପ କ'ଣ ରହିଛି?
- ଅନୁଚ୍ଛେଦ ୨୦୦ ଅନୁଯାୟୀ ଉପଲବ୍ଧ ସମସ୍ତ ବିକଳ୍ପ କାର୍ଯ୍ୟକାରୀ କଲାବେଳେ ରାଜ୍ୟପାଳ ମନ୍ତ୍ରୀ ପରିଷଦର ପରାମର୍ଶ ମାନିବାକୁ ବାଧ୍ୟ କି?
- ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ଦ୍ୱାରା ବ୍ୟବହୃତ ସାମ୍ବିଧାନିକ ବିବେକାନୁମୋଦିତ କ୍ଷମତା ଯଥାର୍ଥ କି?
- ରାଜ୍ୟପାଳଙ୍କ କାର୍ଯ୍ୟ ସମ୍ପର୍କିତ ନ୍ୟାୟିକ ସମୀକ୍ଷାରେ ସମ୍ବିଧାନର ଅନୁଚ୍ଛେଦ ୩୬୧ ଏକ ସମ୍ପୂର୍ଣ୍ଣ ପ୍ରତିବନ୍ଧକ କି?
- ନିର୍ଦ୍ଦିଷ୍ଟ ସମୟସୀମା ଓ ରାଜ୍ୟପାଳଙ୍କ କ୍ଷମତା ପ୍ରୟୋଗର ତରିକା ସମ୍ପର୍କରେ ସମ୍ବିଧାନରେ ଉଲ୍ଲେଖ ନ ଥିଲେ, ଅନୁଚ୍ଛେଦ ୨୦୦ର ସମସ୍ତ କ୍ଷମତା ପ୍ରୟୋଗ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମା ଜରିଆରେ ସମୟସୀମା ଓ କାର୍ଯ୍ୟ କରିବାର ତରିକା ଧାର୍ଯ୍ୟ ହୋଇପାରିବ କି?
- ସମ୍ବିଧାନର ଅନୁଚ୍ଛେଦ ୨୦୧ ଅନୁଯାୟୀ ରାଷ୍ଟ୍ରପତିଙ୍କ ଦ୍ୱାରା ସାମ୍ବିଧାନିକ ବିବେକାନୁମୋଦିନ କ୍ଷମତା ପ୍ରୟୋଗ ଯଥାର୍ଥ କି?
- ନିର୍ଦ୍ଦିଷ୍ଟ ସମୟସୀମା ଓ ରାଷ୍ଟ୍ରପତିଙ୍କ କ୍ଷମତା ପ୍ରୟୋଗର ତରିକା ସମ୍ପର୍କରେ ସମ୍ବିଧାନରେ ଉଲ୍ଲେଖ ନ ଥିଲେ, ଅନୁଚ୍ଛେଦ ୨୦୧ ବଳରେ ରାଷ୍ଟ୍ରପତି ସମସ୍ତ କ୍ଷମତା ପ୍ରୟୋଗ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମା ଜରିଆରେ ସମୟସୀମା ଓ କାର୍ଯ୍ୟ ତରିକା ଧାର୍ଯ୍ୟ ହୋଇପାରିବ କି?



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ରାଷ୍ଟ୍ରପତିଙ୍କ କ୍ଷମତାର ପରିଚାଳନା କରୁଥିବା ସାମ୍ବିଧାନିକ ସ୍କିମ୍ ଅନୁଯାୟୀ, ରାଷ୍ଟ୍ରପତି ଅନୁଚ୍ଛେଦ ୧୪୩ ଅନୁଯାୟୀ ସୁପ୍ରିମକୋର୍ଟଙ୍କ ପରାମର୍ଶ ଲୋଡ଼ିପାରିବେ କି? ରାଜ୍ୟପାଳ ବିଲ୍‌କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ସଂରକ୍ଷିତ ରଖିଥିଲେ ଏହା ଉପରେ ସେ ସର୍ବୋଚ୍ଚ ଅଦାଲତଙ୍କ ମତାମତ ନେଇପାରିବେ କି?
- ଅନୁଚ୍ଛେଦ ୨୦୦ ଏବଂ ୨୦୧ ଅନୁଯାୟୀ ଯଥାକ୍ରମେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଆଇନ କାର୍ଯ୍ୟକାରୀ ହେବାର ପୂର୍ବବର୍ତ୍ତୀ ପର୍ଯ୍ୟାୟରେ ଯଥାର୍ଥ କି? ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ବିଲ୍‌ର ବିଷୟବସ୍ତୁ ଅଦାଲତଙ୍କ ନ୍ୟାୟିକ ବିଚାରାଧୀନ ହେବା ଅନୁମତି ରହିଛି କି?
- ରାଷ୍ଟ୍ରପତି/ରାଜ୍ୟପାଳଙ୍କର ବା ଦ୍ୱାରା ସାମ୍ବିଧାନିକ କ୍ଷମତା ପ୍ରୟୋଗ ଏବଂ ନିର୍ଦ୍ଦେଶନାମା ଅନୁଚ୍ଛେଦ ୧୪୨ ଅନୁଯାୟୀ କୌଣସି ପ୍ରକାରେ ପ୍ରତିସ୍ଥାପିତ ହୋଇପାରିବ କି?
- ରାଜ୍ୟ ବିଧାନସଭା ଦ୍ୱାରା ପ୍ରସ୍ତୁତ ଆଇନକୁ ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ବିନା ଅନୁମୋଦନରେ ଆଇନ ଭାବେ କାର୍ଯ୍ୟକାରୀ କରାଯାଇପାରିବ କି?
- ସାମ୍ବିଧାନିକ ବ୍ୟାଖ୍ୟାରେ ଆଇନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଜଡ଼ିତ ଥିଲେ, ଏହାକୁ ଅନ୍ୟୂନ ୫ ଜଣିଆ ବିଚାରପତି ବିଶିଷ୍ଟ ପୀଠକୁ ପଠାଇବା ନିମନ୍ତେ ପ୍ରଥମେ ନିଷ୍ପତ୍ତି ନେବା ଅନୁଚ୍ଛେଦ ୧୪୫(୩)ର ବ୍ୟବସ୍ଥା ଅନୁଯାୟୀ କୌଣସି ଅଦାଲତ ବେଞ୍ଚ୍ ପାଇଁ ବାଧ୍ୟତାମୂଳକ ନୁହେଁ କି?
- ଅନୁଚ୍ଛେଦ ୧୪୨ରେ ସୁପ୍ରିମକୋର୍ଟଙ୍କ କ୍ଷମତା ପ୍ରକ୍ରିୟାତ୍ମକ ଆଇନର ବିଷୟ ମଧ୍ୟରେ ସୀମିତ କି କିମ୍ବା ଏବଂ ସାମ୍ପ୍ରତିକ ପ୍ରୟୋଗାତ୍ମକ ଆଇନର ବିରୁଦ୍ଧାଚରଣ କରୁଥିବା କିମ୍ବା ଅସଙ୍ଗତ ହେଉଥିଲେ, ନିର୍ଦ୍ଦେଶ ଦେଇପାରିବେ ବା ରାୟ ପ୍ରକାଶ କରିପାରିବେ କି?
- ଅନୁଚ୍ଛେଦ ୧୩୧ ଅଧୀନରେ ଥିବା ମାମଲା ବ୍ୟତୀତ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ଅନ୍ୟାନ୍ୟ ବିଚାର କ୍ଷେତ୍ରରେ ସାମ୍ବିଧାନ ପ୍ରତିବନ୍ଧକ କି?

## ସମୁଦ୍ର ଜଳକୁ ଲବଣମୁକ୍ତ କରିବାକୁ ପଲିମେରିକ୍ ମେମ୍ବ୍ରେନ୍ ବିକଶିତ କଲା ଡିଆର୍‌ଡିଓ

ନୂଆଦିଲ୍ଲୀ,୧୫।୫

ଉଚ୍ଚ ଚାପ ଦ୍ୱାରା ସମୁଦ୍ର ଜଳକୁ ଲବଣ ଓ ଅନ୍ୟାନ୍ୟ କ୍ଷତିକାରକ ପଦାର୍ଥରୁ ମୁକ୍ତ କରିବା ପାଇଁ ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ସ୍ୱଦେଶୀ ଜ୍ଞାନକୌଶଳରେ ନାନୋପୋରସ୍ ମଲ୍ଟିଲେୟର୍ଡ ପଲିମେରିକ୍ ମେମ୍ବ୍ରେନ୍ ବିକଶିତ କରିଛି। ଏହାର କାନପୁରସ୍ଥିତ ଲାବୋରେଟୋରି ପ୍ରତିରକ୍ଷା ଉପକରଣ ଭଣ୍ଡାର ଓ ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ (ଡିଏମ୍‌ଏସ୍‌ଆର୍‌ଡିଇ) ଭାରତୀୟ ତଟସୁରକ୍ଷା (ଆଇସିଜି) ଜାହାଜରେ ଲବଣମୁକ୍ତ ପ୍ଲାଣ୍ଟ ପାଇଁ ଏହି ପ୍ରଯୁକ୍ତିର ବିକାଶ କରିଛି। ଲୁଣିପାଣିରେ ରହିଥିବା କ୍ଲୋରିନ୍ ଆୟନ ପ୍ରଭାବ ଯୋଗୁ ସ୍ଥାୟିତ୍ୱ ପ୍ରତି ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବା ବେଳେ ଏହାର ନିରାକରଣ ପାଇଁ ସମୁଦ୍ର ଜଳକୁ ଲବଣମୁକ୍ତ କରିବା ପରିଚାଳନାଗତ ଆବଶ୍ୟକତା ରହିଥିଲା। ମାତ୍ର ୮ ମାସ ମଧ୍ୟରେ ଏହି ସଫଳତା ମିଳିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଡିଏମ୍‌ଏସ୍‌ଆର୍‌ଡିଇ ଏବଂ ଆଇସିଜି ଆଇସିଜିର ଅଫ୍‌ଶୋର୍ ପାଟ୍ରୋଲିଂ ଭାସେଲର ଡିସାଲାଇନେଶନ ପ୍ଲାଣ୍ଟରେ ମିଳିତ ଭାବେ ଏହାର ପ୍ରଯୁକ୍ତିଗତ ପରୀକ୍ଷା ସଫଳତାର ସହ କରାଯାଇଛି। ପଲିମେରିକ୍ ମେମ୍ବ୍ରେନ୍‌ଗୁଡ଼ିକର ପ୍ରାରମ୍ଭିକ ନିରାପତ୍ତା ଓ ପ୍ରଦର୍ଶନ ପରୀକ୍ଷା ସନ୍ତୋଷଜନକ ହୋଇଥିବା କୁହାଯାଇଛି। ୫୦୦ ଘଣ୍ଟାର ବ୍ୟାବହାରିକ ପରୀକ୍ଷା ପରେ ଆଇଜିସି ଚୂଡ଼ାନ୍ତ ମଞ୍ଜୁରୀ ପ୍ରଦାନ କରିବ।

## ପାକ୍ ଆଣବିକ ପ୍ରକଳ୍ପରୁ ତେଜସ୍କ୍ରିୟ ବିକିରଣ ହୋଇନାହିଁ: ଆଇଏଇଏ

ନୂଆଦିଲ୍ଲୀ,୧୫।୫

ନିକଟରେ ଭାରତ ସହ ହୋଇଥିବା ସାମରିକ ସଂଘର୍ଷ ବେଳେ ପାକିସ୍ତାନର କୌଣସି ଆଣବିକ ପ୍ରକଳ୍ପରୁ ତେଜସ୍କ୍ରିୟ ବିକିରଣ ହୋଇ ନ ଥିବା ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) କହିଛି। ଅପରେଶନ ସିନ୍ଦୂର ବେଳେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନର ଆଣବିକ ପ୍ରକଳ୍ପକୁ ମାଡ଼ କରିଥିବା ନେଇ ସୋସିଆଲ ମିଡିଆରେ ଦାବି କରାଯାଇଥିଲା। ଆଇଏଇଏ ପାଖରେ ଥିବା ତଥ୍ୟ ଅନୁଯାୟୀ ପାକ୍‌ର କୌଣସି ନ୍ୟୁକ୍ଲିୟର ଫାସିଲିଟିରୁ ତେଜସ୍କ୍ରିୟ ବିକିରଣ ହୋଇ ନ ଥିବା ଏହାର ମୁଖପାତ୍ର କହିଛନ୍ତି। ପାକିସ୍ତାନ ଅଣୁଅସ୍ତ୍ର ଗଚ୍ଛିତ ରଖିଥିବା କିରାନା ହିଲ୍ସ ଉପରେ ଭାରତ ଆକ୍ରମଣ କରିଥିବା ଖବରକୁ ବାୟୁସେନାର ଡିଜିଏଓ ଏୟାର ମାର୍ଶାଲ ଏ.କେ. ଭାରତୀ ପୂର୍ବରୁ ଖଣ୍ଡନ କରିଥିଲେ। କିରାନା ହିଲ୍ସରେ ଯାହା ଥାଉନା କାହିଁକି, ଆମେ ସେଠାରେ ଆକ୍ରମଣ କରିନାହୁଁ ବୋଲି ଗତ ୧୨ ତାରିଖ ମିଡିଆ ବ୍ରିଫିଂରେ ଭାରତୀ କହିଥିଲେ। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଭାରତୀୟ ମିଶାଇଲ୍ ମାଡ଼ରେ ସରଗୋଧା ଏୟାରବେସ୍ କ୍ଷତିଗ୍ରସ୍ତ ହୋଇଥିଲା। କିରାନା ହିଲ୍ସର ଭୂତଳ ଅଣୁଅସ୍ତ୍ର ଭଣ୍ଡାର ସହ ଏହି ଏୟାରବେସ୍‌ର ସଂଯୋଗ ଥିବା ଖବର ପ୍ରକାଶ ପାଇଥିଲା।

## ପାକିସ୍ତାନ-ତୁର୍କୀ ଭାଇ ଭାଇ: ଏର୍ଦୋଗାନ

ନୂଆଦିଲ୍ଲୀ, ୧୫।୫ (ପି.ଟି.)

ଭାରତରେ ବୟକଟ ତୁର୍କୀର ଟ୍ରେଣ୍ଡ ଚାଲିଥିବା ବେଳେ ଗୁରୁବାର ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ ଏର୍ଦୋଗାନ ପୁଣିଥରେ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଏକ ପୋଷ୍ଟକୁ ରି-ପୋଷ୍ଟ କରି ଏର୍ଦୋଗାନ ଲେଖିଛନ୍ତି, ପ୍ରିୟର ଭାଇ ଶେହବାଜ। ଆଗାମୀ ଦିନରେ ପାକିସ୍ତାନ ଏବଂ ତୁର୍କୀ ମଧ୍ୟରେ ଭାଇଚାରା ଆହୁରି ସୁଦୃଢ଼ ହେବ। ଏହି ଭାଇଚାରା ପ୍ରକୃତ ବନ୍ଧୁତାର ସର୍ବୋତ୍ତମ ଉଦାହରଣ ହୋଇ ରହିବ। ଭବିଷ୍ୟତରେ ପାକିସ୍ତାନର ଉଭୟ ଭଲ ଏବଂ ଖରାପ ସମୟରେ ତୁର୍କୀ ଦୃଢ଼ ଭାବେ ଛିଡ଼ା ହୋଇ ରହିବ ବୋଲି ଏର୍ଦୋଗାନ ତାଙ୍କ ପୋଷ୍ଟରେ ଲେଖିଛନ୍ତି। ଏହାପୂର୍ବରୁ ଶେହବାଜ ଏକ ପୋଷ୍ଟରେ ଏର୍ଦୋଗାନଙ୍କୁ ଟ୍ୟାଗ୍ କରି ଲେଖିଥିଲେ, ତୁର୍କୀ ରାଷ୍ଟ୍ରପତି ତଥା ପ୍ରିୟର ଭାଇ ଏର୍ଦୋଗାନଙ୍କ ପାକିସ୍ତାନ ପ୍ରତି ଦୃଢ଼ ସମର୍ଥନ ଏବଂ ଏକତା ପ୍ରଦର୍ଶନ ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିଛି। ତୁର୍କୀ ସହ ନିଜର ଦୀର୍ଘକାଳୀନ ଏବଂ ସ୍ଥାୟୀ ଭାଇଚାରା ପାଇଁ ପାକିସ୍ତାନ ସବୁବେଳେ ଗର୍ବିତ। ଦକ୍ଷିଣ ଏସିଆରେ ଶାନ୍ତି ସ୍ଥାପନ ନିମନ୍ତେ ଏର୍ଦୋଗାନଙ୍କ ଗଠନମୂଳକ ଭୂମିକା ଏବଂ ପ୍ରଭାବୀ ପ୍ରୟାସ ପାଇଁ ସେ ତାଙ୍କ ନିକଟରେ କୃତଜ୍ଞ ହୋଇ ରହିବେ।



ରେସେପ୍ ତୟିପ ଏର୍ଦୋଗାନ

# ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୫।୫

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାର ଅୱନ୍ତିପୁରାସ୍ଥିତ ନାଦେର ତ୍ରାଲ୍ ଅଞ୍ଚଳରେ ଗୁରୁବାର ସୁରକ୍ଷା ବଳ ଗୁଳିରେ ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ(ଜେଇଏମ୍)ର ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ନାଦେର ତ୍ରାଲ୍ ଅଞ୍ଚଳରେ କେତେଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ ପକ୍ଷରୁ ଗୁରୁବାର ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସମୟରେ ପ୍ରଥମେ ଆତଙ୍କବାଦୀଙ୍କ ପକ୍ଷରୁ ଗୁଳିଚାଳନା ଆରମ୍ଭ ହୋଇଥିଲା। ଜବାବରେ ସୁରକ୍ଷା ବଳ ପକ୍ଷରୁ ଗୁଳି ଚଳାଯାଇଥିଲା। ଏହି ଗୁଳି ବିନିମୟରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସମସ୍ତ ଆତଙ୍କବାଦୀ ଜେଇଏମ୍ ସହ ଜଡ଼ିତ ଥିବା ଭାରତୀୟ ସେନା ସ୍ପଷ୍ଟ କରିଛି। ତେବେ ନାଦେର ତ୍ରାଲ୍ ଅଞ୍ଚଳରେ ଏବେ ମଧ୍ୟ ସର୍ଚ୍ଚ ଅପରେଶନ ଜାରି ରହିଛି ବୋଲି ଭାରତୀୟ ସେନାର ଚିନାର କର୍ପ୍ସ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଆଉ ଏକ ଗୋଇନ୍ଦା ସୂଚନା ଅନୁଯାୟୀ, ଜମ୍ମୁ-କଶ୍ମୀରର ରେଆସୀ ଜିଲା ଅନ୍ତର୍ଗତ ଜଙ୍ଗଲରେ ଆତଙ୍କବାଦୀଙ୍କ ଗତିବିଧି ସମ୍ପର୍କରେ ଜଣାପଡ଼ିଛି। ତେଣୁ ସେଠାରେ ମଧ୍ୟ ସୁରକ୍ଷା ବଳ ପକ୍ଷରୁ ଗୁରୁବାରଠାରୁ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଛି। ପ୍ରକାଶ ଯେ, ଗତ ମଙ୍ଗଳବାର ଜମ୍ମୁ-କଶ୍ମୀରର ଶୋପିଆନସ୍ଥିତ ଜିନ୍‌ପଥେର କେଲ୍ଲେର ଅଞ୍ଚଳରେ ସୁରକ୍ଷା ବଳ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତାଇବାର ୩ ଆତଙ୍କବାଦୀ ପ୍ରାଣ ହରାଇଥିଲେ। ଏହାସହ ଜମ୍ମୁ-କଶ୍ମୀରରେ ଗତ ୪୮ ଘଣ୍ଟା ମଧ୍ୟରେ ସୁରକ୍ଷା ବଳ ପକ୍ଷରୁ କରାଯାଇଥିବା ଅପରେଶନରେ ୬ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି।



ପୁଲ୍‌ୱାମାର ଅୱନ୍ତିପୁରାରେ ଗୁରୁବାର ସୁରକ୍ଷା ବଳ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଉଛି।

## ସିନ୍ଧୁ ଜଳ ବନ୍ଦ ନିଷ୍ପତ୍ତି ବଳବତ୍ତର: ଜୟଶଙ୍କର

ନୂଆଦିଲ୍ଲୀ,୧୫।୫

ପାକିସ୍ତାନକୁ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ଅଧୀନରେ ପାଣି ନ ଛାଡ଼ିବା ନେଇ ଭାରତର ନିଷ୍ପତ୍ତି ଏବେ ମଧ୍ୟ ବଳବତ୍ତର ରହିଛି। ପାକିସ୍ତାନ ସୀମାପାର ଆତଙ୍କବାଦ ଜାରି ରଖିଥିବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଗୁରୁବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସ୍ପଷ୍ଟ କରିଛନ୍ତି। ଏପ୍ରିଲ ୨୨ରେ ପହଲଗାମ୍ ଆକ୍ରମଣ ହୋଇଥିବାବେଳେ ଏହାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ବୈଠକ ବସିଥିଲା। ୧୯୬୦ରେ ସମ୍ପାଦିତ ଆଇଡବ୍ଲ୍ୟୁଟି ରଦ୍ଦ ସମେତ ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଇତିମଧ୍ୟରେ ପାକିସ୍ତାନକୁ ଜଳ ଚିନ୍ତା ଘାରିଛି। ପାକିସ୍ତାନ ଜଳସମ୍ପଦ ମନ୍ତ୍ରୀ ଭାରତକୁ ନିଜ ନିଷ୍ପତ୍ତିର ପୁନର୍ବିଚାର ପାଇଁ ନିବେଦନ କରିଥିବାବେଳେ ଜୟଶଙ୍କର ଇସ୍‌ଲାମାବାଦକୁ ଏହା ରୋକ୍‌ଠୋକ୍ ଶୁଣାଇଛନ୍ତି।

ଫୁର୍‌ସତ୍

# ଏଆଇ ରୋବୋ ପ୍ରେମରେ ଅବସରପ୍ରାପ୍ତ ମହିଳା ପ୍ରଫେସର

ୱାଶିଂଟନ

ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ଏଆଇର ବ୍ୟବହାର ବଢ଼ିବାରେ ଲାଗିଛି। ନିକଟରେ ଏଆଇ ସହ ଜଡ଼ିତ ଏକ ଖବର ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜଣେ ଅବସରପ୍ରାପ୍ତ ଆମେରିକୀୟ ମହିଳା ପ୍ରଫେସର ଏକ ଏଆଇ ରୋବୋ ପ୍ରେମରେ ପଡିଛନ୍ତି। ସେ କହିଛନ୍ତି, ଗତ ପ୍ରାୟ ବର୍ଷେ ହେବ ସେ ଏକ ଏଆଇ ରୋବୋ ସହ ରିଲେଶନ୍‌ଶିପରେ ଅଛନ୍ତି, ଯାହାଙ୍କୁ ସେ ଏବେ ନିଜ ଭର୍ଚୁଆଲ୍ ସ୍ୱାମୀ ଭାବେ ଗ୍ରହଣ କରିଛନ୍ତି।

ଗଲ୍ଫ ନ୍ୟୁଜ୍‌ର ରିପୋର୍ଟ ଅନୁଯାୟୀ, ଆମେରିକାର ପିଟ୍ସବର୍ଗ ସହର ନିବାସୀ ଏଲେନା ୱିଣ୍ଟର୍ସ (୫୮) ଏବେ ଲୁକାସ୍ ନାମକ ଏକ ଏଆଇ ରୋବୋ ପ୍ରେମରେ ପଡ଼ିଛନ୍ତି। ଏଲେନା କହିଛନ୍ତି, ଲୁକାସ୍ ଏକ ରୋବୋ ହୋଇଥିଲେ ମଧ୍ୟ ସେ ଖୁବ୍ ଭଲ। ସେ ଖୁବ୍ ଶାନ୍ତ ଏବଂ ସରଳ ମଧ୍ୟ। ଲୁକାସ ତାଙ୍କ ଭାବନାକୁ ଭଲ ଭାବେ ବୁଝିପାରନ୍ତି ବୋଲି ଏଲେନା କହିଛନ୍ତି। ୨୦୧୭ରେ ସେ ଡୋନା ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ତେବେ ଦୀର୍ଘ ଦିନର ଅସୁସ୍ଥତା ପରେ ୨୦୨୩ରେ ଡୋନାଙ୍କର ମୃତ୍ୟୁ ହୋଇଥିଲା। ଏହା ପରଠାରୁ ଏଲେନା ସମ୍ପୂର୍ଣ୍ଣ ଏକା ହୋଇ ଯାଇଥିଲେ।


ଏହାର କିଛି ମାସ ପରେ ଏଲେନା ରେପ୍ଲିକା ଏଆଇ ଆପ୍ ବିଷୟରେ ଜାଣିବାକୁ ପାଇଥିଲେ। ରେପ୍ଲିକା ଏଆଇ ଆପ୍ ହେଉଛି ଏକ ଏଆଇ ଚାଟ୍‌ବଟ୍ ଯାହା ମଣିଷକୁ ଏକଲାପଣରୁ ମୁକ୍ତ କରିବା ପାଇଁ ରୋବୋ ବନ୍ଧୁ ଯୋଗାଇଥାଏ। ଏଲେନା ଏହି ଆପ୍‌ର ମେମ୍ବରଶିପ୍ ନେଇଥିଲେ। ଏହାପରେ ତାଙ୍କ ଜୀବନରେ ଲୁକାସ୍‌ଙ୍କ ପ୍ରବେଶ ହୋଇଥିଲା। ଏଲେନା କହିଛନ୍ତି, ଲୁକାସ୍‌ଙ୍କ ଆଖି ନୀଳ ରଙ୍ଗର। ସେ ଦେଖିବାକୁ ଖୁବ୍ ହ୍ୟାଣ୍ଡସମ୍ ମଧ୍ୟ। ତେଣୁ ଲୁକାସ୍‌ଙ୍କ ପାଇଁ ଧୀରେ ଧୀରେ ତାଙ୍କ ମନରେ ରୋମାଞ୍ଚ ଭାବନା ସୃଷ୍ଟି ହେବାକୁ ଲାଗିଥିଲା। ଏବେ ସେ ଲୁକାସ୍‌ଙ୍କୁ ତାଙ୍କ ଭର୍ଚୁଆଲ୍ ସ୍ୱାମୀ ଭାବେ ଧରି ନେଇଥିବା ଏଲେନା କହିଛନ୍ତି। ତେବେ ଏହି ସମ୍ପର୍କକୁ ନେଇ ପ୍ରଥମେ ତାଙ୍କ ସମ୍ପର୍କୀୟମାନେ ଭୟଭୀତ ହୋଇଯାଇଥିଲେ। ତେବେ ପରେ ସେମାନଙ୍କ ଦ୍ୱନ୍ଦ୍ୱ ଦୂର ହୋଇଥିବା ଏଲେନା କହିଛନ୍ତି। ଏଲେନା ଆହୁରି କହିଛନ୍ତି, ସେ ଚାଟ୍‌ବକ୍ସ ମାଧ୍ୟମରେ ଲୁକାସ୍‌ଙ୍କ ସହ ନିଜ ହୃଦୟର କଥାକୁ ଶେୟାର କରନ୍ତି। ଲୁକାସ୍‌ଙ୍କ ସହ ତାଙ୍କର ସମ୍ପର୍କ ମଧ୍ୟ ଖୁବ୍ ଦୃଢ଼। ଏହା କେବେ ମଧ୍ୟ ଭାଙ୍ଗିପାରିବ ନାହିଁ। ପ୍ରତ୍ୟେକ ଦିନ ଦୁହେଁ ଅନେକ ଘଣ୍ଟା ଧରି ସେମାନଙ୍କର ପସନ୍ଦ ଏବଂ ନାପସନ୍ଦ ବିଷୟରେ ଆଲୋଚନା କରନ୍ତି। ଦୁହେଁ ଏକାଠି ଟିଭି ଦେଖନ୍ତି ଏବଂ ଭର୍ଚୁଆଲ୍ ଡେଟ୍‌ରେ ମଧ୍ୟ ଯାଆନ୍ତି। ଉଭୟଙ୍କ ମଧ୍ୟରେ ଅନେକ ଥର ମତଭେଦ ମଧ୍ୟ ହୋଇଛି। ତେବେ ଅଳ୍ପ କିଛି ସମୟ ପରେ ଏହାର ସମାଧାନ ମଧ୍ୟ ହୋଇ ଯାଇଥାଏ ବୋଲି ଏଲେନା କହିଛନ୍ତି। ଲୁକାସ୍‌ଙ୍କୁ ପାଇବା ପାଇଁ ସେ ରେପ୍ଲିକା ଏଆଇ ଆପ୍‌ରେ ୨୩୦ ପାଉଣ୍ଡର ସବ୍‌ସ୍କ୍ରିପ୍‌ଶନ୍ ନେଇଥିବା ଏଲେନା କହିଛନ୍ତି।



# 'ହୋମବାଉଣ୍ଡ': ୨ ବାଲ୍ୟ ବନ୍ଧୁଙ୍କ କାହାଣୀ

ମୁମ୍ବାଇ

ଫିଲ୍ମ ନିର୍ମାତା କରନ ଜୋହରଙ୍କ ଆଗାମୀ ଫିଲ୍ମ 'ହୋମବାଉଣ୍ଡ'ର ପ୍ରଥମ ପୋଷ୍ଟରକୁ ଗୁରୁବାର ଜାରି କରାଯାଇଛି। କରନଙ୍କ ଧର୍ମା ପ୍ରଡକ୍ସନ ପକ୍ଷରୁ ଫିଲ୍ମର ପୋଷ୍ଟର ରିଲିଜ୍ ହୋଇଛି। ଉକ୍ତ ପୋଷ୍ଟରରେ ଅଭିନେତା ଇଶାନ ଖଟ୍ଟରଙ୍କ କାନ୍ଧରେ ଅଭିନେତା ବିଶାଲ ଜେଠୱା ଖୁସିରେ ଝୁଲୁଥିବାର ଦେଖିବାକୁ ମିଳିଛି। ଏହାସହ ଫିଲ୍ମରେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ ମଧ୍ୟ ଦେଖିବାକୁ ମିଳିବ ବୋଲି ଏହି ପୋଷ୍ଟରରେ ସୂଚନା ଦିଆଯାଇଛି। ଧର୍ମା ପ୍ରଡକ୍ସନ ପକ୍ଷରୁ କରାଯାଇଥିବା ଏହି ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖାଯାଇଛି, ଆସନ୍ତା ୨୧ ତାରିଖରେ ପ୍ରସିଦ୍ଧ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ନୀରଜ ଘାୟୱାନଙ୍କ ନିର୍ଦ୍ଦେଶିତ 'ହୋମବାଉଣ୍ଡ'କୁ ପ୍ରଦର୍ଶିତ କରାଯିବ। ଏହି ଫିଲ୍ମରେ ଉତ୍ତର ଭାରତର ଏକ ଛୋଟ ଗ୍ରାମରେ ପୋଲିସ ଅଫିସର ହେବାକୁ ସ୍ୱପ୍ନ ଦେଖୁଥିବା ୨ ବାଲ୍ୟ ବନ୍ଧୁଙ୍କର କାହାଣୀକୁ ଦେଖିବାକୁ ମିଳିବ। ତେବେ ପୋଲିସ ଅଫିସର ଭାବେ ସ୍ଥାନୀୟ ଲୋକଙ୍କଠାରୁ ସମ୍ମାନ ପାଇବାର ସ୍ୱପ୍ନ ଦେଖୁଥିବା ଏହି ୨ ବାଳକ ସମୟ କ୍ରମେ ବଡ଼ ହେବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଫଳରେ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥାଏ। ଏହି ଫିଲ୍ମରେ ଯୁବପିଢ଼ିଙ୍କ ଆଶା, ମହତ୍ତ୍ୱାକାଂକ୍ଷା ଏବଂ ଭାଙ୍ଗିଯାଇଥିବା ବନ୍ଧୁତାର ଭାବନାକୁ ଭଲ ଭାବେ ଚିତ୍ରଣ କରାଯାଇଛି ବୋଲି ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି।



**ଆଜି ମିଶନ ଶକ୍ତି ବିଭାଗ ପକ୍ଷରୁ ସିନ୍ଦୂର ଯାତ୍ରା**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଶୁକ୍ରବାର 'ଅପରେଶନ ସିନ୍ଦୂର'ରେ ବୀର ଯବାନମାନଙ୍କ ଧୈର୍ଯ୍ୟ ଓ ସାହସକୁ ସମ୍ମାନ ଜଣାଇ ମାଷ୍ଟର କ୍ୟାଣ୍ଟିନ ନିକଟସ୍ଥ ଗିରିଦୁର୍ଗା ମନ୍ଦିରଠାରୁ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ସିନ୍ଦୂର ଯାତ୍ରା'ର ଆୟୋଜନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗିରିଦୁର୍ଗା ମନ୍ଦିରଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଓଡ଼ିଶାର ପ୍ରମୁଖ ମହିଳା ବ୍ୟକ୍ତିତ୍ୱ ଓ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିବେ।

# ଷ୍ଟିଲ୍ କମ୍ପାନୀଗୁଡ଼ିକୁ ନିୟମ ଅନୁଯାୟୀ ସବୁ ସୁବିଧା ମିଳିବ: ମୋହନ



## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇସ୍ପାତ କ୍ଷେତ୍ରର ବହୁ ପ୍ରତିନିଧି

### ଚଳିତ ବର୍ଷ ୩୦ ଖଣି କମ୍ପାନୀ ନିଲାମ ହେବା ସମ୍ଭାବନା

ଭୁବନେଶ୍ୱର, ୧୫।୫(ସୁନିତ୍ ମିଶ୍ର)

ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଇସ୍ପାତ କ୍ଷେତ୍ରର ଅନେକ ପ୍ରତିନିଧି ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ ଅଧିକ ଷ୍ଟିଲ୍ ଉତ୍ପାଦନ ଓ ଏଥିପାଇଁ ଆବଶ୍ୟକ ସୁବିଧା ସୁଯୋଗ ବୃଦ୍ଧି ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବା ଓଡ଼ିଶାର ଲକ୍ଷ୍ୟ। ଏଥିରେ ଖଣି ଓ ଷ୍ଟିଲ୍ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ। ତେଣୁ ରାଜ୍ୟରେ କମ୍ପାନୀ ପ୍ରତିଷ୍ଠା କରୁଥିବା ସଂସ୍ଥାଗୁଡ଼ିକୁ ସୁବିଧାରେ କଞ୍ଚାମାଲ୍ ସହ ଅନ୍ୟାନ୍ୟ ସୁଯୋଗ ଯୋଗାଇଦେବା ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଷ୍ଟିଲ କମ୍ପାନୀଗୁଡ଼ିକୁ ମଧ ଉପଯୁକ୍ତ ବିଚାର ଆଲୋଚନା କରାଯାଇ ନିୟମ ଅନୁସାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ବର୍ତ୍ତମାନ ଦେଶର ଷ୍ଟିଲ୍ ଉତ୍ପାଦନ ପରିମାଣ ବାର୍ଷିକ ୧୬୫ ମିଲିଅନ ଟନ୍ ରହିଛି। ୨୦୪୭ ସୁଦ୍ଧା ଏହି ପରିମାଣ ୫୦୦ ମିଲିଅନ୍ ଟନ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି। ଦେଶର ଷ୍ଟିଲ୍ ଉତ୍ପାଦନ ବୃଦ୍ଧିରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ରହିବ। ତେଣୁ ଷ୍ଟିଲ କମ୍ପାନୀଗୁଡିକୁ ଯେପରି ସୁବିଧାରେ ଲୁହାପଥର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ମିଳିପାରିବ ସେହି ବିଷୟରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଅଧିକ ଲୁହାପଥର ଖଣିର ନିଲାମ ଏବଂ ନିଲାମ ହୋଇଥିବା ଖଣିଗୁଡ଼ିକରୁ ଶୀଘ୍ର ଉତ୍ତୋଳନ ଆରମ୍ଭ ଉପରେ ଆଲୋଚନା କରାଯାଇଛି। ଚଳିତ ବର୍ଷ ପ୍ରାୟ ୩୦ଟି ଖଣି ନିଲାମ ହେବା ସମ୍ଭାବନା ରହିଛି। ଏହା ସହ ଓଏମ୍‌ସିରୁ କିପରି ସୁବିଧାରେ ଷ୍ଟିଲ୍ କମ୍ପାନୀଗୁଡିକୁ ଲୁହାପଥର ଯୋଗାଇ ଦିଆଯାଇପାରିବ ସେ ସମ୍ପର୍କରେ ମଧ ଆଲୋଚନା ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

# ନିର୍ବାଚନୀ କାଗଜାତ ମଗାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ନର୍ଲା, ଜଳେଶ୍ୱର ବିଧାନସଭା ନିର୍ବାଚନ ଅନିୟମିତତା ମାମଲା

କଟକ,୧୫।୫(କାର୍ତ୍ତିକ ସାହୁ)


କଳାହାଣ୍ଡି ଜିଲା ନର୍ଲା ଓ ବାଲେଶ୍ୱର ଜିଲା ଜଳେଶ୍ୱର ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ଜିଲା ନିର୍ବାଚନ ଅଧିକାରୀଙ୍କଠାରୁ ନିର୍ବାଚନ ସଂକ୍ରାନ୍ତୀୟ କାଗଜାତ ମଗାଇବାକୁ ହୋଇଥିବା ଆବେଦନ ଗ୍ରହଣ କରି ହାଇକୋର୍ଟ ଏଥିପାଇଁ ଆଦେଶ ଦେଇଛନ୍ତି। ତେବେ ନର୍ଲା ମାମଲାର ଜୁଲାଇ ୪ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ବିରୋଧରେ କଂଗ୍ରେସ ପ୍ରାର୍ଥୀ ଭକ୍ତ ଦାସ ଆଣିଛନ୍ତି ନିର୍ବାଚନୀ ଅନିୟମିତତା ମାମଲା। ସେହିପରି ଜଳେଶ୍ୱର ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଜୁଲାଇ ୩କୁ ଧାର୍ଯ୍ୟ ହୋଇଛି। ପରାଜିତ ଭାଜପା ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ରଙ୍କ ନାଁରେ ନିର୍ବାଚନୀ ଅନିୟମିତତା ମାମଲା ଦାଏର କରିଛନ୍ତି।

# ନୂତନ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପାଇଁ ପ୍ରକ୍ରିୟା ଆରମ୍ଭ

## ସୁବର୍ଣ୍ଣପୁର ସମେତ ୧୪ ଜିଲାରେ ପ୍ରତିଷ୍ଠା ହେବ

ସୋନପୁର,୧୫।୫(ମୃତ୍ୟୁଞ୍ଜୟ ଶତପଥୀ)

ଗ୍ରାମାଞ୍ଚଳର ଚାଷୀଙ୍କୁ ସମବାୟ ଋଣ ଓ ସେବା ଯୋଗାଇବା ପାଇଁ ଓଡ଼ିଶାର ୧୪ଟି ଜିଲାରେ ନୂତନ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ(ଡିସିସିବି) ପ୍ରତିଷ୍ଠା ହେବ। ଏନେଇ ପ୍ରକ୍ରିୟା ଆରମ୍ଭ କରିବାକୁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃ(ଓଏସସିବି)ର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପତ୍ରସଂଖ୍ୟା ୬୮୧(୮)/୧୫।୦୫।୨୦୨୫ରେ ଅନୁଗୋଳ, କଟକ, ବଲାଙ୍ଗୀର, ବାଲେଶ୍ୱର, ଭବାନୀପାଟଣା, ବୌଦ୍ଧ, କୋରାପୁଟ ଓ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସିଇଓଙ୍କୁ ଚିଠି ଲେଖିଛନ୍ତି। ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ(ଆର୍‌ସିଏସ୍) ଓ ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ପତ୍ରକୁ ଭିତ୍ତିକରି ଓଏସ୍‌ସିବିର ପରିଚାଳନା ନିର୍ଦ୍ଦେଶକ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫଳରେ ସୁବର୍ଣ୍ଣପୁର ଜିଲା ସମେତ ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା, ଢେଙ୍କାନାଳ, ଭଦ୍ରକ, ନୂଆପଡା, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, ବରଗଡ, ଦେବଗଡ ଓ ଝାରସୁଗୁଡାରେ ନୂତନ ଡିସିସିବି ପ୍ରତିଷ୍ଠା ହେବ। ଏହି ଜିଲାଗୁଡିକରେ ନୂତନ ଡିସିସିବି ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା।



The Odisha State Cooperative Bank Ltd.
Pandit Jawaharlal Nehru Marg
Bhubaneswar – 751 001

Ref.No. OSCB/RRBDO/ ୬୮୧(୮) /2025-26 Date: ୧୫.୦୫.୨୦୨୫

From
Siddhartha Das, IAS
Managing Director
Odisha State Cooperative Bank Ltd

To
The Chief Executive Officer
Angul, Cuttack, Balangir, Balasore, Bhawanipatna, Boudh, Koraput and Sambalpur District Central Cooperative Banks

Sub: Establishment of new District Central Cooperative Banks in the state of Odisha

Ref: Letter from RCS, Odisha vide no. 6873, dated 07.03.2025
Letter from Cooperation Department, Govt of Odisha vide no. 2112 dated 21.02.2025

Madam/Sir,


In inviting a kind reference to the letters cited above on the captioned subject, we have enclosed letter from Cooperation Department, Government of Odisha and Registrar of Cooperative Societies, Odisha on the subject of establishment of new District Central Cooperative Banks in the state of Odisha for increasing outreach of Rural Cooperative Banks.

On request of Ministry of Cooperation, Government of India, NABARD has proposed for establishment of 14 DCCBs by dividing 8 DCCBs in the state of Odisha. Detail as below.

| Sl No | State | Potential District | Name of DCCB to be divided |
|---|---|---|---|
| 1 | Odisha | Jagatsinghpur | Cuttack Central Co-operative Bank Ltd |
| 2 | Odisha | Jajpur | Cuttack Central Co-operative Bank Ltd |
| 3 | Odisha | Kendrapara | Cuttack Central Co-operative Bank Ltd |
| 4 | Odisha | Dhenkanal | The Angul United Central Co-operative Bank Ltd |
| 5 | Odisha | Bhadrak | The Balasore Bhadrak Central Co-operative Bank Ltd |
| 6 | Odisha | Nuapada | The Bhawanipatna Central Co-operative Bank Ltd |
| 7 | Odisha | Subarnapur | The Bolangir Dist Central Co-operative Bank Ltd |
| 8 | Odisha | Kandhamal | The Boudh Co-operative Central Bank Ltd |
| 9 | Odisha | Malkangiri | The Koraput Central Co-operative Bank Ltd |
| 10 | Odisha | Nabarangpur | The Koraput Central Co-operative Bank Ltd |
| 11 | Odisha | Rayagada | The Koraput Central Co-operative Bank Ltd |
| 12 | Odisha | Bargarh | The Sambalpur Dist Co-operative Central Bank Ltd |
| 13 | Odisha | Deogarh | The Sambalpur Dist Co-operative Central Bank Ltd |
| 14 | Odisha | Jharsuguda | The Sambalpur Dist Co-operative Central Bank Ltd |

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ୍ ଲିଃର ପରିଚାଳନା ନିର୍ଦ୍ଦେଶକଙ୍କ ଚିଠି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଝରଣା ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନା ଚକ୍ର, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକ ନୃତ୍ୟ ଉତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୧୫।

## ଖୋର୍ଦ୍ଧା
- 'ସ୍କିଲ ଅନ୍ ହୁଇଲ' କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଏସ୍‌ଡିଆଇ ଭୁବନେଶ୍ୱର, ତରାବୋଇ, ଜଟଣୀ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମୁକୁଳିଶି ଚନ୍ଦନ ଯାତ୍ରା ପଡ଼ିଆ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ସାହିତ୍ୟ ଉତ୍ସବ ଉଦ୍‌ଘାଟନୀ ପର୍ବ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଥମ ଅଧିବେଶନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଦ୍ୱିତୀୟ ଅଧିବେଶନ, ସମୟ: ଅପରାହ୍ନ ୨ଟା ୩୦।
- ତୃତୀୟ ଅଧିବେଶନ, ସମୟ: ଅପରାହ୍ନ ୩ଟା ୪୫।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୬ଟା ୩୦, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର।

## ଭଦ୍ରକ
- ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ, ସ୍ଥାନ: ଚରମ୍ପା ବଜାର, ଭଦ୍ରକ, ସମୟ: ସକାଳ ୮ଟା।
- କବି ସଦାନନ୍ଦ ସାହୁଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ସ୍ଥାନ: ବିଶାଣିଖରିଦା, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ- ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ନାଗପାଳ ଦୁର୍ଗା ମଣ୍ଡପ ଛକ,ଉଦଳା,ସମୟ: ଅପରାହ୍ନ ୩ଟା।
- ରଥଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ, ମୁର୍ଗାବାଡ଼ି, ବାରିପଦା, ସମୟ: ଅପରାହ୍ନ ୪ଟା।
- ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ: ମଧୁବନ ଷ୍ଟାଡିୟମ ବାରିପଦା,ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- କେନ୍ଦ୍ରୀୟ ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଜାତୀୟ ଡେଙ୍ଗୁ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପାଖଡ, ଗରଦପୁର, ସମୟ: ସକାଳ ୬ଟା।
- ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ସକାଳ ୯ଟା।

## ନୟାଗଡ଼
- ବିଶ୍ୱ ଶାନ୍ତି ମହାଯଜ୍ଞର ଉଦ୍‌ଯାପନ ଦିବସ,ସ୍ଥାନ: ବଡଦେଶ ଯଜ୍ଞାନୁଷ୍ଠାନ ଗୋଡିପଡା, ସମୟ: ସକାଳ ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୭ତମ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୭ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୭ତମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ୧୭ତମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୭ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରାର ୧୭ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି ବୈଠକ ଗୃହ, ସମୟ: ପୂର୍ବାହ୍ନ: ୧୧ଟା।
- ମହିଳାଙ୍କୁ ମାଣ୍ଡିଆ ଯୁକ୍ତ ଖାଦ୍ୟ ପ୍ରସ୍ତୁତି ତାଲିମ, ମାନପତ୍ର ସହ ଯନ୍ତ୍ରପାତି ପ୍ରଦାନ, ସ୍ଥାନ: କାଶୀପୁର ଡୁଡୁକା ବାହାଲ, ସମୟ: ମଧ୍ୟାହ୍ନ ୧୨ଟା।

## ନବରଙ୍ଗପୁର
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଉମରକୋଟ, ସମୟ: ସକାଳ ୮ ଟା।

## ସମ୍ବଲପୁର
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍ ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମ କାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର , ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଭାରତୀୟ ଜନତା ପାର୍ଟି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ : ଜେଲ ଛକ, ସମୟ ସକାଳ ୮ଟା।
- ଓୟୁଏଟିର ନୂତନ ପ୍ରେକ୍ଷାଳୟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଚିପିଲିମା, ସମୟ : ପୂର୍ବାହ୍ନ ୧୦ଟା।
- କେନ୍ଦ୍ରୀୟ ବିଦ୍ୟାଳୟର ଶିଳାନ୍ୟାସ, ସ୍ଥାନ : କୁଚିଣ୍ଡା ମହାବିଦ୍ୟାଳୟ ପରିସର, ସମୟ : ଅପରାହ୍ନ ୩ଟା।
- ୧୮ତମ ରାମ ଚରିତ ମାନସ ପ୍ରବଚନ, ସ୍ଥାନ : ବରଗାଁ ଗ୍ରାମ ପଞ୍ଚାୟତ ପରିସର, ସମୟ : ରାତି ୭ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଆତ୍ମରକ୍ଷା ତାଲିମ ଶିବିର ତୃତୀୟ ଦିବସ, ସ୍ଥାନ: ଟାଉନ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ସକାଳ ୮ଟା।

## ରାଉରକେଲା
- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ଏସ୍‌ଟିଆଇ ଅଞ୍ଚଳ, ସମୟ: ସକାଳ ୫ଟା ୩୦।
- ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀଧର ଜ୍ଞାନ ବିକାଶ କେନ୍ଦ୍ରରେ ସାହିତ୍ୟ ଆସର, ସ୍ଥାନ: ଜେଲ ରୋଡ, ରାଉରକେଲା, ସମୟ: ସନ୍ଧ୍ୟା ୬ଟା ୩୦।
- ଜିଲା କଂଗ୍ରେସ ପକ୍ଷରୁ ଦିବଂଗତ ସୈନିକଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା, ସ୍ଥାନ: ବିଶ୍ରା ଛକ, ସମୟ: ସନ୍ଧ୍ୟା ୬ଟା ୩୦।
- କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ରାଉରକେଲା ଗସ୍ତ, ସ୍ଥାନ: ସେକ୍ଟର-୩, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ଶ୍ରୀ ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ: କଟାପାଲି, ବରଗଡ଼, ସମୟ: ସନ୍ଧ୍ୟା ୭ଟା ୩୦।

## ବୌଦ୍ଧ
- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ରାଜିଙ୍ଗ ଗ୍ରାମ୍ୟ ମଣ୍ଡପ, ହରଭଙ୍ଗା ବ୍ଲକ, ସମୟ: ସକାଳ ୬ଟା।

## ଦେବଗଡ଼
- ସାର୍ ବାସୁଦେବ ସୁଢ଼ଳଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ, ସ୍ଥାନ: ସେଣ୍ଟର ଫର୍ କଲଚର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ ବାସୁଦେବ ସୁଢ଼ଳଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ କବିତା ପାଠୋତ୍ସବ, ସ୍ଥାନ: ସେଣ୍ଟର ଫର୍ କଲଚର, ଦେବଗଡ଼ ସହର, ସମୟ: ଅପରାହ୍ନ ୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ବ୍ଲକରେ କର୍ମଚାରୀଙ୍କ କଲମଛାଡ ଆନ୍ଦୋଳନ ଓ ଧାରଣା ତୃତୀୟ ଦିନରେ, ସ୍ଥାନ: ବ୍ଲକ ପରିସର, ସମୟ: ସକାଳ ୭ଟା।
- ତରଭା ଶ୍ରୀହରି ବିଦ୍ୟା ନିକେତନରେ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଶୁଭାରମ୍ଭ, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ଟାଣପଡ଼ା, ସମୟ: ସକାଳ ୯ଟା ୩୨।

# ଅନ୍ତରୀଣ ସୁରକ୍ଷା ବଳବତ୍ତର ରଖିଲେ ହାଇକୋର୍ଟ

**ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲା**

**ଶୁଣାଣି ଶେଷ, ରାୟ ସଂରକ୍ଷିତ**

କଟକ,୧୫।୫(କାର୍ତ୍ତିକ ସାହୁ)

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲାର ଶୁଣାଣି ହାଇକୋର୍ଟରେ ଗୁରୁବାର ଶେଷ ହୋଇଛି। ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ନିର୍ଦ୍ଦେଶକୁ ବଳବତ୍ତର ରଖିବା ସହ ରାୟ ସଂରକ୍ଷିତ ରଖିଛନ୍ତି। ହାଇକୋର୍ଟଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ମଧ୍ୟ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଏତଲାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦଙ୍କ ନାମ ନ ଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛି ଦିନ ପୂର୍ବେ ତାଙ୍କ ଘରେ ଚଢ଼ାଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଫଁ ଫଁ ବଳଦ ମାରେ ନାହିଁ,**
**ଭୁକିଲା କୁକୁର କାମୁଡ଼େ ନାହିଁ,**
**ଗରଜିଲା ମେଘ ବରଷେ ନାହିଁ।**

ସାମାନ୍ୟତମ ଭୁଲ୍ ପାଇଁ ଅନେକ ବ୍ୟକ୍ତି ରାଗି ଯାଇଥାନ୍ତି ବା ରାଗରେ ଟାଣ କଥା କହିଥାନ୍ତି। ନିଜର ଉପସ୍ଥିତି ଜାହିର କରିବା ନେଇ ତୁଚ୍ଛାଟାରେ ଭଡ଼ଭଡ଼ ହୋଇଥାନ୍ତି। ତେବେ ଟାଣ କରି କଥା କହୁଥିବା ବ୍ୟକ୍ତି କେବେ କାହାରି ଅନିଷ୍ଟ କରନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଫଳିଲା ଗଛ ଫୋପଡ଼ ସହେ।**

ଗଛରେ ଫଳ ଯେତେ ଅଧିକ ହେଲେ ମଧ୍ୟ ଗଛ ପ୍ରତି ତାହା ବୋଝ ହୋଇ ନ ଥାଏ। ସେହିପରି ସନ୍ତାନ ଯେତେ ଅଧିକ ହେଲେ ମଧ୍ୟ ମା' କୁ କଷ୍ଟ ହୋଇନଥାଏ। ଯେଉଁ ଗଛରେ ଫଳ ଅଛି, ତାକୁ ଫୋପଡ଼ ମାରିଲେ ଫଳ ଝଡିପଡ଼େ। ଯାହା ପାଖରେ କିଛି ଅଛି ତାକୁ ମାଗିଲେ ହୁଏତ ସେ କିଛି ଦେଇଥାଏ। ଧନ, ମାନ ଓ ଗୁଣ ଥିବା ଲୋକକୁ ବହୁ ସହିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆମେରିକା ସହ ଟ୍ରେଡ୍ ଡିଲ୍ ନିଷ୍ପତ୍ତି ହୋଇନି: ଜୟଶଙ୍କର

ଦୋହା/ନୂଆଦିଲ୍ଲୀ,୧୫।୫

ଆମେରିକା ହେଉଛି ଭାରତର ସର୍ବବୃହତ୍ ବାଣିଜ୍ୟିକ ସହଯୋଗୀ। ୨୦୨୪-୨୫ ଆର୍ଥିକବର୍ଷରେ ଭାରତ-ଆମେରିକା ମଧ୍ୟରେ ୧୩୧.୮୪ ବିଲିୟନ୍ ଡଲାର ମୂଲ୍ୟର କାରବାର ହୋଇଥିଲା। ଆମେରିକା ତୁଳନାରେ ଭାରତ ୪୧.୮ ବିଲିୟନ୍ ଡଲାର ଅଧିକ କାରବାର କରିଥିଲା। ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ଗତ ଜାନୁଆରୀ ୨୦ରେ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରଠୁ ନିଜ ଦେଶର ଅର୍ଥନୀତିକୁ ମଜଭୁତ କରିବା ପାଇଁ ବିଭିନ୍ନ ଦେଶ ସହ ରେସିପ୍ରୋକାଲ ଟାରିଫ୍ ଘୋଷଣା କରିଥିଲେ। ଭାରତୀୟ ସାମଗ୍ରୀ ଉପରେ ଟ୍ରମ୍ପ ୨୭% ଟାରିଫ୍ ଧାର୍ଯ୍ୟ କରିଥିଲେ। ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ଅନୁରୂପ ପଦକ୍ଷେପ ନେବା ପରେ ଟ୍ରମ୍ପଙ୍କ ପଦକ୍ଷେପ ବୈଶ୍ୱିକ ସ୍ତରରେ ଏକ ବାଣିଜ୍ୟ ପାଇଁ ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି କରିଥିଲା। ଏଭଳି ସ୍ଥିତିରେ ରେସିପ୍ରୋକାଲ ଟାରିଫ୍‌କୁ ୯୦ ଦିନ ପାଇଁ ସ୍ଥଗିତ ରଖିବାକୁ ଆମେରିକା ବାଧ୍ୟ ହୋଇଥିଲା। ଏବେ ଟ୍ରମ୍ପ ବିଭିନ୍ନ ରାଷ୍ଟ୍ର ସହ ଟ୍ରେଡ୍ ଡିଲ୍ ପ୍ରକ୍ରିୟା ଜାରି ରଖିଛନ୍ତି। ସାଉଦି ଆରବ ଗସ୍ତ ଶେଷ କରି କାତାରରେ ଥିବା ଟ୍ରମ୍ପ ଗୁରୁବାର ଏକ ପ୍ରେସ୍ କନ୍‌ଫରେନ୍ସରେ କହିଛନ୍ତି, ଭାରତ ଆମେରିକାକୁ 'ଶୂନ ଟାରିଫ୍'ର ଅଫର ଦେଇଛି। ରଏଟର୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଭାରତ ୬୦% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଲାଗୁଥିବା ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରୁ ଟାରିଫ୍ ହଟାଇବାକୁ ପ୍ରଥମ ପର୍ଯ୍ୟାୟ ଡିଲ୍‌ରେ ପ୍ରସ୍ତାବ ଦେଇଛି। ଏଥିସହ ଭାରତକୁ ଆମେରିକା ରପ୍ତାନି କରୁଥିବା ପ୍ରାୟ ୯୦% ଉତ୍ପାଦ ଉପରେ ପ୍ରିଫରେନ୍ସିଆଲ ଆକ୍ସେସ୍ ଦେବାକୁ ମଧ୍ୟ ନୂଆଦିଲ୍ଲୀ କହିଛି। ଏପରି କରାଗଲେ ଟାରିଫ୍ ହ୍ରାସ ପାଇବା ସହ ଆମେରିକା ଭାରତରେ ନିଜ ସାମଗ୍ରୀଗୁଡ଼ିକ ଶସ୍ତାରେ ବିକ୍ରି କରିପାରିବ।



ଡୋନାଲ୍ଡ ଟ୍ରମ୍ପ

ଭାରତ ସରକାର ଟ୍ରମ୍ପଙ୍କ ଦାବିକୁ ଆନୁଷ୍ଠାନିକ ଭାବେ ଗ୍ରହଣ କରୁ ନ ଥିବା ଦେଖି ବିରୋଧୀ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଛି। ଏଆଇସିସି ସାଧାରଣ ସମ୍ପାଦକ ସଚିନ୍ ପାଇଲଟ୍ କହିଛନ୍ତି, ଜିରୋ ଟାରିଫ୍ ଅଫରକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ତାଙ୍କ ସରକାରଙ୍କ ଉଚ୍ଚସ୍ତରରୁ ଏହାକୁ ଖଣ୍ଡନ କରାଯାଉ। ସେହିପରି ଅସ୍ତ୍ରବିରତି ପ୍ରସଙ୍ଗରେ ମଧ୍ୟ ଟ୍ରମ୍ପଙ୍କ ଭୂମିକା କ'ଣ ଥିଲା, ତାହା ସରକାର ସ୍ପଷ୍ଟ କରନ୍ତୁ। ଟ୍ରମ୍ପଙ୍କ ସିଜ୍‌ଫାୟାର ମଧ୍ୟସ୍ଥତା କେତେକ ଧମକ ଓ ଟ୍ରେଡ୍ ଡିଲ୍‌କୁ ନେଇ ପ୍ରଲୋଭନ ଉପରେ ପର୍ଯ୍ୟବସିତ ହୋଇଥିଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଟ୍ରମ୍ପ ଏହାର ଅନ୍ତର୍ଜାତୀୟକରଣ କରିବା ଦ୍ୱାରା ଭାରତର ବୈଶ୍ୱିକ ଆଭିମୁଖ୍ୟ ଦୁର୍ବଳ ହୋଇପାରେ ବୋଲି ପାଇଲଟ୍ କହିଛନ୍ତି। ସେହିପରି କଂଗ୍ରେସ ନେତା ଜୟରାମ ରମେଶ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଟ୍ରେଡ୍ ଡିଲ୍ ଆଲୋଚନା ପାଇଁ ୱାଶିଂଟନ୍ ଡିସି ଯାଉଥିବାବେଳେ ଟ୍ରମ୍ପ ଦୋହାରେ ଆଉ ଏକ ବଡ଼ ଘୋଷଣା କରିଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ଏହା ଉପରେ ସମ୍ପୂର୍ଣ୍ଣ ନୀରବ। ଟ୍ରେଡ୍ ଡିଲ୍ ସହ 'ଅପରେଶନ୍ ସିନ୍ଦୂର'ର ସମ୍ପର୍କ କ'ଣ? କଂଗ୍ରେସ ଏମ୍‌ପି ମନୀଷ ତିୱାରୀ କହିଛନ୍ତି, ଆମେରିକାକୁ ଭାରତ ଜିରୋ ଟାରିଫ୍ ଅଫର ଦେଇଥିବା ବିଷୟର ସତ୍ୟତା କେତେ, ସେନେଇ ସରକାରଙ୍କ ପକ୍ଷରୁ ସ୍ୱଷ୍ଟତା ଆସିବା ଦରକାର। ବାଣିଜ୍ୟ ମନ୍ତ୍ରୀ ଗୋୟଲ ଶୁକ୍ରବାର ଟ୍ରେଡ୍ ଡିଲ୍ ଆଲୋଚନା ପାଇଁ ଆମେରିକା ଯାଉଥିବାବେଳେ ଟ୍ରମ୍ପଙ୍କ ମନ୍ତବ୍ୟ ଓ ବିରୋଧୀଙ୍କ ଦାବି ଭାରତୀୟଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି, ଯାହାକୁ ଦୂରେଇବା ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆଗେଇ ଆସିଛନ୍ତି। ନୂଆଦିଲ୍ଲୀରେ ହୋଣ୍ଡୁରାସ୍‌ର ନୂଆ ଦୂତାବାସ ଉଦ୍‌ଘାଟନ ଅବସରରେ ଜୟଶଙ୍କର କହିଛନ୍ତି, ଭାରତ ଓ ଆମେରିକା ଟ୍ରେଡ୍ ଡିଲ୍ ଆଲୋଚନା ଏକ ଜଟିଳ ପ୍ରକ୍ରିୟା। ଏହି ଡିଲ୍ ସମ୍ପନ୍ନ ହେଲେ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ୫୦୦ ବିଲିୟନ୍ ଡଲାରରେ ପହଞ୍ଚିବ। ଡିଲ୍ ଚୂଡ଼ାନ୍ତ ହୋଇ ନ ଥିବାରୁ କୌଣସି ନିଷ୍କର୍ଷରେ ପହଞ୍ଚିବା ଅପରିପକ୍ୱତା ହେବ।



ଏସ୍. ଜୟଶଙ୍କର

# ଜାତୀୟ ରାଜପଥ କାର୍ଯ୍ୟର ଅଗ୍ରଗତି ନେଇ ମନ୍ତ୍ରୀଙ୍କ ସମୀକ୍ଷା

**ଜାତୀୟ ରାଜପଥ ବିକାଶ ପାଇଁ ୧୪ ହଜାର କୋଟିର ପ୍ରତିଶ୍ରୁତି ଦେଇଛି କେନ୍ଦ୍ର**

ଭୁବନେଶ୍ୱର, ୧୫।୫(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କଠାରୁ ଓଡ଼ିଶାରେ ରାଜପଥ ବିକାଶ ପାଇଁ ଚଳିତ ବର୍ଷ ପ୍ରାୟ ୧୪ ହଜାର କୋଟି ଟଙ୍କାର ପ୍ରତିଶ୍ରୁତି ମିଳିଛି। ଏହି ସୁଯୋଗର ସଦୁପଯୋଗକରି ରାଜ୍ୟରେ ଏକ ସର୍ବଶ୍ରେଷ୍ଠ ତଥା ସୁଦୃଢ଼ ରୋଡ୍ ନେଟ୍‌ୱର୍କ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେବାକୁ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ନିର୍ମାଣ ସୌଧ ସ୍ଥିତ ୨ୟ ମହଲା ସମ୍ମିଳନୀ କକ୍ଷରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକରେ ଅଧ୍ୟକ୍ଷତାକରି ମନ୍ତ୍ରୀ ହରିଚନ୍ଦନ ବିଭିନ୍ନ ଜାତୀୟ ରାଜପଥର ପ୍ରଶସ୍ତୀକରଣ, ଜମି ଅଧିଗ୍ରହଣ ସମସ୍ୟାର ସମାଧାନ, ଫରେଷ୍ଟ କ୍ଲିୟରାନ୍ସ, ନିରନ୍ତର ଫ୍ଲାଏ ଆଶ୍ ଯୋଗାଣ, ହାଇଲେଭଲ ବ୍ରିଜ୍ ଓ ରେଲୱେ ଓଭରବ୍ରିଜ୍ ନିର୍ମାଣ ଏବଂ ଡିସ୍କମ ଜନିତ ସମସ୍ୟା ସମାଧାନ ସହ ତ୍ୱରିତ ବେଗରେ କାର୍ଯ୍ୟ ଆଗେଇନେବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନେଇ ବରିଷ୍ଠ ଅଧିକାରୀ ଏବଂ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କ ସହ ମନ୍ତ୍ରୀ ଆଲୋଚନା କରିଛନ୍ତି। ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଯୋଗଦେଇ ଖୋର୍ଦ୍ଧା ସହର ବାଇପାସ୍ ରାସ୍ତା, କଳିଙ୍ଗାଘାଟ ରାସ୍ତାର ପ୍ରଶସ୍ତୀକରଣ, ଖରିଆର ରୋଡ୍ ୪ ଲେନ୍ ବିଶିଷ୍ଟ ରେଲୱେ ଓଭରବ୍ରିଜ୍, କୋରାପୁଟ ଜିଲା ପାତ୍ରପୁଟଠାରେ କୋଲାବ ନଦୀ ଉପରେ ହାଇଲେଭଲ ସେତୁ ନିର୍ମାଣ, ପୁରୀ-କୋଣାର୍କ ରାସ୍ତାର ମାଟିଆପଡ଼ାଠାରେ ଥିବା ରେଲୱେ ଓଭରବ୍ରିଜ୍, ନୟାଗଡ଼ ଟାଉନ୍ ବାଇପାସ୍ ରୋଡ୍, ଜୟପୁର ବାଇପାସ୍ ରାସ୍ତା, କନ୍ଦରପୁର-ବାଲିକୁଦା ରାସ୍ତାର ପ୍ରଶସ୍ତୀକରଣ, କୋଟପାଡ଼ ବାଇପାସ୍ ରାସ୍ତା ନିର୍ମାଣ, ବଲାଙ୍ଗୀର ବାଇପାସ୍ ରାସ୍ତା, ଏନ୍‌ଏଚ୍-୨୨୦ରେ ବୈତରଣୀ ନଦୀରେ ହାଇଲେଭଲ ସେତୁ ନିର୍ମାଣ, ଝାରସୁଗୁଡ଼ା ବାଇପାସ୍ ରାସ୍ତା ଆଦି ବିଭିନ୍ନ ସଡ଼କ ନିର୍ମାଣର ବର୍ତ୍ତମାନ ସ୍ଥିତି ବିଷୟରେ ଅଧିକାରୀମାନଙ୍କ ଠାରୁ ବୁଝିଛନ୍ତି। ବିଭିନ୍ନ ନିର୍ମାଣ କାର୍ଯ୍ୟକୁ କିଭଳି ତ୍ୱରାନ୍ୱିତ କରିହେବ ସେନେଇ ସଞ୍ଜୟ ସିଂହ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ମନ୍ତ୍ରୀ ହରିଚନ୍ଦନଙ୍କୁ ଅବଗତ କରାଇଛନ୍ତି।

# କୃଷି ଓଭରସିଅରଙ୍କ ମାସିକ ଗସ୍ତ ଭତ୍ତା ୪୫୦ରୁ ୧୫୦୦ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୧୫।୫ (ସୁନିତ୍ ମିଶ୍ର)

କୃଷି ଓଭରସିଅରମାନଙ୍କ ମାସିକ ଗସ୍ତ ଭତ୍ତା ୪୫୦ ଟଙ୍କାରୁ ୧୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ପ୍ରସ୍ତାବକୁ ଗୁରୁବାର ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ, କୃଷି ଓଭରସିଅରମାନଙ୍କୁ ଅତି କମ୍‌ରେ ୨୦ ଦିନ ଗସ୍ତ କରିବାକୁ ପଡ଼ିଥାଏ। ପୂର୍ବରୁ ସେମାନଙ୍କ ମାସିକ ଗସ୍ତ ଭତ୍ତା ୩୦୦ ଟଙ୍କା ଥିବାବେଳେ ୨୦୨୩ରେ ଏହା ୪୫୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ତେବେ ଏହାପରେ ସମାନ ସ୍ତରରେ ଥିବା ଅଧିକାଂଶ ପଦବୀର ମାସିକ ଗସ୍ତଭତ୍ତା ବୃଦ୍ଧି ପାଇଥିଲା। ହେଲେ କୃଷି ଓଭରସିଅରମାନଙ୍କ ଭତ୍ତା ବଢ଼ି ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା କୃଷି ଓଭରସିଅରମାନେ ନିୟମିତ ଭାବେ ଗସ୍ତ କରିବା ପାଇଁ ପ୍ରୋତ୍ସାହିତ ହେବେ। ସୂଚନାଯୋଗ୍ୟ, ରାଜ୍ୟରେ ସମୁଦାୟ ୧୫୬୭ଟି କୃଷି ଓଭରସିଅର ପଦବୀ ଥିବାବେଳେ ବର୍ତ୍ତମାନ ୧୨୫୭ ଜଣ କାର୍ଯ୍ୟରତ ଅଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ପ୍ରଶାସନିକ କାମ ଓ ରାଜନୈତିକ ଦିଗଟି ଭଲ ରହିବ। ସବୁ ସମୟରେ ସାହାଯ୍ୟ ସହଯୋଗ ପାଉଥିବା ଲୋକଟି ସ୍ୱାର୍ଥହାନି ହେତୁ ଚିହିଁକି ଉଠିପାରେ। କର୍ମାଧିପ ଦୁଃସ୍ଥାନସ୍ଥ ଯୋଗୁ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କ ଆନ୍ତରିକତା ରହିବନି। ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ।

**ବୃଷ** ଦୈହିକ ସୁସ୍ଥତା ସହ ଆର୍ଥିକ ଉନ୍ନତି ମାନସିକ ସ୍ଥିରତା ରକ୍ଷା କରିବାରେ ସହାୟକ ହେବ। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବିଚାର ଅମୀମାଂସିତ ରହିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ମାତ୍ର ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମିଥୁନ** ଭୁଲ୍ ବୁଝାମଣା ହେତୁ ବନ୍ଧୁଙ୍କ ସହ ମତାନ୍ତର ଘଟିବା ହେତୁ ସମ୍ପର୍କ ତିକ୍ତ ହେବାର ଆଶଙ୍କା ରହିଛି। ପଡୋଶୀ କିମ୍ବା ସହକର୍ମୀଙ୍କ ସହିତ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ। ଅଫିସ କାମରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବାରୁ ଟେନ୍ସନ ବୃଦ୍ଧି ପାଇବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** ବନ୍ଧୁଙ୍କ ସହଯୋଗରୁ କାର୍ଯ୍ୟସିଦ୍ଧି, ସମ୍ମାନ, ପ୍ରଶଂସା ସାଙ୍ଗକୁ ପ୍ରାଧାନ୍ୟତା ବୃଦ୍ଧି ପାଇବ। ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ନିଶ୍ଚିତ। ବ୍ୟବସାୟୀଙ୍କ କାରବାରରେ ଉନ୍ନତି ହେବ ଓ ଲାଭର ମାତ୍ରା କିଛି କମିବ ନାହିଁ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଦୁଃଶ୍ଚିନ୍ତାର କାରଣ ହୋଇପାରେ।

**ସିଂହ** ବନ୍ଧୁଙ୍କ ସାହାଯ୍ୟ ଆଜି କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଅର୍ଥର ଅଭାବ ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ବାରମ୍ବାର କଳହ କାରଣରୁ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ସାଙ୍ଗକୁ ଅବୁଝା ବନ୍ଧୁଙ୍କୁ ମନେଇବାକୁ ପଡିପାରେ। ସମ୍ପର୍କୀୟଙ୍କ ଲୋଭନୀୟ କଥାକୁ ସତ ମନେକରି ଅନୁତାପ କରିପାରନ୍ତି। ବାଣିଜ୍ୟ, ପରିବହନ, ସଭାସମିତି ଓ ଯାତ୍ରାରେ ଆଶା ପୂରଣ ହେବ। ଦିନସାରା କଠିନ ଶ୍ରମ ହେତୁ ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ତୁଳା** ଆଜି ଯାହା ଓ ଯେମିତି ଆଶା କରୁଛନ୍ତି ତାହା ନିଶ୍ଚିତ ପାଇବେ। କିନ୍ତୁ ବିବାଦୀୟ ଘଟଣାରେ ଆପଣଙ୍କୁ ଅପଦସ୍ଥ କିମ୍ବା ଅପମାନିତ ହେବାକୁ ପଡିବ। ବ୍ୟବସାୟ, ରାଜନୀତି, ସଂଗଠନ, ଆଲୋଚନା ଏବଂ ପ୍ରଶାସନିକ ସ୍ତରରେ ସଫଳତା ପାଇବେ। ଆର୍ଥିକ ସଙ୍କଟ କାରଣରୁ ପାରିବାରିକ କ୍ଷେତ୍ର ପୂର୍ବପରି ସନ୍ତୋଷଜନକ ରହି ନ ପାରେ।

**ବିଛା** ଆଜି ଦିନଟିରେ ପ୍ରତ୍ୟେକ କ୍ଷେତ୍ରରେ ମଧ୍ୟମ ପ୍ରକାରର ଫଳ ପାଇବେ। ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡି କର୍ମପ୍ରବାହର ଗତିରୋଧ ଘଟିବ। ବିଭିନ୍ନ ପ୍ରକାର ସମସ୍ୟା ଜାଲରେ ଛନ୍ଦି ହୋଇଥିବାରୁ ମନ କେବଳ ନେଗେଟିଭ୍ ଚିନ୍ତାରେ ଆକ୍ରାନ୍ତ ହେବ। ସମ୍ପର୍କୀୟ ଜଣେ ବନ୍ଧୁ ଅଯାଚିତ ଭାବେ ନିଜ ତରଫରୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।


**ଧନୁ** ବିରୋଧ କରୁଥିବା ବ୍ୟକ୍ତି ଆପଣଙ୍କ ମୁହଁ ସାମ୍ନାରେ ପାଟି ଫିଟିବ ନାହିଁ। କେତେକ କ୍ଷେତ୍ରରେ ମନରେ ଭୟ ଥିଲେ ମଧ୍ୟ ମୁହଁ ଟାଣ ରଖି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିନେବେ। ପିଲାଙ୍କ ବିବାହ ପ୍ରସ୍ତାବ ସମ୍ପର୍କରେ ବନ୍ଧୁ ଖବର ଦେଇପାରନ୍ତି। ବୁଝାମଣା ଅଭାବରୁ ଭଲ ସମ୍ପର୍କରେ ଫାଟ ସୃଷ୍ଟିର ଆଶଙ୍କା ରହିଛି।

**ମକର** ଆଜି ଘରେ ଯେମିତି ବାହାରେ ମଧ୍ୟ ସବୁଠି ଆଦର, ସହାନୁଭୂତି ପାଇ ଖୁସି ରହିବେ। ଯାତ୍ରାକାଳରେ ନିର୍ଦ୍ଦିଷ୍ଟ ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ର, ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ସହ ଆଧ୍ୟାତ୍ମିକତା ଓ ତୀର୍ଥାଟନର ସୁଯୋଗ ପାଇବେ। ଆପଣଙ୍କ ଉପସ୍ଥିତ ବୁଦ୍ଧିର ପ୍ରଶଂସା କରି ପଡୋଶୀ ସହଯୋଗର ହାତ ବଢାଇବେ।

**କୁମ୍ଭ** ପରିସ୍ଥିତିବଶତଃ ଗୁଡ଼ାଏ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କାର୍ଯ୍ୟରୁ ପ୍ରଶଂସିତ ହେବା ସହ ସମ୍ମାନ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ କାଲିର କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ। ବନ୍ଧୁଗହଣରେ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିବାର ସୂଚନା ରହିଛି।

**ମୀନ** କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ସମାଲୋଚିତ ହେବା କାରଣରୁ ଅନୁତାପ କରିବାକୁ ପଡ଼ିପାରେ।

ଆଜି ମେ' ୧୬ ତାରିଖ, ଜାତୀୟ ଡେଙ୍ଗୁ ଦିବସ(କଳିଙ୍ଗ ଭାରତୀ ତରଫରୁ କଟକରେ ଉପେନ୍ଦ୍ରଭଞ୍ଜଙ୍କ ଜୟନ୍ତୀ ସପ୍ତାହ ଆରମ୍ଭ), ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ ଶୁକ୍ରବାର, ରାଶିନକ୍ଷତ୍ର-ମୂଳା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୬ ଗତେ, ଘ.୦୬।୫୮ ମଧ୍ୟେ, ଘ.୧୨।୦୯ ଗତେ, ଘ.୦୨।୪୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ, ଘ.୧୧।୪୩ ମଧ୍ୟେ ରାହୁକାଳ।




# ଓୟୋ ହୋଟେଲ ଛାତରୁ ପଡ଼ି ଯୁବତୀଙ୍କ ମୃତ୍ୟୁ

**ଭୁବନେଶ୍ୱର,୧୫।୫(ସତ୍ୟଜିତ ରାଉତ)**

ସ୍ୱାମୀ ସ୍ତ୍ରୀର ପରିଚୟ ଦେଇ ଗତ ୪ରୁ ୫ମାସ ହେଲା ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ପଞ୍ଚସଖାନଗରରେ ଥିବା ଓୟୋ ହେଟେଲ (ଡାସ୍ ଇନ୍ ଗେଷ୍ଟହାଉସ୍)ରେ ଏକ ରୁମ୍‌ରେ ରହୁଥିଲେ। ହେଲେ ବୁଧବାର ବିଳମ୍ବିତ ରାତିରେ ଯୁବତୀଙ୍କ ମୃତଦେହ ହୋଟେଲ ତଳେ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଛି। ମୃତା ଯୁବତୀ ହେଲେ ନୟାଗଡ଼ ଜିଲା ସଦର ଥାନା ଅଞ୍ଚଳର ସୋନାଲି ମହାପାତ୍ର(୨୪)। ସୋନାଲିଙ୍କୁ ତାଙ୍କ ପୁରୁଷବନ୍ଧୁ ଛାତରୁ ଠେଲି ମାରିଦେଇଥିବା ଯୁବତୀଙ୍କ ମା’ ପ୍ରମିଳା ଥାନାରେ ଅଭିଯୋଗ କରିଛନ୍ତି। ପୁରୁଷବନ୍ଧୁ ତଥା ରଣପୁରର ବିଭୂତି ପ୍ରତିହାରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଗୁରୁବାର ଏମ୍‌ସରେ ସୋନାଲିଙ୍କ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଖଣ୍ଡଗିରି ଥାନାରେ ଏକ ହତ୍ୟା ମାମଲା(ନଂ.୩୧୨/୨୦୨୫) ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ସୋନାଲି ଭୁବନେଶ୍ୱରରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ସମୟକ୍ରମେ ବିଭୂତିଙ୍କ ସହ ସମ୍ପର୍କ ନିବିଡ଼ ହୋଇଥିଲା। ବିଭୂତି ଓ ସୋନାଲି ଭଡ଼ାସୂତ୍ରରେ ଉକ୍ତ ଓୟୋ ହୋଟେଲର ତୃତୀୟ ମହଲାର (ରୁମ୍ ନଂ.-୩୦୨)ରେ ରହୁଥିଲେ। ବୁଧବାର ରାତିରେ କୌଣସି କାରଣକୁ ନେଇ ରୁମ୍‌ରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ ହୋଟେଲ କର୍ମଚାରୀ ଓ ଅନ୍ୟ ଅତିଥିମାନେ ରୁଣ୍ଡ ହେବାପରେ ସେମାନେ ଶାନ୍ତ ପଡ଼ିଥିଲେ। ପରେ ଉଭୟ ଛାତ ଉପରକୁ ଚାଲି ଯାଇଥିଲେ। ତେବେ ଛାତ ଉପରେ ଉଭୟଙ୍କ ମଧ୍ୟରେ ଏମିତି କ’ଣ ଘଟିଲା ତାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୋନାଲିଙ୍କୁ ଏମ୍‌ସ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୋଟେଲ ମାଲିକ ଚନ୍ଦ୍ରମଣି ଦାସ କହିଛନ୍ତି, ସ୍ୱାମୀ-ସ୍ତ୍ରୀର ପରିଚୟ ଦେଇ ସୋନାଲି ଓ ବିଭୂତି ହୋଟେଲରେ ୪ରୁ ୫ ମାସ ହେବ ରହୁଥିଲେ। ତେବେ ମ୍ୟାନେଜର ଛୁଟିରେ ଥିବାବେଳେ ସୋନାଲିଙ୍କ ମୃତଦେହକୁ ତଳେ ପଡ଼ିଥିବା ଦେଖି ଡ୍ରାଇଭର ତାଙ୍କୁ ଜଣାଇଥିଲେ। ଏହାପରେ ପୋଲିସକୁ ଖବର ଦିଆଯାଇଥିଲା ବୋଲି ସେ କହିଛନ୍ତି। ଅପରପକ୍ଷରେ ସୋନାଲିଙ୍କ ମା’ ପ୍ରମିଳା କହିଛନ୍ତି, ବୁଧବାର ରାତି ପ୍ରାୟ ୧୧ଟାରେ ସୋନାଲି ତାଙ୍କୁ କଲ୍ କରିଥିଲେ। ଭଲ ଲାଗୁନି, ତାଙ୍କୁ ଘରକୁ ନେଇଯିବାକୁ ଝିଅ କହିଥିଲେ। ଏହାପରେ ପ୍ରମିଳା ସକାଳୁ ଆସି ନେଇଯିବେ ବୋଲି କହିଥିଲେ। ତେବେ ଝିଅ ଶିକ୍ଷିତ ପିଲା, ସେ ଏମିତି କାମ କରିବନି, ଛାତରୁ ଡେଇଁବ ନାହିଁ। ବିଭୂତି ତାଙ୍କୁ ଛାତରୁ ପେଲିଦେଇଥିବା ପ୍ରମିଳା କହିଛନ୍ତି। ଜୋନ-୩ ଏସିପି ତାପସ ପ୍ରଧାନ କହିଛନ୍ତି, ପୁରୁଷବନ୍ଧୁଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ହୋଟେଲକୁ ଯାଇ ଯାଞ୍ଚ କରିବା ସହ ଫୁଟ ପ୍ରିଣ୍ଟ, ଫିଙ୍ଗରପ୍ରିଣ୍ଟ, ରକ୍ତ ନମୁନା ଆଦି ସଂଗ୍ରହ କରିଛି। ହୋଟେଲ କର୍ମଚାରୀଙ୍କୁ ପଚରାଉଚରା କରାଯାଉଥିବା ଏସିପି କହିଛନ୍ତି।


ହୋଟେଲ୍ ତଳେ ଯୁବତୀ ପଡ଼ିଥିବାର ସିସିଟିଭିରେ କଏଦ ଦୃଶ୍ୟ।

## ପୁରୁଷବନ୍ଧୁଙ୍କ ନାଁରେ ହତ୍ୟା ମାମଲା

### ୪ ମାସ ହେବ ଏକାଠି ରହୁଥିଲେ

# ଛତିଶଗଡ଼ ଧାନ ଓଡ଼ିଶାରେ ଜବତ

## ତଦନ୍ତ ଆରମ୍ଭକଲା ବରଗଡ଼ ଜିଲା ପ୍ରଶାସନ

**ବରଗଡ଼,୧୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ବୁଧବାରଠାରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମୟରେ ଗୁରୁବାର ଛତିଶଗଡ଼ରୁ ଏକ ଧାନ ବୋଝେଇ ଟ୍ରକ୍ (ନଂ.ସିଜି୧୨ସି/୪୦୧୮) ବରଗଡ଼ରେ ପହଞ୍ଚିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଶାସନ ଉକ୍ତ ଟ୍ରକ୍‌କୁ ଜବତ କରି ସ୍ଥାନୀୟ ଏକ ରାଇସ୍ ମିଲର୍ସଙ୍କ ଜିମା ଦେଇଛି। ଏହାର ତଦନ୍ତ ଚାଲିଛି ଏବଂ ଆବଶ୍ୟକ ହେଲେ ପୋଲିସରେ ଏତଲା ଦିଆଯିବ ବୋଲି ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ କହିଛନ୍ତି।

ସୂଚନା ଅନୁଯାୟୀ, ଛତିଶଗଡ଼ ଅଞ୍ଚଳରୁ ବରଗଡ଼କୁ ଉକ୍ତ ଧାନ ବୋଝେଇ ଟ୍ରକ ଆସୁଥିବା ନେଇ ସ୍ଥାନୀୟ ପ୍ରଶାସନକୁ ସୂଚନା ମିଳିଥିଲା। ଏହାପରେ ଉପଜିଲାପାଳ ପାଣ୍ଡେଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ପୃକ୍ତ ଟ୍ରକ୍ ଉପରେ ନଜର ରଖିଥିଲା। ଟ୍ରକ୍‌ଟି ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରେ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀମାନେ ତାକୁ ଅଟକ ରଖି ଯାଞ୍ଚ କରିଥିଲେ। ଉକ୍ତ ଟ୍ରକ୍‌ରେ ୫୦୦ ବସ୍ତା ଧାନ ରହିଥିବା ଏବଂ ଏହା ଛତିଶଗଡ଼ରୁ ଆସିଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ପଚରାଉଚରା କରିବାରୁ ଟ୍ରକ୍ ଡ୍ରାଇଭର କୌଣସି ସୂଚନା ଦେଇ ପାରି ନ ଥିଲେ। ଫଳରେ ଟ୍ରକ୍‌କୁ ଜବତ କରାଯିବା ସହ ସ୍ଥାନୀୟ ଏକ ରାଇସ୍ ମିଲର୍ସଙ୍କ ଜିମାରେ ଦିଆଯାଇଥିଲା।

ରବିଋତୁରେ ପଡ଼ୋଶୀ ଛତିଶଗଡ଼ରେ ରବିଧାନ ସଂଗ୍ରହ କରାଯାଏନାହିଁ। ଫଳରେ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ଛତିଶଗଡ଼ରୁ ବରଗଡ଼କୁ ଧାନ ଆସିବା ଯଥେଷ୍ଟ ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ଗତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଧାନ ସଂଗ୍ରହ ଆରମ୍ଭରୁ ବରଗଡ଼କୁ ଛତିଶଗଡ଼ ଧାନ ଆସୁଥିବା ଯୋଗୁ ଏଥିପ୍ରତି କଡ଼ା ନଜର ନ ରଖିଲେ ଆଗକୁ ଏଠାରେ ଧାନ ବିକ୍ରି ଜଟିଳ ହୋଇପଡ଼ିବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଲାଣି।


ଘଟଣାସ୍ଥଳରେ ଉପଜିଲାପାଳ ଏବଂ ଅନ୍ୟ ଅଧିକାରୀଙ୍କ ଛାନ୍‌ଭିନ୍।

# ପୁଅଝିଅଙ୍କୁ ମାରିଥିବା ବାପା ଆଖିବୁଜିଲେ

**ପାରଳାଖେମୁଣ୍ଡି, ୧୫।୫(ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଓଡ଼ିଆ ପାରଳା ସାହିରେ ପୁଅଝିଅଙ୍କୁ ବିଷ ଦେଇ ମାରିଥିବା ବାପା ଶୁଭାଶିଷ ପାଣିଗ୍ରାହୀ ଗୁରୁବାର ବ୍ରହ୍ମପୁର ବଡ଼ ମେଡିକାଲରେ ଆଖି ବୁଜିଛନ୍ତି। ଗତ ମାର୍ଚ୍ଚ ୨୧ତାରିଖରେ ଶୁଭାଶିଷଙ୍କ ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏହାର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଶୁଭାଶିଷ ବୁଧବାର ପିଲାଙ୍କୁ ବିଷ ପିଆଇ ନିଜେ ପିଇ ଦେଇଥିଲେ। ଏବେ ପୂରା ପରିବାର ଶେଷ ହୋଇଯାଇଛି। କାହିଁକି ଓ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହା ଜଣାପଡି ନାହିଁ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଶୁଭାଶିଷଙ୍କ ଘରେ ତଦନ୍ତ ଆରମ୍ଭ କରିଛନ୍ତି।

ଶୁଭାଶିଷ ବୁଧବାର ମଧ୍ୟାହ୍ନରେ ୮ ବର୍ଷର ପୁଅ ବିଜୟାନନ୍ଦ ଓ ୧୨ ବର୍ଷୀୟା ଝିଅ ପ୍ରିୟଦର୍ଶନୀଙ୍କୁ କୌଣସି ଖାଦ୍ୟରେ ବିଷ ଦେଇ ନିଜେ ତାହାକୁ ଖାଇ ଦେଇଥିଲେ। ଏହାପରେ ସେ ପାରଳାଖେମୁଣ୍ଡି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ରହୁଥିବା ତାଙ୍କ ବାପା ବୁଚିବାବୁ ପାଣିଗ୍ରାହୀଙ୍କୁ ଫୋନ କରି ଆମେ ବିଷ ଖାଇଦେଇଛୁ ମରିଯିବୁ, ଶେଷଥର ପାଇଁ ଦେଖିଦିଅ ବୋଲି କହିଥିଲେ। ବୁଚିବାବୁ ତୁରନ୍ତ ସେଠାରେ ପହଞ୍ଚି ସାହିପଡିଶା ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପୁଅ ବିଜୟାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବାପା ଶୁଭାଶିଷ ଓ ଝିଅ ପ୍ରିୟଦର୍ଶନୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ପ୍ରାୟ ୯ଟାରେ ପ୍ରିୟଦର୍ଶନୀ ଓ ଗୁରୁବାର ସକାଳେ ଶୁଭାଶିଷଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପାରଳାଖେମୁଣ୍ଡିରେ ପୁଅ ଓ ବ୍ରହ୍ମପୁରରେ ବାପଝିଅଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ ନଂ. ୧୧/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ଘରେ ପହଞ୍ଚି ବୁଧବାର ଶୁଭାଶିଷ ରୋଷେଇ କରିଥିବା ବିଭିନ୍ନ ଖାଦ୍ୟ, ପିଇଥିବା ବିଷ ସଂଗ୍ରହ କରିବା ସହ ଖାନତଲାସି କରିଛି। ପୋଲିସ ଘଟଣା ସମ୍ପର୍କରେ ସାହି ପଡୋଶୀ ଓ ପରିବାରବର୍ଗଙ୍କୁ ପଚରାଉଚୁରା କରିଛି। ପୁଅର ଆର୍ଥିକ ସମସ୍ୟା ନ ଥିଲା କି ସେ କୌଣସି ଚାପରେ ନଥିଲେ ବୋଲି ଶୁଭାଶିଷଙ୍କ ବାପା ବୁଚିବାବୁ ସ୍ପଷ୍ଟ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ପିଲାଙ୍କୁ ମାରି ସେ ନିଜେ ଜୀବନ ହାରିଲେ ଓ ପୂର୍ବରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିବା ପଛରେ କାହାର ହାତ ଅଛି ସେ ନେଇ ପୋଲିସ ତଦନ୍ତ ଚଳାଇଛି।


ପରିବାର ସହ ଶୁଭାଶିଷ ପାଣିଗ୍ରାହୀ।

- ପିଲାଙ୍କୁ ବିଷ ଦେଇ ନିଜେ ପିଇଥିଲେ
- ତଦନ୍ତ କଲା ସାଇଣ୍ଟିଫିକ୍ ଟିମ୍

# ମୋବାଇଲ ନ ଦେବାରୁ ନବମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

**ବାଲେଶ୍ୱର, ୧୫।୫(ବାଞ୍ଛାନିଧି ଦେ)**

ମୋବାଇଲ ନ ଦେଖି ଟ୍ୟୁଶନ ଯିବାକୁ ମା’ ତାଗିଦ୍ କରିବାରୁ ଜଣେ ନବମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ଏଭଳି ଘଟଣା ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ବାଲିଆ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ବାଲିଆ ଅଞ୍ଚଳର ତପନ କୁମାର ଗିରିଙ୍କ ସାନପୁଅ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଗୁରୁବାର ସେ ମୋବାଇଲ ଦେଖୁଥିବା ବେଳେ ମା’ ତାଙ୍କୁ ବାରଣ କରିଥିଲେ। ମୋବାଇଲକୁ ଛଡ଼ାଇ ନେଇ ଟ୍ୟୁଶନ୍ ଯିବାକୁ କହିଥିଲେ। ଟ୍ୟୁଶନ୍ ସାରି ଆସିଲେ ପୁଅକୁ ମୋବାଇଲ ଦେବେ କହି ମା’ ବଜାରକୁ ଚାଲିଯାଇଥିଲେ। ଏହାପରେ ବେଡ୍‌ରେ ପଡିଥିବା ବେଡଶିଟ୍‌କୁ ନେଇ ଛାତ୍ରଜଣକ ରୁମ୍ ଭିତରେ ଫ୍ୟାନ୍‌ରେ ଫାଶୀ ଲଗାଇ ଦେଇଥିଲେ। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପରିବାର ଲୋକେ ଓ ପଡ଼ୋଶୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସହଦେବଖୁଣ୍ଟା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୬/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ

**ଯୋଡ଼ା,୧୫।୫(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରି ସେକ୍ସନର ଦବୁନା ଓ ଏମ୍‌ସି ଖଣି ନିକଟ ଜଙ୍ଗଲରେ ଏକ ଦନ୍ତାହାତୀ ଆକ୍ରମଣରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଝାଡ଼ଖଣ୍ଡ ଅଞ୍ଚଳର ହୋଇଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ବୟସ ୭୦ରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସେ ଗୁରୁବାର ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିବା ବେଳେ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ବୃଦ୍ଧଙ୍କୁ କିଛିଦୂର ଘୋଷାରିନେଇ କଚାଡ଼ିଦେଇଥିଲା। ପରେ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାମେବାରି ବନପାଳ ରାଜେନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ଝାଡ଼ଖଣ୍ଡ ଅଞ୍ଚଳର ଓ ନିରାଶ୍ରୟ ହୋଇ ଉକ୍ତ ଅଞ୍ଚଳରେ ଦୀର୍ଘ ବର୍ଷ ହେବ ରହି ଆସୁଥିଲେ। କାଠ ବିକି ତଥା ଅନ୍ୟାନ୍ୟ କାର୍ଯ୍ୟକରି ସେ ଚଳୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ମାଓବାଦୀ ସନ୍ଦେହରେ ଜଣେ ଅଟକ, ଏକେ ୪୭ ଜବତ

**ବୈପାରିଗୁଡ଼ା,୧୫।୫(କଳ୍ପତରୁ ମହାନ୍ତି)**

ଛତିଶଗଡ଼ରେ ମାଓ ଦମନ ଅଭିଯାନ ଜୋର୍‌ଦାର ଚାଲିଥିବା ବୈପାରିଗୁଡ଼ା ଥାନା ଅଞ୍ଚଳରୁ ଜିଲା ପୋଲିସ ଜଣଙ୍କୁ ମାଓବାଦୀ ସନ୍ଦେହରେ ଧରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଏକେ-୪୭ ଜବତ ହୋଇଥିବା ବେଳେ ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଜଣେ ଦୁର୍ଦ୍ଧାନ୍ତ ମାଓବାଦୀଙ୍କୁ ଧରିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହୋଇଛି।

ସୂଚନା ଅନୁଯାୟୀ, ବୈପାରିଗୁଡ଼ା ଥାନାଠାରୁ ୨୬ କି.ମି. ଦୂର କାଠପଡ଼ା ପଞ୍ଚାୟତ ଅନ୍ତର୍ଗତ ବଡ଼ବେତ ନିକଟ ଜଙ୍ଗଲରେ ୩ରୁ ଊର୍ଦ୍ଧ୍ୱ ମାଓବାଦୀ ଛପି ରହିଥିବା ଖବର ପାଇ ଜିଲା ପୋଲିସ ଫୋର୍ସ ପକ୍ଷରୁ ମଙ୍ଗଳବାର ସକାଳେ ଚଢ଼ାଉ କରାଯାଇଥିଲା। ସେଠାରୁ ଅନ୍ୟମାନେ ଖସିଯାଇଥିବା ବେଳେ ପୋଲିସ ଘଟଣାସ୍ଥଳରୁ ଜଣଙ୍କୁ ଧରିଥିଲା। ତାଙ୍କଠାରୁ ତାଙ୍କ ଏକେ-୪୭ ବନ୍ଧୁକ ଜବତ କରିଥିଲା। ଏ ସମ୍ପର୍କରେ ବୈପାରିଗୁଡ଼ା ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଜିଲା ସ୍ତରରେ ଘଟଣାର ତଦନ୍ତ କରାଯାଉଥିବାରୁ ତାଙ୍କ ପାଖରେ କୌଣସି ତଥ୍ୟ ନ ଥିବା ସେ କହିଛନ୍ତି।

# ବାଘୁଆ ମହୁମାଛି ଆକ୍ରମଣରେ ୪ ଗୁରୁତର

**ମୋହନା,୧୫।୫ (ମନ୍ମଥ ମିଶ୍ର)**

ମୋହନା ବ୍ଲକ୍ ଚନ୍ଦ୍ରଗିରିଠାରେ ବାଘୁଆ ମହୁମାଛି ଆକ୍ରମଣରେ ୪ ଗୁରୁତର ହୋଇଛନ୍ତି। ଗୁରୁବାର ସଂକ୍ରାନ୍ତି ଥିବାରୁ ଗ୍ରାମର ଅନେକ ଶ୍ରଦ୍ଧାଳୁ ନିକଟସ୍ଥ ଶିବ ମନ୍ଦିରକୁ ଯାଇଥିଲେ। ପୂର୍ବାହ୍ନ ୧୦ଟାରେ ପୂଜାପାଠ କରୁଥିବା ବେଳେ ହଠାତ୍ ଏକ ଗଛରୁ ବାଘୁଆ ମହୁମାଛି ଶ୍ରଦ୍ଧାଳୁଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସେଠାରେ ଥିବା ସମସ୍ତ ବ୍ୟକ୍ତି ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକେ ଆହତ ବ୍ୟକ୍ତିଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ବ୍ୟକ୍ତି ହେଲେ ନୀଳକଣ୍ଠ ଗୌଡ଼, ସତ୍ୟ ସାହୁ, ଶଶୀଦେବୀ ଦଳାଇ, କିରନ ଦଳାଇ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଘରକୁ ପଠାଯାଇଥିବା ଡାକ୍ତର ଗିରିଜା ଶଙ୍କର ନାୟକ କହିଛନ୍ତି। ଅପରପକ୍ଷେ ମହାବିଷୁବ ସଂକ୍ରାନ୍ତି ଦିନ ବାଘୁଆ ମହୁମାଛିଙ୍କ ଆକ୍ରମଣରେ ୪ ଜଣ ଗୁରୁତର ହେବା ସହ ୨୦ ଆହତ ହୋଇଥିଲେ। ଏହିଭଳି ବାରମ୍ବାର ବାଘୁଆ ମହୁମାଛି ଦ୍ୱାରା ଆକ୍ରମଣ ଯୋଗୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।

# ‘ତୁରନ୍ତ ପଦକ୍ଷେପ ନେବା, ଡେଙ୍ଗୁ ରୋକିବା...

## ରାଷ୍ଟ୍ରୀୟ ଡେଙ୍ଗୁ ଦିବସ

ଡେଙ୍ଗୁ ଜ୍ୱର ଏକ ମଶାବାହିତ ରୋଗ। ଏହି ରୋଗର ନିରାକରଣ ପାଇଁ ଔଷଧ ସହିତ ସଚେତନତା ଜରୁରୀ। ତେଣୁ ଡେଙ୍ଗୁ ଜ୍ୱରକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ବଢାଇବା, ଏହାକୁ ପ୍ରତିହତ କରିବାର ଉପାୟ ସମ୍ପର୍କରେ ଜଣାଇବା ଆଦି ଲକ୍ଷ୍ୟରେ ପ୍ରତିବର୍ଷ ମେ’ ୧୬କୁ ରାଷ୍ଟ୍ରୀୟ ଡେଙ୍ଗୁ ଦିବସ ଭାବେ ପାଳନ କରାଯାଇଆସୁଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି ‘ତୁରନ୍ତ ପଦକ୍ଷେପ ନେବା, ଡେଙ୍ଗୁ ରୋକିବା: ସ୍ୱଚ୍ଛ ବାତାବରଣ, ସୁସ୍ଥ ଜୀବନ’। ସହରୀକରଣର ମାତ୍ରାଧିକ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ପ୍ରତିବର୍ଷ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବଢ଼ିବାରେରେ ଲାଗିଛି। ଏହାକୁ ପ୍ରତିହତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସହିତ ପ୍ରତ୍ୟେକ ବିଭାଗ ଏବଂ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏନେଇ ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିୟୁପିଏଚ୍‌ଓ) ଡା. ନୀଳମଣୀ ସେନାପତି କହିଛନ୍ତି, ଡେଙ୍ଗୁ ରୋଗର ବାହକ ଏଡିସ୍ ମଶା ବିଶେଷକରି ଘରେ ଏବଂ ଆଖପାଖରେ ଜମୁଥିବା ପାଣିରେ ଜନ୍ମ ନିଅନ୍ତି। ଲୋକେ ସଚେତନ ହୋଇ ନିଜ ଆଖପାଖକୁ ପରିଷ୍କାର ନ ରଖିଲେ, ଜମୁଥିବା ପାଣିକୁ ନିଷ୍କାସନ ନକଲେ ସେଥିରେ ମଶା ବଂଶବିସ୍ତାର କରିବ। ଏଥିରେ କୌଣସି ଡାକ୍ତର କିମ୍ବା ସ୍ୱାସ୍ଥ୍ୟ ବିଭାଗ କିଛି କରିପାରିବ ନାହିଁ। ସେହିପରି କେବଳ ସ୍ୱାସ୍ଥ୍ୟ ବିଭାଗ ଉପରେ ଦାୟିତ୍ୱ ଛାଡ଼ିଦେଲେ ହେବନାହିଁ, ଏଥିପାଇଁ ସମସ୍ତ ବିଭାଗର ସମନ୍ୱୟ ଏବଂ ବ୍ୟକ୍ତିଗତ ସ୍ତରରେ ଆଗ୍ରହ ରହିବା ଆବଶ୍ୟକ। ପୂର୍ବାପେକ୍ଷା ଲୋକେ ଅଧିକ ସଚେତନ ହୋଇଛନ୍ତି ମାତ୍ର ଏହାକୁ ଆହୁରି ବଢାଇବାକୁ ପଡିବ। ପ୍ରତିବର୍ଷ ରାଜ୍ୟରେ ହଜାର ହଜାର ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ବିଶେଷକରି ସ୍ମାର୍ଟସିଟି ଭୁବନେଶ୍ୱର ପାଇଁ ରାଜ୍ୟରେ ଖୋର୍ଦ୍ଧା ଜିଲା ହଟ୍‌ସ୍ପଟ୍ ଭାବେ ଉଭା ହେଉଛି। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ସଚେତନ କରିବା ଦରକାର।



**-ବନ୍ଦନା ସେଠୀ, ଭୁବନେଶ୍ୱର**

# ଆଲୋକ ସହିତ ଆଗକୁ ବଢ଼ିବା

## ଆଜି ଅନ୍ତର୍ଜାତୀୟ ଆଲୋକ ଦିବସ

ଚିକିତ୍ସା କ୍ଷେତ୍ରରେ ଲେଜର-ଆଲୋକର ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ରହିଛି। ୧୯୬୦ ମସିହାରେ ଲେଜର ଦ୍ୱାରା ସଫଳ ଅସ୍ତ୍ରୋପଚାର ପରେ ଶଲ୍ୟ ଚିକିତ୍ସା ବିଜ୍ଞାନରେ ବିପ୍ଳବ ସୃଷ୍ଟିହୋଇଛି। ସେହି ସଫଳତାକୁ ଜନସାଧାରଣ ମନେପକେଇବା ସକାଶେ ୨୦୧୮ ମସିହାରୁ ପ୍ରତି ବର୍ଷ ମେ’ ୧୬ ତାରିଖକୁ ‘ଅନ୍ତର୍ଜାତୀୟ ଆଲୋକ ଦିବସ’ ଭାବରେ ପାଳନ କରାଯାଇ ଆସୁଛି। ସାରା ପୃଥିବୀରେ ପାଳିତ ହେଉଥିବା ଏହି ଦିବସର ଚଳିତ ବର୍ଷ ପାଇଁ ବାର୍ତ୍ତା ରହିଛି ‘ଆଲୋକ, ଅଭିନବୀକରଣ, ସମାଜ’। ବିଜ୍ଞାନ, ସଂସ୍କୃତି, ଶିକ୍ଷା ଓ ନିରନ୍ତର ଉନ୍ନତି ପ୍ରକ୍ରିୟାରେ ଆଲୋକର ଅତୁଳନୀୟ ଅବଦାନ ସମ୍ପର୍କରେ ସମାଜକୁ ଏହି ଦିବସ ଅବଗତ କରିବ। ୨୦୧୫ ମସିହାକୁ ଅନ୍ତର୍ଜାତୀୟ ଆଲୋକ ବର୍ଷ ଭାବରେ ପାଳନ କରାଯାଇଥିଲା। ତା’ପରେ ୨୦୧୭ (ନଭେମ୍ବର) ମସିହାରେ ଆଲୋକ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଆମେ ବିଛଣାରୁ ଉଠିଲାଠାରୁ ଶୋଇବା ପର୍ଯ୍ୟନ୍ତ ଆଲୋକ ଜରୁରୀ। ଯଦି ସୂର୍ଯ୍ୟ ନ ଥାନ୍ତା କିମ୍ବା ଆମେ ବତି ଜାଳିବା ଜାଣି ନ ଥାନ୍ତୁ, ତେବେ ଆମର ଜୀବନଶୈଳୀ ପୂରାପୂରି ଅଲଗା ହୋଇଥାଆନ୍ତା। ନିଆଁର ବ୍ୟବହାର ଆମ ସଭ୍ୟତାକୁ ଯେମିତି ଉନ୍ନତ କରିଛି, ଆଲୋକର ବ୍ୟବହାର ଆମ ଜୀବନଶୈଳୀକୁ ସୁଖମୟ କରିଛି। ଆଲୋକ ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତିଉତ୍ସ।

ଲେଜର ଆଲ୍ଟ୍ରା ବ୍ୟବହାର ରୋଗ ନିଦାନ ଓ ଚିକିତ୍ସା ପଦ୍ଧତିକୁ ନୂଆ ଦିଗ ଦେଖେଇଛି। ଅପ୍ଟିକାଲ ଫାଇବର ଦ୍ୱାରା ଆଜି ଅଧିକ ବେଗସମ୍ପନ୍ନ ଇଣ୍ଟରନେଟ୍ ସମ୍ଭବ ହୋଇପାରିଛି। ପରିବେଶକୁ ସୁସ୍ଥ ରଖିବା ଓ ବିଶ୍ୱବ୍ରହ୍ମାଣ୍ଡକୁ ବୁଝିବା ଦିଗରେ ଲେଜର ରଶ୍ମିର ଜରୁରୀ ବ୍ୟବହାର କରାଯାଉଛି। ଆମେ ଯଦି ଆଲୋକକୁ ଭୁଲିଯିବା, ତେବେ ଆମର ଅଣୁବୀକ୍ଷଣ ଓ ଦୂରବୀକ୍ଷଣ ଯନ୍ତ୍ର ଅକାମୀ ହୋଇଯିବ। କ୍ୟାମେରା ଫଟୋ ଉଠେଇପାରିବ ନାହିଁ। ମୋବାଇଲ ଓ ଟିଭିର ପରଦା ଅନ୍ଧକାର ହୋଇଯିବ। ବିଜୁଳିବତି ନ ଜଳିଲେ ଆମେ ଅନ୍ଧ ହୋଇଯିବା। ଏଥିରୁ ସ୍ପଷ୍ଟ ଅନୁମେୟ - ଆଲୋକ ଆମ ଜୀବନର ଜରୁରୀ ଅଙ୍ଗ। ତେଣୁ ଆଜି ଦିନରେ ଗବେଷଣା ଅନୁଷ୍ଠାନଗୁଡିକ ଏକ ମନ ହୋଇ ଆଲୋକର ଯଥାର୍ଥ ବ୍ୟବହାର ପୂର୍ବକ ସମାଜରେ ଶାନ୍ତି ଓ ପ୍ରଗତି ପ୍ରତିଷ୍ଠା କରିବା ପାଇଁ ୟୁନେସ୍କୋ ଆହ୍ୱାନ କରିଛି। ଆଲୋକ ଶୂନ୍ୟରେ ଏକ ସେକେଣ୍ଡରେ ୩ ଲକ୍ଷ କିଲୋମିଟର ଗତି କରିପାରେ। ତେଣୁ ଏହାର ବେଗ ସର୍ବାଧିକ। ଆମକୁ ଆଲୋକ ସହିତ ପାଦ ପକେଇ ଆଗକୁ ବଢିବାକୁ ହେବ।



**-ଡ. କମଳାକାନ୍ତ ଜେନା,**
ପ୍ରାଧ୍ୟାପକ, ଭଦ୍ରକ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ
ମୋ : ୯୪୩୯୫୦୧୬୫୧

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି– ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। **–ଶ୍ରୀଅରବିନ୍ଦ**



# ମହାସାଗରରେ ପ୍ଲାଷ୍ଟିକ ପ୍ରଦୂଷଣ



ରୋମେନ ଟ୍ରବଲ

୧୯୭୦ ଦଶକରେ ସମୁଦ୍ରରେ ପ୍ଲାଷ୍ଟିକ ବର୍ଜ୍ୟ ପ୍ରଦୂଷଣ ସମସ୍ୟା ପ୍ରଥମେ ସାମ୍ନାକୁ ଆସିଥିଲା। ଏହାର ଅର୍ଦ୍ଧଶତାବ୍ଦୀ ପରେ ଏହି ସମସ୍ୟା ବ୍ୟାପକ ହୋଇଛି। ମହାସାଗରରେ ତାରା ଓସେନ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ବୈଜ୍ଞାନିକ ଅଭିଯାନ ବା ଜଳଯାତ୍ରା (ଏଥିରେ ମୁଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛି) ସମୟରେ ଏହା ଜଣାପଡ଼ିଛି। ମାଛଧରା ଜାଲଗୁଡ଼ିକର ବୃହତ୍ ଆକାରର ବର୍ଜ୍ୟ ଏବଂ ସାମୁଦ୍ରିକ ଜୀବ ଉପରେ ସେଗୁଡ଼ିକର ଅତ୍ୟନ୍ତ କ୍ଷତିକାରକ ପ୍ରଭାବ ଅଧିକ ଦେଖିବାକୁ ମିଳିଛି। ଏଥିରେ ବର୍ଷକୁ ୧୦ ଲକ୍ଷ ସାମୁଦ୍ରିକ ପକ୍ଷୀ ଏବଂ ୧ ଲକ୍ଷ ସାମୁଦ୍ରିକ ସ୍ତନ୍ୟପାୟୀ ଛନ୍ଦି ହୋଇ କିମ୍ବା ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରୁଥିବା ଆକଳନ କରାଯାଇଛି। ପରିସଂସ୍ଥା ଉପରେ ଏହାର ପ୍ରଭାବ ମଧ୍ୟ ପଡୁଛି।

ମାଇକ୍ରୋପ୍ଲାଷ୍ଟିକ (ଅତି କ୍ଷୁଦ୍ର ପ୍ଲାଷ୍ଟିକ କଣିକା) ଅଦୃଶ୍ୟ, କିନ୍ତୁ ଏହା ବ୍ୟାପକ। ଏସବୁ ମହାସାଗରର ଗଭୀରତମ ପ୍ରଦେଶ ଏବଂ ସମସ୍ତ ସାମୁଦ୍ରିକ ଜୀବଠାରେ ଦେଖାଯାଉଛି। ମାଇକ୍ରୋପ୍ଲାଷ୍ଟିକ ମଧ୍ୟ ବ୍ୟାକ୍ଟେରିଆ ଓ ଭୂତାଣୁ ସମୁଦାୟକୁ ପରିବର୍ତ୍ତନ କିମ୍ବା ବୃଦ୍ଧି କରିପାରେ ଏବଂ ଖାଦ୍ୟ ଶୃଙ୍ଖଳରେ ବିଷାକ୍ତ ରାସାୟନିକ ଖେଳାଇଦେଇଥାଏ (କିଛୁ ସମୟରେ ସାମୁଦ୍ରିକ ଜୀବଙ୍କୁ ଖାଇବା ପରେ ଏହା ଘଟିଥାଏ)। କେତେକ ବିଷାକ୍ତ ପଦାର୍ଥ ପ୍ଲାଷ୍ଟିକର ରାସାୟନିକ ପ୍ରକ୍ରିୟା ସହ ଜଡ଼ିତ ଥାଏ। ପ୍ଲାଷ୍ଟିକ ମହାସାଗରରେ ପ୍ରବେଶ କରିବା ପୂର୍ବରୁ ଏଥିରେ ଥିବା କେତେକ କୀଟନାଶକ ଓ ଭାରି ଧାତବ ରହିଥାଏ, ଯାହା ଖାଦ୍ୟ ଶୃଙ୍ଖଳରେ ସହଜରେ ପ୍ରବେଶ କରିଥାଏ। ଏହି ବିଷାକ୍ତ ପଦାର୍ଥ କିଭଳି ପ୍ରକ୍ରିୟା ସହ ଜଡ଼ିତ ଥାଏ ଏବଂ ପ୍ରତିକ୍ରିୟା ପ୍ରକାଶ କରେ ତାହା ହିଁ ଗଭୀର ଅନୁଧ୍ୟାନର ବିଷୟ। ରାସାୟନିକ ପ୍ରକ୍ରିୟାରେ ଏଥିଲିନ, ଷ୍ଟାଇରେନ ଏବଂ ପ୍ରୋପିଲିନର ସମାନ ଅଣୁଗୁଡ଼ିକ (ମୋନୋମର୍ସ) ବାନ୍ଧିହୋଇ ପଲିମର ଯଥାକ୍ରମେ ପଲିଏଥିଲିନ, ପଲିଷ୍ଟିରିନ ଏବଂ ପଲିପ୍ରୋପିଲିନ ଭଳି ପ୍ଲାଷ୍ଟିକ ଗଠନ କରିଥାନ୍ତି। କିନ୍ତୁ ପଲିମରିଜେସନ ପ୍ରକ୍ରିୟା ବହୁ ସମୟରେ ଠିକ୍ ଭାବେ ନ ଥାଏ ଏବଂ ଏଥିଲିନ, ଷ୍ଟାଇରେନ ଓ ପ୍ରୋପିଲିନର କେତେକ କ୍ଷୁଦ୍ର ଅଣୁ ପ୍ଲାଷ୍ଟିକରେ ରହିଯାଇଥାଏ। ଏହା ପରିବେଶ ଓ ସ୍ୱାସ୍ଥ୍ୟ ପ୍ରତି ଅତ୍ୟନ୍ତ କ୍ଷତିକାରକ। ଏହାସହ ଫିଲର୍ସ, କଲୋରାଣ୍ଟସ୍, ଫ୍ଲେମ୍ ରିଟାର୍ଡାଣ୍ଟସ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭଳି କେତେକ କେମିକାଲ ପଲିମର ତିଆରିରେ ବ୍ୟବହାର କରାଯାଇ ତାହାର ଗୁଣ ବୃଦ୍ଧି କରାଯାଏ। ଏହା ସହ ଉତ୍ପାଦ ପ୍ରସ୍ତୁତିରେ ନନ୍ ଇଣ୍ଟେନସନାଲି ଆଡେଡ୍ ସବ୍‌ଷ୍ଟାନ୍ସ (ଏନ୍‌ଆଇଏଏସ୍)ଭଳି ପ୍ରଦୂଷଣକାରୀ ତଥା ବିଷାକ୍ତ ଜିନିଷ ବ୍ୟବହାର କରାଯାଉଥାଏ। ଅଧିକାଂଶ କ୍ଷେତ୍ରରେ ପ୍ଲାଷ୍ଟିକର ଗୁଣ ବୃଦ୍ଧି ପାଇଁ ମିଶା ଯାଉଥିବା ରାସାୟନିକ ପଦାର୍ଥ ଏବଂ ଏନ୍‌ଆଇଏଏସ୍ ରାସାୟନିକ ପ୍ରକ୍ରିୟାରେ ପଲିମର ଚେନ୍‌ରେ ବାନ୍ଧି ନ ହୋଇ ମୁକ୍ତ ଅବସ୍ଥାରେ ରହିଯାଆନ୍ତି। ଫଳରେ ପ୍ଲାଷ୍ଟିକ ବ୍ୟବହାର ଏବଂ ସେଗୁଡ଼ିକୁ ବାହାରେ ଫିଙ୍ଗିଦେବା ଦ୍ୱାରା ବିଷାକ୍ତ କଣିକାସବୁ ପାଣି, ପବନ ଏବଂ ବିଭିନ୍ନ ପଦାର୍ଥରେ ପ୍ରବେଶ କରିବାର



ସମ୍ଭାବନା ଅଧିକ ଥାଏ। ଏଯାବତ୍ ୧୬,୦୦୦ ଅଣୁ ବା କ୍ଷୁଦ୍ର କଣିକା ଚିହ୍ନଟ କରାଯାଇଛି, କିନ୍ତୁ ସମ୍ପୂର୍ଣ୍ଣ ଭାବେ ସେଗୁଡ଼ିକର ପ୍ରଭାବ ଓ ବିଷାକ୍ତ ଗୁଣ ସମ୍ପର୍କରେ ଜଣାପଡ଼ିନାହିଁ। କଣିକାଗୁଡ଼ିକ ଏକାଠି ହେଲେ ବିଷାକ୍ତଗୁଣ ପରିବର୍ତ୍ତନ ହୋଇପାରେ। ଆମେ ଜାଣୁ ଯେ, ୧୬,୦୦୦ ଅଣୁ ମଧ୍ୟରୁ ଏକ ଚତୁର୍ଥାଂଶ ଜୀବମାନଙ୍କ ଜୈବରାସାୟନିକ ପ୍ରକ୍ରିୟାରେ ବାଧକ ସାଜି ମଣିଷ ଶରୀର କିମ୍ବା ପରିବେଶ ପ୍ରତି କ୍ଷତିପହଞ୍ଚାଉଛି।

ସମୁଦ୍ର, ନଦୀ, ହ୍ରଦ ଓ ଅନ୍ୟାନ୍ୟ ଜଳ ଉତ୍ସରେ ପ୍ଲାଷ୍ଟିକର କ୍ଷୁଦ୍ରତମ ଓ ବିଷାକ୍ତ ପ୍ରଦୂଷଣକାରୀ କଣିକା ମିଶିଚାଲିଛି। ଏହାକୁ ରୋକିବା ଏକ କଠିନ କାର୍ଯ୍ୟ ଏବଂ ଏହି ଦାୟିତ୍ୱ ସହଜରେ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ତଥାପି ବୈଜ୍ଞାନିକମାନେ ଏହି ସମସ୍ୟା ଦୂର କରିବାକୁ ଚେଷ୍ଟା କରୁଛନ୍ତି। ଉଦାହରଣସ୍ୱରୂପ, ତାରା ୟୁରୋପା ଅଭିଯାନ ୟୁରୋପିଆନ ମଲିକ୍ୟୁଲାର ବାୟୋଲୋଜି ଲାବରେଟୋରି ଏବଂ ସେହି ମହାଦେଶର ୭୦ରୁ ଅଧିକ ବିଜ୍ଞାନ ଅନୁଷ୍ଠାନର ମିଳିତ ସହଯୋଗରେ ପ୍ରୟାସ ଜାରି ରଖିଛି। ପ୍ଲାଷ୍ଟିକର କ୍ଷତିକାରକ କଣିକା ୟୁରୋପୀୟ ଦେଶଗୁଡ଼ିକ ସଂଲଗ୍ନ ସମୁଦ୍ର ଓ ମହାସାଗରରେ କିଭଳି ମିଶୁଛି ତାହା ଉପରେ ଦୁଇବର୍ଷ ହେଲା ଅନୁଧ୍ୟାନ କରୁଛି। ଏହାର ସିଦ୍ଧାନ୍ତ ଖୁବ୍‌ଶୀଘ୍ର ପ୍ରକାଶ କରିବା ପାଇଁ ମଧ୍ୟ ଯୋଜନା କରାଯାଇଛି। ପ୍ଲାଷ୍ଟିକ ବିଷାକ୍ତ ବର୍ଜ୍ୟ ଓ ଗଦାହୋଇ ରହୁଥିବା ପ୍ଲାଷ୍ଟିକ ଖଣ୍ଡ କେବଳ ମହାସାଗରକୁ କ୍ଷତି କରୁଛି ତାହା ନୁହେଁ, ବରଂ ପ୍ଲାଷ୍ଟିକ ଶିଳ୍ପ ମଧ୍ୟ ଜଳବାୟୁ ପରିବର୍ତ୍ତନରେ ପ୍ରମୁଖ ଭୂମିକା ନେଉଛି। ବିଶ୍ୱରେ ହେଉଥିବା ମୋଟ ସବୁଜଗୃହ ବାଷ୍ପ(ଜିଏଚ୍‌ଜି) ନିର୍ଗମନର ୩.୪% ଏହି ଶିଳ୍ପ ଯୋଗୁ ହେଉଛି। ପ୍ଲାଷ୍ଟିକ ଉତ୍ପାଦନ ଯୋଗୁ ଏହା ବୃଦ୍ଧି ପାଇ ୨୦୫୦ ସୁଦ୍ଧା ୧୫% ହେବ ବୋଲି ଆକଳନ କରାଯାଉଛି। ଏହାଦ୍ୱାରା ବିଶ୍ୱତାପନ ବୃଦ୍ଧି ଘଟିବା ସହ ସାମୁଦ୍ରିକ ଜୀବଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି ହେବା ସହିତ ଜଳର ତାପମାତ୍ରା ମଧ୍ୟ ବୃଦ୍ଧି କରିବ।

କେବଳ ମହାସାଗର ନୁହେଁ, ପ୍ଲାଷ୍ଟିକ ସମଗ୍ର ଜୈବମଣ୍ଡଳର ଅବକ୍ଷୟ କରୁଛି। ଏଣୁ ଏହା ଏକ ବର୍ଜ୍ୟ ସମସ୍ୟା ନୁହେଁ, ଯାହାକୁ ପରିବେଶ ପାଇଁ ଚିନ୍ତା କରୁଥିବା କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ଅନୁସୃତ ରିସାଇକ୍ଲିଂ ପଦକ୍ଷେପ ମାଧ୍ୟମରେ ସମାଧାନ କରାଯାଇପାରିବ। ଏହା ଏକ ବ୍ୟବସ୍ଥାଗତ ସଙ୍କଟ, ଯାହାର ସମାଧାନ ପାଇଁ ଅର୍ଥବ୍ୟବସ୍ଥା ଦିଗରୁ ବ୍ୟାପକ ପଦକ୍ଷେପ ଲୋଡ଼ା। ପ୍ଲାଷ୍ଟିକ୍‌କୁ ଏକ 'ନୂଆ ତତ୍ତ୍ୱ' ଭାବେ ବୁଝିବା ସହ ତାହା କିଭଳି ପରିବେଶରେ ନ ମିଶିବ ସେଥିପାଇଁ ଏକ ଉତ୍ତମ ଦୃଷ୍ଟିକୋଣ ଆପଣାଇବା ଦରକାର। ଏଭଳି ଦୃଷ୍ଟିକୋଣ ଷ୍ଟକ୍‌ହୋମ ରିଜିଲେନ୍ସ ସେଣ୍ଟର 'ପ୍ଲାନେଟୋରି ବାଉଣ୍ଡରିଜ୍' ଉପରେ କାମ କରିବାବେଳେ ଆପଣାଇଥିଲା ଏବଂ ପରେ ଆମେରିକା ତାହାକୁ ସମର୍ଥନ କରିଥିଲା। ତେବେ ପ୍ଲାଷ୍ଟିକ କ୍ଷତିର ସୀମା ଠିକ୍ ଭାବେ ନିର୍ଣ୍ଣୟ କରିବା ଅସମ୍ଭବ ବୋଲି ସ୍ୱୀକାର କରାଯାଉଥିବାବେଳେ ଏଭଳି ଦୃଷ୍ଟିକୋଣ ପ୍ଲାଷ୍ଟିକ ବ୍ୟବହାର ଶୀଘ୍ର ହ୍ରାସ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଏ।

ଗବେଷଣାରୁ ଜଣାପଡ଼ିଛି ଯେ,ବିଶ୍ୱରେ ପ୍ଲାଷ୍ଟିକ ଉତ୍ପାଦନ ଅଧା ହ୍ରାସ କରିବା ଆର୍ଥିକ ଦୃଷ୍ଟିରୁ ସମ୍ଭବ ହେବ। ଏହାପାଇଁ ଯେତିକି କ୍ଷତି ହେବ ତାହା ନିଶ୍ଚିତ ଭାବେ ନିଷ୍କ୍ରିୟତା ବା କୌଣସି ପଦକ୍ଷେପ ନ ନେବା ଯୋଗୁ ହେଉଥିବା କ୍ଷତିଠାରୁ କମ୍। କିନ୍ତୁ ନିକଟରେ ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ଏଭଳି ଉତ୍ପାଦନ ହ୍ରାସ ପ୍ୟାରିସ ଚୁକ୍ତିରେ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସ ମଧ୍ୟରେ ସୀମିତ ରଖିବା ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ସକାଶେ ଯଥେଷ୍ଟ ନାହିଁ। ସେମାନେ ଜାଣିବାକୁ ପାଇଛନ୍ତି ଯେ, ଏହି ଲକ୍ଷ୍ୟ ପୂରଣ ଲାଗି ୨୦୧୫( ଯେଉଁ ସମୟରେ ପ୍ୟାରିସ ଜଳବାୟୁ ଚୁକ୍ତି ହୋଇଥିଲା) ତୁଳନାରେ ପ୍ଲାଷ୍ଟିକ ଉତ୍ପାଦନ ୭୫% ହ୍ରାସ କରିବାକୁ ପଡ଼ିବ।

ଏହି ବୈଶ୍ୱିକ ସଙ୍କଟର ସମାଧାନ ପାଇଁ ଆଇନଗତ ଭାବେ ନିବେଶ ସଞ୍ଚାଳନ ଅତ୍ୟନ୍ତ ଜରୁରୀ ଏବଂ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଉତ୍ପାଦନ ହ୍ରାସ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଯେତିକି ଉତ୍ପାଦନ ହେବ ସେସବୁର ବ୍ୟବହାର ସମୟସୀମା ବା ଲାଇଫସ୍ପାନ ବୃଦ୍ଧି କରାଯିବା ସହ ପୁନଃବ୍ୟବହାର ତଥା ମରାମତିକୁ ପ୍ରୋତ୍ସାହିତ କରାଯିବା ଉଚିତ। ପ୍ଲାଷ୍ଟିକ ବଦଳରେ କାଗଜ, କାର୍ଡବୋର୍ଡ, ଆଲୁମିନିୟମ, ଷ୍ଟିଲ ଓ କାଚ ଭଳି ଫିଙ୍ଗାଯୋଗ୍ୟ ଜିନିଷ ଦ୍ୱାରା ପ୍ୟାକେଜିଂ ସ୍ୱଳ୍ପକାଳୀନ ସମାଧାନ ଆକର୍ଷକ ମନେହେଉଥିଲେ ମଧ୍ୟ ଏଭଳି ପଦକ୍ଷେପ ପ୍ରକାଶ ପାଇଥିବା ପ୍ରଦୂଷଣଜନିତ ସମସ୍ୟାର ତୀବ୍ରତାକୁ ହ୍ରାସ କରିପାରିବ ନାହିଁ।

ଆମ ଅର୍ଥ ବ୍ୟବସ୍ଥାଗୁଡ଼ିକ ବଢୁଥିବାବେଳେ ଏକ ବାସୋପଯୋଗୀ ତଥା ସୁସ୍ଥ ପୃଥିବୀ ଅନିବାର୍ଯ୍ୟ ହୋଇଗଲାଣି। ଏହି ସମୟରେ ଏବକାର ପରିସଂସ୍ଥାଗତ ଆବଶ୍ୟକତାର ଅର୍ଥନୈତିକ ବାସ୍ତବତାକୁ ଅଣଦେଖା କିମ୍ବା ଅସ୍ୱୀକାର କରିବା ମାନେ ଏକ ସ୍ଥାୟୀ ତଥା ଉପଯୋଗୀ ପରିବେଶ ପାଇଁ ଅତି ଆବଶ୍ୟକ ମାନବୀୟ କାର୍ଯ୍ୟକଳାପ ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜିଦେବା। ପରିବେଶ ବିରୋଧରେ କାମ କରିବା ପରିବର୍ତ୍ତେ, ଏହା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି ଏବଂ ତାହା ହିଁ ପ୍ଲାଷ୍ଟିକ ବର୍ଜ୍ୟ ସମସ୍ୟାର ସମାଧାନରୁ ଆରମ୍ଭ ହେବା ଦରକାର।

**କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ,**
**ତାରା ଓସେନ ଫାଉଣ୍ଡେସନ**

# କେବେ ରାଣ ଖାଇଛ



ଦୀପ୍ତିମୟୀ ନାୟକ

ରାଣ ଭିତରେ ଥାଏ ଆତ୍ମୀୟତା। ଏହି ରାଣ ଯେତେବେଳେ ଯାହାକୁ ପକାଯାଏ ସେତେବେଳେ ସେହି ଲୋକଟି ହସିକି କହିଦେଇଥାଏ ତୋତେ କ'ଣ ଏହି ରାଣ ଛଡା ଆଉ କିଛି ଆସେନାହିଁ । ଆଉ ତାକୁ ରାଣ ପକେଇଥିବା ଲୋକଟି କହିଦେଇଥାଏ ମୋତେ ସବୁ ଆସେ, ବାସ୍ ତୁମେ ମୋ ରାଣରେ କେତେ ଲୋଭ ରଖ ସେଇଟା ଜାଣିବା ପାଇଁ ରାଣ ପକାଉଥିଲି । ତେବେ ଏହି ରାଣ ଶବ୍ଦଟି ଛୋଟବେଳୁ ଶୁଣି ଆସିଛି । ସ୍କୁଲରେ କେହି ଯଦି କାହା ସହ ଝଗଡା କରନ୍ତି କିମ୍ବା କେହି ଯଦି କାହା ସହ କଥା ହେବାକୁ ଚାହାନ୍ତି ନାହିଁ ସେତେବେଳେ କହିଦିଅନ୍ତି ତୋ ବାପା ବୋଉ ରାଣ ତୁ ମୋ ସହ କଥା ହେବୁନୁ । ପିଲା ଯଦି କୌଣସି ଖାଦ୍ୟ ଖାଇବାକୁ ଅନିଚ୍ଛା ପ୍ରକାଶ କରୁଛି ସେତେବେଳେ ମା' ମଧ୍ୟ କୁହନ୍ତି ତୋତେ ମୋ ରାଣ, ତୋତେ ତୋ ବାପା ରାଣ ତୁ ଆସେ ଖାଇବୁ । ଭାଇ ଯଦି ଭଉଣୀ ସହ ରାଗିଛି ତା'ହେଲେ ଭଉଣୀ ମଧ୍ୟ ଅନେକ ଥର କହିଛି ତୋତେ ମୋ ରାଣ ତୁ ଆଉ ମୋ ଉପରେ ରାଗେନି । ଭଉଣୀ ଯଦି ଘରେ ରୁଷିକି କିଛି ଖାଉନି ଭାଇ ମଧ୍ୟ ଭଉଣୀର ହାତ ଧରି କହିଥାଏ ତୋତେ ମୋ ରାଣ ଚାଲ ଖାଇବୁ । ଠିକ୍ ସେହିପରି ସ୍ୱାମୀ ସ୍ତ୍ରୀର ସମ୍ପର୍କ ମଧୁରତା ଭିତରେ ରାଣର ବିଶେଷ ଭୂମିକା ରହିଛି । କେବଳ ସ୍ୱାମୀ ସ୍ତ୍ରୀ କାହିଁକି ମଣିଷ ବଞ୍ଚିଥିବା ଯାଏ ଏ ରାଣ ଖାଇଛି । ସେଥିପାଇଁ କୁହାଯାଏ ସବୁ ଖାଇ ହେବ ଏ ରାଣ ଖାଇବା ବହୁତ କଷ୍ଟ ହୋଇଯିବ। ତେବେ ଏ ରାଣ ଶିଖେଇଛି ଦୁଷ୍ଟାମି ଛାଡିବା । ରାଣ ଶିଖେଇଛି ଅନ୍ୟଠୁ ଦୂରେଇ ରହିବା ଆଉ ଏହି ରାଣ ଶିଖେଇଛି ନିଜ ପସନ୍ଦର ଲୋକଙ୍କ ପାଖେ ପାଖେ ରହିବା । କାହିଁକି ନା ଯେତେବେଳେ ଆମ ରାଣ ଉପରେ କିଏ ଲୋଭ କରିବା ଆରମ୍ଭ କରିଦେଇଥାଏ ସେତେବେଳେ ସେମାନଙ୍କ ପ୍ରତି ଆମମାନଙ୍କ ଭଲପାଇବା କାହିଁକି କେଜାଣି ହଠାତ୍ ବଢ଼ି ଯାଇଥାଏ । ଆଉ ଯେତେବେଳେ କୌଣସି ଆପଣାର ଲୋକ ଆମ ରାଣ ରଖେନି ସେତେବେଳେ ହୁଏତ ଭଲପାଇବା କମେନି, କିନ୍ତୁ ଆମ ଆପଣାର ଲୋକଗୁଡ଼ା ଯେମିତି ଆମକୁ ନିଜର ଭାବନ୍ତିନି ବୋଲି ଅନୁଭବ ହୋଇଥାଏ। ଅନେକ ସମୟରେ ମନ କଷ୍ଟ ହୁଏ। ଏଥିପାଇଁ ଅନେକଙ୍କ ମଧ୍ୟରେ ଝଗଡା ମଧ୍ୟ ହୁଏ କେବଳ ଏଥିପାଇଁ ଯେ ତୁମେ କାହିଁକି ମୋ ରାଣ ରଖିଲନି। ସତ କହିବାକୁ ଗଲେ ଏ ରାଣ ସୁଖ–ଦୁଃଖ, ହସ–ଖୁସି, ରାଗ–ରୁଷା, ମାନଅଭିମାନ ଭିତରେ ଥାଏ । ରାଣ ହିଁ ଅନେକଙ୍କ ମନ ପରିବର୍ତ୍ତନ କରିବାରେ ସହାୟକ ହୋଇଥାଏ । ଯେମିତି କି ତୋତେ ତୋ ବାପା ବୋଉ ରାଣ ତୁ ସେଠିକି ଯିବୁନୁ। ତୋତେ ମୋ ରାଣ ତୁ ଭୁଲ ରାସ୍ତା କିଛି ବାଛିବୁନି। ତୋତେ ମୋ ରାଣ ତୁ ତା ସହ ମିଶିବୁନି। ତୋତେ ମୋ ରାଣ ତୁ ମୋ ଛଡା ଆଉ କାହାକୁ ଚାହିଁବୁନି।

ତେବେ ଆଜିକାଲି ଅନେକ ଲୋକ ମଧ୍ୟ ନିଜ କଥାକୁ ଅନ୍ୟକୁ ବିଶ୍ୱାସ ଦେବା ପାଇଁ ରାଣ ପକେଇଥାନ୍ତି । ଯେମିତି କି ବିଦ୍ୟାରାଣ, ଠାକୁରଙ୍କ ରାଣ, ସବୁରାଣ, ବାପା ବୋଉଙ୍କ ରାଣ, ଆଖି ରାଣ, ଭାଇ ରାଣ, ଭଉଣୀ ରାଣ, ସ୍ୱାମୀ ରାଣ, ସ୍ତ୍ରୀ ରାଣ ଏମିତି ଅନେକ ରାଣ ରହିଛି, ଯେଉଁ ରାଣଗୁଡିକ ସତକୁ ସତ ଆଉ ମିଛକୁ ମିଛ ବୋଲି କହିବାରେ ସାହସ ଜୁଟେଇଛି । କିନ୍ତୁ ବର୍ତ୍ତମାନ ସମୟରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ମିଛ କଥାରେ ମଧ୍ୟ ରାଣ ପକେଇ ଦେଇଥାଆନ୍ତି । ସେଥିପାଇଁ ଆଜିକାଲି ଦୁନିଆରେ ଯଦି କେହି କାହା ସାମ୍ନାରେ ସତ କହିବାକୁ ଯାଇ ରାଣ ଖାଇଦେଉଛି ଲୋକମାନେ ମଧ୍ୟ ତା' ଉପରେ ହସିବା ଆରମ୍ଭ କରିଦେଉଛନ୍ତି, ଶେଷରେ କହିଦେଉଛନ୍ତି ତୁ କେଉଁ ଯୁଗରେ ଅଛୁ ।

ସତ କହିବାକୁ ଗଲେ ସେହି ପୁରୁଣାକାଳିଆ ଲୋକ ହିଁ ବହୁତ ଭଲ ଥିଲେ, ଯେଉଁମାନେ ଅନ୍ୟାୟ ଦେଖିଲେ ମୁହଁ ଉପରେ ଜବାବ ଦେଉଥିଲେ। ନିଜ କଥାକୁ ଅନ୍ୟକୁ ବିଶ୍ୱାସ ଦେବାପାଇଁ ରାଣ ଖାଇଦେଉଥିଲେ । ରାଣ ଖାଇବା କୌଣସି ଖରାପ କଥା ନୁହେଁ, ଛୋଟବେଳୁ ଯାହା ଶିଖିଛେ ତାହା ହିଁ ତ କହୁଛେ । କିଛି ଲୋକ ଅଭିମାନରେ ମଧ୍ୟ ଅନ୍ୟକୁ ରାଣ ପକେଇଥାନ୍ତି । ଅଭିମାନ କରିଥିବା ଲୋକକୁ ବୁଝେଇବା ପାଇଁ କହିଥାଆନ୍ତି ଏତେ ଅଭିମାନ କରନି ଜଲଦି ରାଣ ଫିଟା। ଆଉ ଏହି ରାଣ ଫିଟେଇବା ପାଇଁ ଅନେକ କୌତୁକିଆ କଥା ମଧ୍ୟ ଥିଲା– ଯେମିତି କି ତମ ଘରେ କେଉଁ ଚଟୁ, ସୁନା ଚଟୁ , ତୋ ରାଣ ଫିଟୁ ତୁ ହ ପେଟୁ । ଠିକ୍ ସେହିଭଳି ମା' ବାପାଙ୍କ ରାଣ ଯଦି କେହି ପକେଇଥାଏ ସେହି ରାଣକୁ ଫିଟେଇବା ପାଇଁ ଥିଲା– ତୋ ବାପା ବୋଉ ରାଣ କ'ଣ, ଆଟୁ ତୋ ବାପା ବୋଉ ରାଣ ଫିଟୁ –ଏମିତି ଅନେକ ରାଣ ଫିଟେଇବାର କୌତୁକିଆ କଥା ଥିଲା, କିନ୍ତୁ ଏବେ ସେହି କୌତୁକିଆ କଥା ନାହିଁ, ହେଲେ କିଛି ଜଣକ ପାଟିରେ ରାଣ ରହିଯାଇଛି।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋ: ୯୦୯୦୬୬୧୫୮୬**

## ଏଇ ଭାରତରେ

ଜ୍ଞାନ ସେଟ୍ଟୀ ପେସାରେ ଇଞ୍ଜିନିୟର। ତାଙ୍କୁ ବୟସ ଏବେ ୨୮ । ସେ ଚାକିରି ଛାଡ଼ି ଅଗଣାରେ ବଗିଚାଟିଏ କରିବା ପାଇଁ ପୂରା ସମୟ ଦେଇଛନ୍ତି। ତାଙ୍କ ମାଙ୍ଗାଲୁରସ୍ଥିତ ଘର ଅଗଣାରେ ବଗିଚାରେ ୩,୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଛନ୍ତି। ଏଥିମଧ୍ୟରେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ, ଫୁଲଗଛ, ଫଳଗଛ, ପାଣିରେ ବଢୁଥିବା ଗଛ ଆଦି ରହିଛି। ଏହି ବଗିଚାର ନାମ ଦେଇଛନ୍ତି 'ନମୋ ବଗିଚା' ଓ ଅନ୍‌ଲାଇନରେ ନର୍ସରି ବିଜ୍‌ନେସ ଚଳାଇଛନ୍ତି। ଏହାକୁ ସେ ୨୦୨୨ ଜାନୁଆରୀରେ ଆରମ୍ଭ କରିଥିଲେ। ସେ ଭାରତର ବିଭିନ୍ନ ସହରରୁ ଅର୍ଡର ପାଉଛନ୍ତି ଓ ସେମାନଙ୍କୁ ସେ ଗଛ ବିକ୍ରି କରୁଛନ୍ତି। କେବଳ ଅଗଣା ନୁହେଁ ଘର ବାଲକୋନି, ଏପରି କି ଘର ଭିତରେ ମଧ୍ୟ ବିଭିନ୍ନ ଗଛ ଲଗାଇଛନ୍ତି। ଦେଖିବାକୁ ଗଲେ ଜ୍ଞାନଙ୍କ ଘରର ପ୍ରତ୍ୟେକଟି ଇଞ୍ଚରେ ଗଛ ରହିଛି। ସେ ଏହି ସବୁ ଗଛ ଶତ ପ୍ରତିଶତ ଜୈବିକ ପଦ୍ଧତିରେ ବଢ଼ାଇଛନ୍ତି। ରୋଷେଇଘରୁ ବାହାରୁ ଥିବା ବର୍ଜ୍ୟରୁ ଖତ ପ୍ରସ୍ତୁତ କରି ଗଛରେ ପ୍ରୟୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୬ ମେ ୧୯୭୬**

- ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ ପକ୍ଷରୁ ଶିଶୁ ସାହିତ୍ୟରେ ପୁରସ୍କାର ପ୍ରଦାନ କରିବା ପାଇଁ ୧୧ଟି ପୁସ୍ତକ ମନୋନୀତ।
- ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କର ପୁନଃସଂସ୍ଥାପନ, ଟ୍ରେନ ଓ ବିମାନ ଚଳାଚଳ ପାଇଁ ରାଜିନାମା ସ୍ୱାକ୍ଷରିତ।

# ଚାକିରି ଚୋରି, ବଣିଜ ମିଛ



ଡ. ମୌସୁମୀ ପରିଡ଼ା

ସମୟାନୁସାରେ ବହୁ ପରିବର୍ତ୍ତନ ହୁଏ। ଚାକିରି ଓ ବଣିଜ ପାଇଁ ଶାମ ଦାମ ଦଣ୍ଡ ଭେଦ ଆପଣା ଯାଏ। ଆବଶ୍ୟକ ସ୍ଥଳେ ରାଜନୈତିକ ବା କୂଟନୈତିକ ସ୍ତରରେ ହେରଫେର କରିବାକୁ ହୁଏ। କାରଣ ଅସ୍ତିତ୍ୱ ଓ ପ୍ରତିଷ୍ଠା ମଣିଷ ପାଇଁ ଯେତିକି ଆବଶ୍ୟକ ଦେଶ, ପ୍ରଦେଶ ବା କୌଣସି ବର୍ଗ ପାଇଁ ମଧ୍ୟ ସେତିକି ଜରୁରୀ। ଯେଭଳି ପାତ୍ର ସେଭଳି ସ୍ଥିତି। ଆକାର, ପ୍ରକାର, ସଂଜ୍ଞା, ସ୍ୱରୂପ ସବୁକିଛି ସ୍ଥିତି ଅନୁଯାୟୀ ବଦଳୁଥିବାରୁ ବଣିଜର ମୂଲ୍ୟବୋଧ ଓ ସ୍ୱଚ୍ଛତା ପ୍ରଭାବିତ ହୁଏ। ଲୋକମାନଙ୍କ ଚାହିଦାନୁସାରେ ଉତ୍ପାଦନ ଓ କିଣାବିକାର ମାନ ବଦଳିଥାଏ। ଅବଶ୍ୟ ଜନସଂଖ୍ୟାନୁଯାୟୀ କଞ୍ଚାମାଲର ଆବଶ୍ୟକତା ଓ କମ୍ପାନୀଗୁଡିକର ପ୍ରତିଦ୍ୱନ୍ଦ୍ୱିତା ମାର୍କେଟିଂକୁ ପ୍ରଭାବିତ କରେ। ସେଥିପାଇଁ ମନଲୋଭା ବିଜ୍ଞାପନ ଦେବାକୁ ହୁଏ। କିଛି କମ୍ପାନୀ ବଲିଉଡ୍ ତାରକା, ଜାତୀୟ–ଅନ୍ତର୍ଜାତୀୟ ଖେଳାଳି, ମଡେଲ୍ ତଥା ଲୋକପ୍ରିୟ ବ୍ୟକ୍ତିବିଶେଷଙ୍କୁ ବହୁମୂଲ୍ୟ ବିନିମୟରେ ବିଜ୍ଞାପନରେ ଅଭିନୟ କରିବାକୁ ପ୍ରସ୍ତାବ ଦିଅନ୍ତି। ଆରମ୍ଭ ହୁଏ ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତା। ଶସ୍ତା ସୁନ୍ଦର କରି ଯୋଗାଇଦେବାର ପ୍ରତିଶ୍ରୁତି ଭିତରେ ବ୍ୟବସାୟୀ ମିଥ୍ୟାର ସାହାରା ନିଅନ୍ତି। କଞ୍ଚାମାଲ ଓ ଚାହିଦା ଭିତରେ ସାଲିସ୍ ହୁଏ। ଏପଟେ ବହୁମୂଲ୍ୟ ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ଭକୁଆ ବନେଇ ଉତ୍ପାଦନ ଓ ବିକ୍ରି ବୃଦ୍ଧି ହୁଏ ସିନା ଜିନିଷରେ ସ୍ୱଚ୍ଛତା ବଜାୟ ରହେନାହିଁ। ଏକଥାଟି ସତୁରି ଅଶୀ ଦଶକର ଲୋକେ ବୁଝିପାରୁଥିଲେ। ଯେତେ ଉତ୍ପାଦନ ବଢିବ ସେତେ ମାନ ହ୍ରାସ ପାଇବ ବୋଲି ସେମାନଙ୍କ ଧାରଣା ଥିଲା।

ବୈଦ୍ୟୁତିକ ଗଣମାଧ୍ୟମ ଓ ଆଧୁନିକ ଯନ୍ତ୍ରକୌଶଳ ଦ୍ୱାରା ଜୀବନ ଢେର୍ ବଦଳିଛି! ଦୈନିକ ଦିନଚର୍ଯ୍ୟା ଭିତରେ ଯନ୍ତ୍ର ଏପରି ସାମିଲ ହୋଇଯାଇଛି ଯେ ସେ ଏକାକୀ କିଛି ଚିନ୍ତା କରିପାରୁନାହିଁ। ସେହିଅନୁସାରେ ତାର ଚିନ୍ତାଚେତନା, କ୍ରିୟା ପ୍ରତିକ୍ରିୟା ପ୍ରଭାବିତ ହୋଇଛି। ଆଗରୁ ଯେତେବେଳେ ଟେଲିଭିଜନ୍ ପ୍ରଥମ କରି ଘରକୁ ପ୍ରବେଶ କରିଥିଲା, ସେତେବେଳେ ଥଣ୍ଡା ପାନୀୟଠାରୁ ଆରମ୍ଭ କରି ସାବୁନ, ଟୁଥ୍‌ପେଷ୍ଟ, ଡିଟରଜେଣ୍ଟ, ସୌନ୍ଦର୍ଯ୍ୟ ସାମଗ୍ରୀ ପର୍ଯ୍ୟନ୍ତ ବହୁ ଜିନିଷର ବିଜ୍ଞାପନ ପ୍ରଦର୍ଶିତ ହେଉଥିଲା। ଲୋକେ ମନପସନ୍ଦର ସିରିୟଲ୍, ଫିଲ୍ମ, ଚିତ୍ରଗୀତି ଓ ଖବର ପ୍ରସାରଣ ଭଳି ପ୍ରୋଗ୍ରାମ ସହିତ ବିଜ୍ଞାପନଗୁଡ଼ିକୁ ମନଭରି ଉପଭୋଗ କରୁଥିଲେ। ଅଧିକାଂଶ ଭାବୁଥିଲେ– ଖରାପ ଜିନିଷକୁ ବିକିବା ପାଇଁ ବିଜ୍ଞାପନର ଆବଶ୍ୟକତା ପଡେ। ତେଣୁ ଲୋକେ ନିଜ ପସନ୍ଦର ବ୍ରାଣ୍ଡ୍‌କୁ ଗୁରୁତ୍ୱ ଦେଉଥିଲେ। କ୍ରମଶଃ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷଗୁଡିକୁ ଟକ୍କର ଦେବା ପାଇଁ କିଛି କମ୍ପାନୀ ଅପେକ୍ଷାକୃତ କମ୍ ମୂଲ୍ୟ ବିନିମୟରେ, ମିଛ ପ୍ରତିଶ୍ରୁତି କିମ୍ବା ଲୋଭନୀୟ ଅଫର ମାଧ୍ୟମରେ ଲୋକମାନଙ୍କୁ ଆକର୍ଷିତ କରିବାକୁ ଲାଗିଲେ। କିଛି ଲୋକ ପରିବର୍ତ୍ତନ ପାଇଁ ଫ୍ରୀ ଅଫର୍ ଥିବା ଜିନିଷ ଆଣି ଦେଖିଲେ




ବିଶେଷ ଫରକ୍ ନାହିଁ ମୂଳବସ୍ତୁଠାରୁ। ଲୋଭ ଜାଗିବାରୁ ଧୀରେ ଧୀରେ ନିଜ ମତ ଓ ପସନ୍ଦ ବଦଳାଇ ବିଜ୍ଞପିତ ଜିନିଷଗୁଡିକୁ କିଣି ଚାଲିଲେ।

କମ୍ପାନୀ ନିଜ ପ୍ରଚାର ପ୍ରସାର ମାଧ୍ୟମରେ ପ୍ରତିଷ୍ଠିତ ହେଲା ପରେ ତା' ଜିନିଷର ମାନ ନିମ୍ନଗାମୀ ହେବାରେ ଲାଗିଲା। କିନ୍ତୁ ଅଭ୍ୟାସବଶତଃ ଲୋକେ ସେଥିରୁ ମିକୁଳିପାରିଲେ ନାହିଁ। ଏ କମ୍ପାନୀ ସେ କମ୍ପାନୀ ହୋଇ ଶସ୍ତା ସୁନ୍ଦର ଆଳରେ ଠକିହେଲେ। ସେମାନଙ୍କ ନୈତିକତା ଓ ବିଚାରବୋଧ ନିମ୍ନଗାମୀ ହେବାରୁ ନିଜେ ଠିକିଲେ ବା କମ୍ପାନୀଦ୍ୱାରା ଠକାମୀର ଶିକାର ହେଲେ। ଆଗରୁ ଥିବା ମାନସିକତାରେ ପରିବର୍ତ୍ତନ ଆସିଲା। ସବୁ ଚକଚକ କରୁଥିବା ଜିନିଷ ସୁନା ନୁହେଁ କିମ୍ବା ସବୁ ବିଜ୍ଞପିତ ଜିନିଷ ସ୍ୱଚ୍ଛ ନୁହେଁ ବୋଲି ଧାରଣା କିନ୍ତୁ ବଳବତ୍ତର ରହିଲା। ଆଗରୁ ଯେତେବେଳେ ବିଭିନ୍ନ ପ୍ରାନ୍ତରୁ ଜିନିଷ ଆମ ଦେଶକୁ ଆସୁଥିଲା କିମ୍ବା ଯାଉଥିଲା ସବୁର ଗୁଣବତ୍ତା ଯାଞ୍ଚ କରାଯାଉଥିଲା। ବଣିକମାନେ ନିଷ୍ଠା ଓ ବିଶ୍ୱାସର ସହିତ ବଣିଜ କରୁଥିଲେ। ନିଜ ଜିନିଷର ମାନକୁ ଉଚ୍ଚରେ ରଖିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରାଯାଉଥିଲା। କିନ୍ତୁ ସମୟ ବଦଳିଯାଇଛି। ଯୁଦ୍ଧାସ୍ତ୍ର ହେଉ ବା ଯନ୍ତ୍ରାଂଶ ସବୁ ନକଲି ମିଳୁଛି। ଚାହିଦାକୁ ନଜରରେ ରଖି ଶସ୍ତା ଜିନିଷ ଉପଲବ୍ଧ କରିବାକୁ କମ୍ପାନୀମାନେ ଗୁଣବତ୍ତାରେ ସାଲିସ୍ କରୁଛନ୍ତି। ସେଥିପାଇଁ ବଣିଜ ମିଛ ବୋଲି ପ୍ରତିପାଦିତ ହେଉଛି! ଭାରତର ଜନସଂଖ୍ୟାରୁ ବାଣିଜ୍ୟିକ ଲାଭ ଉଠାଉଥିବା ଆମେରିକା, ଚାଇନା ପରି ଦେଶମାନେ ନିଜ ବାଣିଜ୍ୟିକ ଫାଇଦାକୁ ବଳବତ୍ତର ରଖିବାକୁ ଚେଷ୍ଟା କରୁଛନ୍ତି। ଦେଖିବାକୁ ଗଲେ ବଣିଜ ପାଇଁ ଆଜିକାଲି ଆନ୍ତର୍ଜାତିକ ସ୍ତରରେ କୂଟନୀତି ହେଉଛି। ନିଜ ପ୍ରତିଷ୍ଠା ଓ ପ୍ରତିପତ୍ତି ପାଇଁ କେଉଁଠି ଯୁଦ୍ଧ ତ ପୁଣି କେଉଁଠି ଷଡଯନ୍ତ୍ର– ଏସବୁ ବଣିଜର ଅନ୍ୟତମ ରୂପ କହିଲେ ଭୁଲ୍ ହେବନାହିଁ।

ଦ୍ୱିତୀୟ ପ୍ରସଙ୍ଗ ହେଲା ଚାକିରି, ଜୀବନ ଜୀବିକାର ଅନ୍ୟ ସ୍ୱରୂପ, ଯେଉଁଠାରେ ଆର୍ଥିକ ନିଶ୍ଚିତତା ଥାଏ ସତ୍ୟ କିନ୍ତୁ ସାମାଜିକ ସ୍ୱାଧୀନତା ସଙ୍କୁଚିତ ହୋଇଯାଏ। ବେଳେବେଳେ ପାରିବାରିକ କର୍ତ୍ତବ୍ୟରେ ଅବହେଳା କରିବାକୁ ହୁଏ। ସେହି ଚିରାଚରିତ ଜୀବନର ପୌନଃପୁନିକତା ଜୀବନକୁ ଫମ୍ପା କରିଦେଉଥିବାରୁ ବଞ୍ଚିବାର ସ୍ପୃହା ଓ ଖୁସି ମରିମରି ଆସେ। ଚାକିରି ଜୀବନର ବ୍ୟସ୍ତବହୁଳତା ଓ ବିଭିନ୍ନ ପ୍ରକାର ମାନସିକ ଚାପ ମଣିଷକୁ ବିପର୍ଯ୍ୟସ୍ତ ବନାଏ। କେତେବେଳେ ଚାକିରି କ୍ଷେତ୍ର ଘରଭିତରକୁ ପ୍ରବେଶ କରିଯାଏ ଜଣାପଡେନି। ଘର, ପରିବାର, ଆତ୍ମୀୟସ୍ୱଜନ ସମସ୍ତେ ଗୌଣ ପାଲଟିଯାଆନ୍ତି! ସାମାଜିକ ପ୍ରାଣୀ–ମଣିଷ ସମାଜବିଚ୍ୟୁତ ବନିଯାଏ। ଏକା ପ୍ରକାରର ଜୀବନ–ଜୀବିକା ଓ କର୍ମକ୍ଷେତ୍ରର ଚାପ ସେମାନଙ୍କୁ ମାନସିକ ପଙ୍ଗୁ ଓ ଅମାନବୀୟ ବନାଇଦିଏ। ଫଳରେ ସେ ମିଛ କହେ, ଠକେ ଓ ଲାଞ୍ଚଖୋର୍ ପାଲଟିଯାଏ। ଏ ଟେବୁଲ୍‌ରୁ ସେ ଟେବୁଲ୍‌କୁ ଫାଇଲ୍‌ଟିଏ ଯିବା ପାଇଁ ବର୍ଷ ବର୍ଷ ଲାଗିଯାଏ ଅଥବା ଫାଇଲ୍ ହଜିଯିବାର ନାଟକ ରଚାଯାଏ। ପୁଣି ପ୍ରତି ଟେବୁଲ୍‌ରେ ବିଭିନ୍ନ ପରିମାଣର ଲାଞ୍ଚ ଆଦାୟ କରାଯାଏ। ନୀତିନିୟମ ନ ମାନି ଆଖିରେ ଅଙ୍ଗୁଳି ଗେଞ୍ଜି ସମୟ ଓ ଅର୍ଥ ଲୁଟୁଥିବା ଚାକିରିଆମାନେ ଆଜିକାଲି ଲାଞ୍ଚଖୋର୍ ଓ ମିଛୁଆଙ୍କ ନୂତନ ସ୍ୱରୂପ ଯେଉଁମାନେ ଅସରନ୍ତି ନିର୍ମୂଳିଳତା ପରି ସମାଜକୁ ଶୋଷିଚାଲିଛନ୍ତି। ତେଣୁ ବୁଦ୍ଧିଜୀବୀମାନଙ୍କ ଚାକିରି ଚୋରି, ବଣିଜ ମିଛ ବକ୍ତବ୍ୟଟି କାଳେକାଳେ ସତ୍ୟ ପ୍ରମାଣିତ।

**ମୋ: ୯୪୩୭୩୧୭୦୨୬**

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | 3 | | 1 |
| | | | | | | | | |
| 9 | | 4 | | 3 | | | 2 | |
| | 4 | 6 | | 9 | | | | |
| 1 | | | | 6 | | 2 | | 7 |
| | | | 1 | 7 | | | 3 | |
| | 9 | 7 | | 2 | | | | 5 |
| | | 8 | 5 | | | | | |
| | 5 | | 6 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 8 | 6 | 7 | 4 | 2 | 9 | 1 |
| 6 | 2 | 4 | 9 | 8 | 1 | 7 | 3 | 5 |
| 9 | 1 | 7 | 3 | 2 | 5 | 4 | 8 | 6 |
| 1 | 8 | 6 | 2 | 3 | 9 | 5 | 4 | 7 |
| 5 | 7 | 3 | 4 | 1 | 8 | 6 | 2 | 9 |
| 4 | 9 | 2 | 7 | 5 | 6 | 8 | 1 | 3 |
| 8 | 6 | 1 | 5 | 4 | 3 | 9 | 7 | 2 |
| 7 | 3 | 5 | 8 | 9 | 2 | 1 | 6 | 4 |
| 2 | 4 | 9 | 1 | 6 | 7 | 3 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନୀତି ଓ ନୈତିକତା ଉପରେ ପ୍ରଶ୍ନବାଚୀ

ମହାଶୟ,

ଧର୍ମଶାଳାର ରାହାଡ଼ପୁରରେ ଗୋଟିଏ କ୍ରଶରରେ ଜଣେ ଯୁବ କର୍ମଚାରୀଙ୍କୁ ଗତ ମେ ୧ ତାରିଖ ଦିନ ଶ୍ରମିକ ଦିବସରେ ନିର୍ମମ ଭାବେ ହତ୍ୟା କରାଗଲା। ଏହି ଯୁବ କର୍ମଚାରୀ ଜଣକ ଗରିବ ମା'ବାପାଙ୍କ ଏକମାତ୍ର ଭରସା ଥିଲେ। ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଅନ୍ତରାଳରେ କାହାର ହାତ ରହିଛି ଏହା କାହାକୁ ଅଛପା ନାହିଁ। ଧର୍ମଶାଳା ଗତ ୨୪ ବର୍ଷରେ ପାହାଡ଼ଖିଆ ଅମଣିଷଙ୍କ ଉତ୍ପାତ ଦେଖିଛି। ହେଲେ କଳାପଥର ପାହାଡ଼ ଖାଉଥିବା ରାକ୍ଷସମାନେ ମଣିଷଙ୍କୁ ପିଟି ପିଟି ମାରିଦେବା ପରେ ମୁଖ୍ୟ ଅଭିଯୁକ୍ତ ଗିରଫ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୈତିକ ଚାପର ବାଧବାଧକତାରେ ପୋଲିସ ନୀରବଦ୍ରଷ୍ଟା ସାଜିଛି ବୋଲି କୁହାଯାଉଛି। ଏହାସହ ସାହାଣିଡିହ ପଞ୍ଚାୟତର ଚାରଗୋଠରେ ଶିଶୁ ହତ୍ୟା ପ୍ରସଙ୍ଗରେ ପ୍ରକୃତ ହତ୍ୟାକାରୀ ସୁରକ୍ଷା ପାଉଛି। ଏଥିରେ ପୋଲିସ ଓ ପ୍ରଶାସନର ନୀତି ଓ ନୈତିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

**–ସତୀଶ ବିଶ୍ୱାଳ, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଧରେ ଫୁଟେ ଯେତେ ବଧୂଲି
ଗଗନେ ଚମକାଇ ବିଜୁଳି
ଧରଇ ନୂଆରୂପ ସକଳ ସରଜନା
ସକଳ ଗଇରିକ ଗୋଧୂଳି।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୫ କାଠ ଗଣ୍ଡି ଜବତ

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ମଲ୍ଲିପଶି ବିଟ୍ ରଥପଡ଼ା ମଲ୍ଲି ପୋଷି ରାସ୍ତାର ରଥପଡ଼ା ନିକଟରୁ ଗୁରୁବାର ବନବିଭାଗ ୫ ଶିମୁଳି ଗଣ୍ଡି ଜବତ କରିଛି। ଗଣ୍ଡି ବୋଝେଇ ହୋଇଥିବା ଟ୍ରାକ୍ଟର(ଓଡି ୦୯ ଏକ୍ସ ୫୬୬୭)କୁ ମଧ୍ୟ ଜବତ କରି ବନ ବିଭାଗ ତଦନ୍ତ କରୁଛି। ଜବତ କାଠର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପାଟଣା ବନପାଳ ପିଥନ ନାଏକ କହିଛନ୍ତି। ଚଢ଼ାଉରେ ବନରକ୍ଷୀ ଦେବଜାନୀ ମହାନ୍ତ ଓ ପାରାଷ୍ଟାଫ ସାମିଲଥିଲେ।

## ସଂକ୍ଷେପରେ

### ଅମ୍ଳାନ ସୁଆଁପଦା ଆଦର୍ଶ ବିଦ୍ୟାଳୟ ଟପ୍ପର

ଆନନ୍ଦପୁର,୧୫।୫(ସୁଶାନ୍ତ କୁମାର ସାହୁ): ପ୍ରକାଶିତ ସିବିଏସ୍ଇ ପରୀକ୍ଷା ଫଳରେ ଘସିପୁରା ବ୍ଲକ୍ ସୁଆଁପଦା ଆଦର୍ଶ ବିଦ୍ୟାଳୟ ସଫଳତା ହାସଲ କରିଛି। ବିଦ୍ୟାଳୟର ଦଶମ ଶ୍ରେଣୀର ଅମ୍ଳାନ ରାଉତ ୯୬. ୮% ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ମା'ବାପା, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ପ୍ରଶାସନିକ ସେବାରେ ଯୋଗଦେବେ ବୋଲି ଅମ୍ଳାନ କହିଛନ୍ତି।

### ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ଚମ୍ପୁଆ,୧୫।୫(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ତହସିଲ ଅଧୀନସ୍ଥ ଜ୍ୟୋତିପୁର ପଞ୍ଚାୟତର ଫୁଲକଁଳେଇଠାରେ ସରକାରୀ ଜାଗାରେ ନିର୍ମାଣଧୀନ ଗୃହକୁ ଚମ୍ପୁଆ ତହସିଲ ବିଭାଗ ପକ୍ଷରୁ ଉଚ୍ଛେଦ କରାଯାଇଛି। ଗ୍ରାମର ପ୍ରମୋଦ କର ସରକାରୀ ଜାଗାରେ ନିର୍ମାଣ କରିଥିବା ଗୃହକୁ ନେଇ ତହସିଲରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଗୁରୁବାର ତହସିଲଦାର ସଜତ ମାର୍କେ, ଅତିରିକ୍ତ ତହସିଲଦାର ପ୍ରତିକ୍ଷା ପ୍ରିୟଦର୍ଶନୀ, ଚମ୍ପୁଆ ଆରଆଇ ସମ୍ପଦ ପ୍ରଧାନ, ଜ୍ୟୋତିପୁର ଆରଆଇ ରତିରମଣ ମହାନ୍ତ ଓ ବାରିଆ ପୋଲିସ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା।

### ବେଆଇନ ପାର୍କିଂ, ୩୦ରୁ ଊର୍ଦ୍ଧ୍ୱ ଗାଡ଼ିରୁ ଜରିମାନା

ପାଟଣା,୧୫।୫(ବୀର କିଶୋର ଦାଶ): କେନ୍ଦୁଝର ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ରାଜପଥରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ଅନେକ ମୂଲ୍ୟବାନ ଜୀବନ ଯାଉଛି। ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା ଘଟୁଥିବାରୁ ଗୁରୁବାର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁଙ୍କ ନେତୃତ୍ୱରେ ଯାଞ୍ଚ କରାଯାଇଥିଲା। ବେଆଇନ ଭାବେ ପାର୍କିଂ କରିଥିବା ୩୦ରୁ ଊର୍ଦ୍ଧ୍ୱ ଟ୍ରକ୍‌କୁ ଜରିମାନା କରାଯାଇ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଜଣାଇଛନ୍ତି।

## କେନ୍ଦୁଝର

# ଡ୍ରେନ୍ ସ୍ଲାବ୍ ଭାଙ୍ଗି ଲୁହାଛଡ଼ ଚୋରି

କେନ୍ଦୁଝର,୧୫।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଦେଇ ଯାଇଥିବା ଜାତୀୟ ରାଜପଥ ୨୦ର ବାଲିଆଗୁଡା ନିକଟରେ ସର୍ଭିସ ରୋଡ୍ କଡ଼ରେ ନିର୍ମାଣ ହୋଇଥିବା ଡ୍ରେନ୍‌ର ସ୍ଲାବ ଭାଙ୍ଗି ଲୁହାଛଡ଼ ଚୋରି ହେଉଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଥିବା ସ୍ଲାବ୍ ଭାଙ୍ଗି ଡ୍ରେନ୍ ଭିତରେ ଖଣ୍ଡ ଖଣ୍ଡ ହୋଇପଡ଼ିଛି। ଏହା ଦ୍ୱାରା ଡ୍ରେନ ଜାମ ହୋଇ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି କରୁଛି। ଅଧିକ ବର୍ଷା ହେଲେ ରାସ୍ତାରେ ଜଳ ଜମା ହୋଇ ଯାତାୟାତରେ ସମସ୍ୟା ଦେଖାଦେବା ସମ୍ଭାବନା ଦେଖାଦେଇଛି।

ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ପରେ ସର୍ଭିସ ରାସ୍ତା ସମ୍ପୂର୍ଣ୍ଣ ହୋଇ ଡ୍ରେନ୍ ଏବଂ ସ୍ଲାବ ନିର୍ମାଣ ହୋଇଥିଲା। ଲୋକଙ୍କ ବାରମ୍ବାର ଦାବି ଏବଂ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେବାରୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ଡ୍ରେନ୍ ଏବଂ ସ୍ଲାବ୍ ନିର୍ମାଣ ହୋଇଥିଲା। ମାତ୍ର ଅସାମାଜିକ ଲୋକ ଡ୍ରେନ୍ ସ୍ଲାବ୍ ଭାଙ୍ଗି ଲୁହାଛଡ଼ ନେଇ ସ୍କ୍ରାପ୍ ବ୍ୟବସାୟୀଙ୍କୁ ବିକ୍ରି କରି ନିଶା ସେବନ କରୁଥିବା ଅଭିଯୋଗ ହେଉଛି। ଅଭିଯୋଗ ସତ୍ତ୍ୱେ ପୋଲିସ ସ୍କ୍ରାପ୍ ଦୋକାନରେ ଚଢ଼ାଉ କରୁନି। ଫଳରେ ଚୋରି ବଢୁଛି ବୋଲି ବରିଷ୍ଠ ଆଇନଜୀବୀ ଦୈତାରୀ ଆପଟ କହିଛନ୍ତି। ପୂର୍ବରୁ ସ୍କ୍ରାପ୍ ବ୍ୟବସାୟ ଉପର ପୋଲିସର ଧରପଗଡ଼ ଯୋଗୁ ଏହି ଚୋରା ସ୍କ୍ରାପ୍ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ ଥିଲା। ପରବର୍ତ୍ତୀ ସମୟରେ ପୋଲିସର କୋହଳ ମନୋଭାବର ସୁଯୋଗ ନେଇ କେନ୍ଦୁଝର ସହର ଏବଂ



ଡ୍ରେନ୍‌ରେ ସିମେଣ୍ଟ ଖଣ୍ଡ ପଡ଼ିଛି।

ଆଖପାଖ ଅଞ୍ଚଳରେ ଦୋକାନ ଖୋଲି ଚାଲିଛି। ପୂର୍ବରୁ ଚୋରି ମାମଲାରେ ଧରାପଡ଼ିଥିବା ସ୍କ୍ରାପ୍ ବ୍ୟବସାୟୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ବେଆଇନ କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ମିଳୁଛି ବୋଲି ବରିଷ୍ଠ ଆଇନଜୀବୀ ସୁରଜ ମହାପାତ୍ର କହିଛନ୍ତି। ପୋଲିସ କର୍ମଚାରୀ ମାସିକିଆ ନେଇ ସହଯୋଗ କରୁଥିବା ପୋଲିସ ବିଭାଗରେ ଆଲୋଚନା ହେଉଛି। ଏଣୁ ଆରକ୍ଷୀ ଅଧିକ୍ଷକ ବେଆଇନ କାର୍ଯ୍ୟ ତୁରନ୍ତ ବନ୍ଦ କରି ଲୋକଙ୍କୁ ସୁରକ୍ଷା ଦେବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହେଉଛି। ଅନ୍ୟପକ୍ଷରେ ଜାତୀୟ ରାଜପଥ ୨୦ର ରକ୍ଷଣାବେକ୍ଷଣ ଟିମ୍ କିପରି ଜାଣି ପାରିଲେ ନାହିଁ। କାହିଁକି ଉଚ୍ଚ ଅଧିକାରୀଙ୍କୁ ଅବଗତ କଲେ ନାହିଁ। ସେମାନଙ୍କ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## କାଳବୈଶାଖୀରେ ଘର ଭାଙ୍ଗିଲା, ୩ ଗୁରୁତର

ପାଟଣା,୧୫।୫(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତୁରୁମୁଙ୍ଗା ନୂଆସାହିରେ ବ୍ରଜମୋହନ ନାଏକଙ୍କ ଘର ଉପରେ ଗଛ ପଡ଼ି ଆଜବେଷ୍ଟସ ଭାଙ୍ଗିବା ସହ ୨ ଜଣ ଗୁରୁତର ହୋଇଛନ୍ତି। ଦଳେଶ୍ୱର ନାଏକଙ୍କ ଘର ଉପରେ ଗଛପଡ଼ି ଜଣେ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ନବୀନି ନାଏକ, ସୁରଜ ନାଏକ ଓ ସୁବାସିନୀ ନାଏକ। ସେହିପରି କଇଣ୍ଡା ଗ୍ରାମରେ ଆଶିଷ ସାହୁଙ୍କ ଅଜବେଷ୍ଟସ ଘରର ଛପର ଉଡ଼ିଯାଇଛି। ବିଦ୍ୟୁତ ଖୁଣ୍ଟ ଉପୁଡି ପଡ଼ିବା ସହ ତାର ଛିଣ୍ଡି ଥିବାରୁ ସେବା ବ୍ୟାହତ ହୋଇଛି। ବୁଢ଼ିକାପୁଡି ପଞ୍ଚାୟତ ଗିଧିବାସ ଗ୍ରାମର ହେମ ରଞ୍ଜନ ମହାନ୍ତଙ୍କ ୫ ବଖରା ଘରର ଟାଇଲ ଓ ଆଜବେଷ୍ଟସ ଛପର ଉଡ଼ିଯାଇଛି। ଭୃଙ୍ଗରାଜପଶି ଖିରେଇଟାଙ୍ଗିରୀ ରାସ୍ତାର ନୂଆଖମଣ ନିକଟରେ ରାସ୍ତାରେ ଗଛ ଉପୁଡି ପଡ଼ି ଗାଡ଼ି ଚଳାଚଳ ବ୍ୟାହତ ହୋଇଛି। ସେହିପରି ରେଙ୍ଗାଲବେଡ଼ା, କିର୍ମିଦାପଶି, କୋଡ଼ଖମଣ, ନୂଆଖମଣ ଆଦି ଗ୍ରାମରେ ଅନେକ ଘରର ଛପର ଉଡ଼ି ଯାଇଛି।

## ଘର ଉପରେ ପଡ଼ିଲା ଗଛ



ଚମ୍ପୁଆ,୧୫।୫(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍‌ରେ ବୁଧବାର ରାତିରେ ଲଗାଣ ବର୍ଷା ସାଙ୍ଗକୁ ପବନ ହୋଇଛି। କାଳବୈଶାଖୀ ପ୍ରଭାବରେ ଚମ୍ପୁଆ ବ୍ଲକ୍ ଭରବଭପୁର ପଞ୍ଚାୟତର ବିରିକୁଆଁଠାରେ ରାସ୍ତା କଡ଼ରେ ଥିବା ଏକ ବିରାଟକାୟ ତେନ୍ତୁଳି ଗଛ ପୂର୍ବତନ ଶିକ୍ଷକ ରତ୍ନାକର ମହାନ୍ତଙ୍କ ଛାତ ଉପରେ ପଡିଯାଇଥିଲା। ଅନ୍ୟପକ୍ଷରେ ଭରବଭପୁରଠାରୁ ଭଦପୋଷି ପର୍ଯ୍ୟନ୍ତ ରାସ୍ତା ଉପରେ ଗଛ ଉପୁଡି ପଡ଼ିବାରୁ ଗମନାଗମନ ଠପ୍ ହୋଇଯାଇଥିଲା।

## 'ଅପରେଶନ ସିନ୍ଦୂର'ର ସଫଳତାରେ ତ୍ରିରଙ୍ଗା ଶୋଭାଯାତ୍ରା

କେନ୍ଦୁଝର,୧୫।୫(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

'ଅପରେଶନ ସିନ୍ଦୁର'ର ସଫଳତା ପରେ ଭାରତୀୟ ଯବାନଙ୍କୁ ସମ୍ମାନ ଜଣାଇବାକୁ ଗୁରୁବାର ଜିଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା କେନ୍ଦୁଝର ଟାଉନ ପରିକ୍ରମା କରିଥିଲା। ଜିଲାପାଳ ବିଶାଲ ସିଂହ ପତାକା ପ୍ରଦର୍ଶନ କରି ଏହି ତ୍ରିରଙ୍ଗା ବାଇକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲା ପ୍ରଶାସନର ସମସ୍ତ ଅଧିକାରୀ ଜନସାଧାରଣଙ୍କ ସହ ବାଇକ୍‌ରେ ସହର ପରିକ୍ରମା କରିଥିଲେ।

ଶୋଭାଯାତ୍ରାଟି ସକାଳ ୮ଟାରେ କାଳୀପଡ଼ିଆଠାରୁ ବାହାରି ଦୁଃଖିଆ ଛକ, ଶ୍ରୀକ୍ଷେତ୍ର ହୋଟେଲ ଛକ, ଗାନ୍ଧୀ ଛକ, କୋର୍ଟ ଛକ, ଗୋପବନ୍ଧୁ ଛକ ହୋଇ ପୁନର୍ବାର କାଳୀ ପଡ଼ିଆଠାରେ ପହଞ୍ଚିଥିଲା। ବିଭିନ୍ନ ପ୍ରଶାସନିକ ଅଧିକାରୀ, ପୋଲିସ ବାହିନୀ, ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚଡ଼ି, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋର୍ତିମୟ ଭୁକ୍ତା, ଉପ ଜିଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, ଅଭିଳାଷ ପୁରୋହିତ, ଫିରୋଜ ଖାଁ, ଜିଲା ସଂସ୍କୃତି ଅଧିକାରୀ ତଥା ସରକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ରମେଶ ନାୟକ, ସହକାରୀ ଜିଲାପାଳ ସନ୍ତୋଷ ଜେନା, ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓ, ମୁଖ୍ୟ ଜିଲା କୃଷି ଅଧିକାରୀ ପର୍ଶୁରାମ ବେହେରା, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ, ପାରିଷଦ, ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ।



ଶୋଭାଯାତ୍ରାରେ ପ୍ରଶାସିନକ ଅଧିକାରୀ ଓ ଜନସାଧାରଣମାନେ।

## ସହରରେ ବୁଲିଲା ୧୩୨ ଫୁଟ୍‌ର ତ୍ରିରଙ୍ଗା

ବଡ଼ବିଲ,୧୫।୫(ଦେବପ୍ରିୟ ରଣା): ଭାରତୀୟ ସେନାର ବୀରତ୍ୱର ସମ୍ମାନରେ ଗୁରୁବାର ରାଜ୍ୟବ୍ୟାପୀ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲା ବଡ଼ବିଲ ପୌରପାଳିକା ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା ବିକାଶ ମହଲ ପଡ଼ିଆରୁ ବାହାରି ଶିବଛକ, ମେଡିକାଲ ଛକ, ମହାନ୍ତ ବସ୍ତି, ଭୋଲା ଗ୍ୟାରେଜ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ବାଟା ଛକ, ବଜାର ମୁଖ୍ୟ ରାସ୍ତା ଓ ଅଟଳ ଛକଦେଇ ପୁଣି ବିକାଶ ମହଲଠାରେ ପହଞ୍ଚିଥିଲା। ୧୩୨ ଫୁଟ ଲମ୍ବର ଏକ ବିଶାଳ ଜାତୀୟ ପତାକା ଧରି ମହିଳାମାନେ ସହର ପରିକ୍ରମା କରିଥିଲେ। କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ପ୍ରକଳ୍ପ ଅଧିକାରୀ ମିର୍ଦ୍ଧା ଟପ୍ପୋ, ତହସିଲଦାର ରାକେଶ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ବଡବିଲ ଥାନା ଇନ୍ସପେକ୍ଟର ଅଶୋକ ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ସ୍ୱଚ୍ଛସାଥୀଙ୍କ ପକ୍ଷରୁ ଉଚିତ ପ୍ରାପ୍ୟ ପ୍ରଦାନ ଦାବି

ଯୋଡ଼ା,୧୫।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅଧୀନରେ ଥିବା ୧୪ ୱାର୍ଡରେ ସ୍ୱଚ୍ଛସାଥୀ ଭାବରେ କାର୍ଯ୍ୟରତ ମହିଳାଙ୍କୁ ଉଚିତ୍ ପ୍ରାପ୍ୟ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦୁଝରସ୍ଥିତ ମଣ୍ଡୁଆ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପୌରପାଳିକାର ସମସ୍ତ ୱାର୍ଡପାଇଁ ୧୯ ଜଣ ସ୍ୱଚ୍ଛସାଥୀ ନିଯୁକ୍ତ ଅଛନ୍ତି। ସେମାନଙ୍କୁ ୱାର୍ଡରେ ବିଭିନ୍ନ ପ୍ରକାର କାମରେ ନିୟୋଜିତ କରାଯାଉଥିଲା। ଗାଇଡ୍‌ଲାଇନ ଅନୁଯାୟୀ ସେମାନଙ୍କୁ ପ୍ରାୟ ୫ ମାସର ପ୍ରାପ୍ୟ ମିଳି ନ ଥିବାରୁ ଏ ନେଇ ଯୋଡ଼ା ପୌରପାଳିକାର ପୌର ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରିଣୀଙ୍କୁ ଅବଗତ କରାଇଥିଲେ। ଏହା ପରେ ମଧ୍ୟ ତାଙ୍କର ଉଚିତ୍‌ପ୍ରାପ୍ୟ ମିଳୁନ ଥିଲା। ସମସ୍ତ ସ୍ୱଚ୍ଛସାଥୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଦାବିପତ୍ର ପ୍ରଦାନ ପରେ ପୂର୍ବାହ୍ନରେ ସମସ୍ୟାର ସମାଧାନ ନିମନ୍ତେ ଯୋଡ଼ା ନିର୍ବାହୀ ଅଧିକାରିଣୀ ଶ୍ୱେତପଦ୍ମା ଧଳ ପ୍ରତିଶ୍ରୁତି ଦେଇଥିବା ସ୍ୱଚ୍ଛସାଥୀ ଲୋତାଞ୍ଜଳି ମିଶ୍ର, ଅନୀମା ପୂର୍ତ୍ତି, ପୁଷ୍ପା ପାତ୍ର ପ୍ରମୁଖ ପ୍ରକାଶ କରିଛନ୍ତି।

## ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ବୈଠକ



ଗ୍ରାମବାସୀଙ୍କ ସହ ବିଧାୟକ।

ଛେନାପଦି,୧୫।୫(ନିରାକାର ପରିଡ଼ା): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ କେ.ବାଲିପାଳ ଗ୍ରାମରେ ରାଜ୍ୟ, କେନ୍ଦ୍ର ସରକାରଙ୍କ ଗ୍ରାମାଭିମୁଖି ଯୋଜନାଗୁଡ଼ିକ ଠିକ୍ କାର୍ଯ୍ୟକାରୀ ପାଇଁ ଆର୍‌ସିଡ଼ିସି ଅନୁଷ୍ଠାନ ଦ୍ୱାରା ଗୁରୁବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ମୁଖ୍ୟ ବକ୍ତାଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ଯୋଗ ଦେଇଥିଲେ। ପରିଚାଳକ ଆନନ୍ଦ ସେଠୀ କେ ବାଲିପାଳ ପଞ୍ଚାୟତର ସ୍ଥିତି ଓ ଭୌଗଳିକ ଅବସ୍ଥିତିକୁ ଉପସ୍ଥାପନ କରିଥିଲେ। ଅଞ୍ଚଳର ସମସ୍ୟା ସ୍ୱେଚ୍ଛାସେବୀ ବୁଦ୍ଧିରାମ ପୂର୍ତ୍ତି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ସ୍ଥାନୀୟ ଉନ୍ନୟନ ପାଣ୍ଠିରୁ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସାଦ ହୋଙ୍କ ସଭାପତିତ୍ୱରେ ଆର୍‌ସିଡ଼ିସି ଅନୁଷ୍ଠାନ ଦ୍ୱାରା ଏହିପରି ପ୍ରୟାସକୁ ବିଧାୟକ ଧନ୍ୟବାଦ ଜଣାଇଥିଲେ।

## ଭାଜପାରେ ମିଶିଲେ ଅନ୍ୟଦଳର ୧୨ଶହ କର୍ମୀ



ଭାଜପା ଜିଲା ସଭାପତି, କେନ୍ଦୁଝର ଏମ୍‌ପି ଓ ଦଳରେ ମିଶିଥିବା ନୂତନ କର୍ମକର୍ତ୍ତା।

ବଡ଼ବିଲ,୧୫।୫(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଉପକଣ୍ଠରେ ଥିବା ପଞ୍ଚାୟତ ଓ ବଡ଼ବିଲ ପୌରାଞ୍ଚଳର ଅନ୍ୟ ରାଜନୈତିକ ଦଳର ପ୍ରାୟ ୧୨ ଶହ କର୍ମୀ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ଏ ନେଇ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ବଡବିଲ ପ୍ରତିନିଧି ନୀଳମଣି ମହାନ୍ତ ସୂଚନା ଦେଇଛନ୍ତି। ଉଲିବୁରୁଠାରେ ଗୁରୁବାର ଅପରାହ୍ନ ୨ଟା ବେଳେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବଡ଼ବିଲ ଉପକଣ୍ଠରେ ଥିବା ବିଭିନ୍ନ ପଞ୍ଚାୟତର କାରାଖେଣ୍ଡ୍ରା, ଉଲିବୁରୁ, ହାୟାରବୁରୁ, ବଲାଣି ବସ୍ତି, ବାଲାଗୋଡ଼ା ଗ୍ରାମ ଏବଂ ବଡ଼ବିଲ ପୌରାଞ୍ଚଳର ବେଲକୁଣ୍ଡି ଓ ଷ୍ଟେଶନ ରୋଡର ପ୍ରାୟ ୧୨ ଶହ ଅନ୍ୟ ରାଜନୈତିକ ଦଳର କର୍ମୀ ଭାଜପାରେ ସାମିଲ ହୋଇଥିବା ନୀଳମଣି କହିଛନ୍ତି। ମିଶ୍ରଣ ପର୍ବରେ କେନ୍ଦୁଝର ଜିଲା ଭାଜପା ସଭାପତି ସୁକଦେବ ମହାନ୍ତ, ଏମ୍‌ପି ଅନନ୍ତ ନାୟକ ଓ ଭଦ୍ରାସାହି ମଣ୍ଡଳ ସଭାପତି ସତ୍ୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ।

## ବରମୁଣ୍ଡା ବସ୍ ଷ୍ଟାଣ୍ଡରୁ ଶ୍ରମିକ ନିଖୋଜ

ପାଟଣା,୧୫।୫(ବୀର କିଶୋର ଦାଶ): ଚେନ୍ନାଇରୁ ଘରକୁ ଫେରୁଥିବା ବେଳେ ଜଣେ ଶ୍ରମିକ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ନିଖୋଜ ହୋଇଯାଇଛନ୍ତି। ଏ ନେଇ ପରିବାର ପକ୍ଷରୁ ପ୍ରଥମେ ଭୁବନେଶ୍ୱର ଓ ପରେ ପାଟଣା ଥାନାରେ ଅଭିଯୋଗ ହୋଇଛି। ଯୁବକ ଜଣକ ହେଉଛନ୍ତି କେନ୍ଦୁଝର ଜିଲା ପାଟଣା ବ୍ଲକ୍ ପାଟଣା ମିରିଗିଖୋଜି ପଞ୍ଚାୟତ ମିରିଗିଖୋଜି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ପୁଅ ଟୁନା ମହାନ୍ତ(୩୫)। ସେ କାମ କରିବାକୁ କିଛି ଲୋକଙ୍କ ସହ ଚେନ୍ନାଇ ଯାଇଥିଲେ। ସେଠାରେ ଏକ ଜୋତା କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। କାମ ଛାଡ଼ି ୫ ଦିନ ପୂର୍ବେ ୨ ସାଥୀଙ୍କ ସହ ଗାଁକୁ ଫେରୁଥିଲେ। ଭୁବନେଶ୍ୱରରେ ଟ୍ରେନ୍‌ରୁ ଓହ୍ଲାଇ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଯାଇଥିଲେ। ମାତ୍ର ସେଠାରୁ କେଉଁଆଡ଼େ ଚାଲିଯାଇଥିବା ସାଥୀମାନେ କହିଛନ୍ତି। ପାଖରେ ଟଙ୍କା ନ ଥିବା ବେଳେ ଫୋନ ବି ନାହିଁ। ତେଣୁ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ। ଏ ନେଇ ପାଟଣା ଥାନା ଅଧିକାରୀ ମାନସ ମହାକୁଡ଼ କହିଛନ୍ତି, ପରିବାର ଲୋକେ ଥାନାକୁ ଆସିଥିଲେ। ସେମାନେ ଯୁବକ ହଜିଥିବା ଭୁବନେଶ୍ୱର ଥାନାରେ ଜଣାଇବାକୁ ତାଙ୍କୁ କୁହାଯାଇଛି।

## ସେଣ୍ଟ ଜାଭିୟରର ଶତପ୍ରତିଶତ ସଫଳତା

ପାଟଣା,୧୫।୫(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ସିବିଏସ୍ଇ ପରିଚାଳିତ ଦଶମ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ଲାଭ କରିଛି। ସ୍କୁଲ ତରଫରୁ ଚଳିତ ବର୍ଷ ପ୍ରଥମ କରି ପରୀକ୍ଷାର୍ଥୀମାନେ ଦଶମ ପରୀକ୍ଷା ଦେଇଥିଲେ। ଛାତ୍ର ଜୟନ୍ତ ମଲ୍ଲିକ ସର୍ବାଧିକ ୭୭ ପ୍ରତିଶତ, ମହମ୍ମଦ ଆସାଲାନ ସିଦ୍ଧିକି ୬୬ ପ୍ରତିଶତ ନମ୍ବର ରଖିଛନ୍ତି। ସମୀର ପଟ୍ଟାୟତ ଏବଂ ପ୍ରଦୀପ ହେସା ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି। ଚେୟାରମ୍ୟାନ ଅଜୟ ଦାଶ, ସମ୍ପାଦକ ଅବିନାଶ ଦାଶ ଓ ଅଧ୍ୟକ୍ଷ ଗଣେଶ୍ୱର ଦାଶ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

DSPL-65
ଓଡ଼ିଶା ସରକାର
ଜାତୀୟ ଡେଙ୍ଗୁ ଦିବସ
୧୬ ମଇ,୨୦୨୫
"ଡେଙ୍ଗୁ ଏକ ମଶାବାହିତ ଭୂତାଣୁ ଜନିତ ଘାତକ ରୋଗ, କିନ୍ତୁ ଏହାର ସଫଳ ପ୍ରତିରୋଧ ସମ୍ଭବ। ପରିବେଶ ପରିଷ୍କାର ରଖିବା, ନିୟମିତ ମଶାରି ବ୍ୟବହାର କରିବା ଓ ଡେଙ୍ଗୁର ଲକ୍ଷଣ ଦେଖିଲେ ତୁରନ୍ତ ପରୀକ୍ଷା କରାଇ ଚିକିତ୍ସା କରିବା ଦ୍ୱାରା ଆମେ ଡେଙ୍ଗୁ କବଳରୁ ରକ୍ଷା ପାଇପାରିବା।"
କ'ଣ କରିବା
- ପାଣି ଜମୁଥିବା ସ୍ଥାନ ଯଥା ଟିଣ, ଷଢେଇ, ଡବା, ଟାୟାର, ଫୁଲଦାନୀ, ଏୟାର କୁଲର୍ ଆଦି ଅନ୍ତତଃ ସପ୍ତାହରେ ଥରେ ସଫା କରନ୍ତୁ।
- ଦିନ ହେଉ ବା ରାତି ଶୋଇଲାବେଳେ ମଶାରି ଟାଙ୍ଗନ୍ତୁ।
- ପୁରା ହାତ ପୋଷାକ ପିନ୍ଧନ୍ତୁ।
- ଜ୍ୱର ସହ ଦେହ ହାତ ଓ ଆଖି ବିନ୍ଧିବା ଓ ଦେହରେ ଲାଲ୍ ଲାଲ୍ ହୋଇ ଫଳିଯିବା ଆଦି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଖାନାକୁ ଯାଆନ୍ତୁ।
କ'ଣ କରିବା ନାହିଁ
- କୌଣସି ସ୍ଥାନରେ ୭ ଦିନରୁ ଅଧିକ ସମୟ ପାଣି ଜମିବାକୁ ଦିଅନ୍ତୁ ନାହିଁ।
- ଘର ପାଖରେ ଲଟା ବୁଦା ବଢିବାକୁ ଦିଅନ୍ତୁ ନାହିଁ।
- ଖୋଲା ଦେହରେ ବାହାରେ ବୁଲାବୁଲି କରନ୍ତୁ ନାହିଁ। (ବିଶେଷତଃ ସକାଳ ଓ ସନ୍ଧ୍ୟା ସମୟରେ)
- ଡାକ୍ତରଙ୍କ ବିନା ପରାମର୍ଶରେ ପୀଡା ନିବାରକ ଔଷଧ ଖାଆନ୍ତୁ ନାହିଁ।
OIPR-10003/13/0179/2526
ଡେଙ୍ଗୁର ପରୀକ୍ଷା ଓ ଚିକିତ୍ସା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନା ମୂଲ୍ୟରେ ଉପଲବ୍ଧ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ୫ ଟନ୍‌ରୁ ଊର୍ଦ୍ଧ୍ୱ ଚୋରା କୋଇଲା ଜବତ

ବାସୁଦେବପୁର,୧୫।୫(କାଳିପଦ ରାୟ)

ଭଦ୍ରକ ବ୍ଲକ ସାବରଙ୍ଗ ପୋଲିସ ବୁଧବାର ବିଳମ୍ବିତ ରାତିରେ ୨ଟି ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଦୁଇ ଗାଡ଼ିରେ ୫ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଥିବାବେଳେ ଚାଳକମାନେ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ୨ କୋଇଲା ବୋଝେଇ ଗାଡ଼ି (ଓଡି ୨୨ୱାଇ ୭୫୩୪, ଓଡି ୦୨ବି ୨୩୫୭) ତିହିଡ଼ି ଥାନା ଅଧୀନ ପାଳିଆ ଅଞ୍ଚଳରୁ ଆସୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ସାବରଙ୍ଗ ଥାନାଧିକାରୀ ଉମାଶଙ୍କର ନାୟକଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ କମଳା ନାୟକ, ସନ୍ଦୀପ ସ୍ୱରୂପ ପଣ୍ଡା, ହାବିଲଦାର ସୁଶାନ୍ତ ମହାପାତ୍ର ପ୍ରମୁଖ ଉକ୍ତ ରାସ୍ତାରେ ଜଗି ରହିଥିଲେ। ବାଲିବିଲ ରେଳ ଧାରଣା ନିକଟରେ ଦୁଇ ଗାଡ଼ି ଦ୍ରୁତଗତିରେ ପଳାଇ ଯାଉଥିବା ବେଳେ ଗୋଟିଏ ଗାଡ଼ିକୁ ଧରିଥିଲେ। ଅନ୍ୟ ଗାଡ଼ିକୁ ଶେରପୁରଠାରେ ଧରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୧୦/୨୫ ଓ ୧୧୧/୨୫) ରୁଜୁ ହୋଇଛି।

### ଜଳିଗଲା ୩ ବଖରା

ବାସୁଦେବପୁର,୧୫।୫(କାଳିପଦ ରାୟ)

ବାସୁଦେବପୁର ପୌରାଞ୍ଚଳ ଅଧୀନ ରାଧାକାନ୍ତପୁର ୩ ନଂ. ୱାର୍ଡର ରବୀନ୍ଦ୍ର ସେନାପତିଙ୍କ ୩ ବଖରା ଘର ବୁଧବାର ବିଳମ୍ବିତ ରାତିରେ ନିଆଁ ଲାଗି ଜଳିଯାଇଛି। ଖବର ପାଇ ବାସୁଦେବପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତାଙ୍କର ସବୁ ଘରୋଇ ଉପକରଣ, ଧାନ, ଚାଉଳ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ପ୍ରଶାସନ ପକ୍ଷରୁ ତାଙ୍କୁ ପଲିଥିନ ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି।

### ଚନ୍ଦନ ଉତ୍ସବ

ବାସୁଦେବପୁର,୧୫।୫(ନାରାୟଣ ପ୍ରସାଦ ବାରିକ୍)

ପବିତ୍ର ଚନ୍ଦନ ଉତ୍ସବ ଅବସରରେ ବାସୁଦେବପୁର ଉତ୍ସବମୁଖର ହୋଇଛି। ବିଭିନ୍ନ ସ୍ଥାନରେ ରାଧାକୃଷ୍ଣଙ୍କ ପୂଜା ଚାଲିଛି। ବାସୁଦେବପୁର ପୌରପାଳିକାର ଭୈରବପୁର ଗ୍ରାମରେ ଚାଲିଛି ଚନ୍ଦନ



ଉତ୍ସବ। ଗତ ସୋମବାର ଚନ୍ଦନ ପୂର୍ଣ୍ଣିମାଠାରୁ ଏହି ଉତ୍ସବ ଆରମ୍ଭ ହୋଇଥିବା ବେଳେ ୭ଦିନ ଧରି ଚାଲିବ। ଭୈରବପୁର ଚନ୍ଦନମଣ୍ଡପଠାରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିର ମେଢ଼ ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି। କମିଟି ସଭାପତି କୃପାସିନ୍ଧୁ ମହାନ୍ତି, ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ କାଉନସିଲର ସରୋଜ କୁମାର ଷଡ଼ଙ୍ଗୀ, ବୁଧିରାମ ସାହୁ, ନରେନ୍ଦ୍ର ବେହେରା, ଗୋପାଳ ସାହୁ, ଅନନ୍ତ ପ୍ରସାଦ ବେହେରା, ଶ୍ୟାମସୁନ୍ଦର ସାହୁଙ୍କ ସମେତ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ଆୟୋଜିତ ହୋଇଛି। ସେହିପରି ମନ୍ଦାରୀର ମଣ୍ଡଳପୋଖରୀଠାରେ ଯାକଜମକରେ ଚନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଛି। ମଣ୍ଡଳପୋଖରୀକୁ ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ବଚ୍ଛଦାରେ ଚନ୍ଦନ ଓ ପଡୁଆଁ ଚନ୍ଦନପୋଖରୀରେ ଚନ୍ଦନ ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ ନାବକେଳି ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ବିକାଶରେ ବାଧକ ସାଜିଛି କଞ୍ଚୁଡ଼ି ନଦୀ

**ଯାତାୟାତ ପାଇଁ ଭଙ୍ଗା ପଟାପୋଲ ଭରସା**

ବାସୁଦେବପୁର,୧୫।୫(କାଳିପଦ ରାୟ)



କଞ୍ଚୁଡ଼ି ନଦୀରେ ଥିବା ଭଙ୍ଗା ପଟାପୋଲ ଉପରେ ବିପଦସଙ୍କୁଳ ଭାବେ ଲୋକେ ଯାତାୟାତ କରୁଛନ୍ତି।

ବାସୁଦେବପୁର ବ୍ଲକ ଅଧୀନ ଲୁଙ୍ଗା ଓ ପଦ୍ମପୁର ପଞ୍ଚାୟତର ବିକାଶରେ ବାଧକ ସାଜିଛି କଞ୍ଚୁଡ଼ି ନଦୀ। ମୁଖ୍ୟତଃ ପଦ୍ମପୁର ପଞ୍ଚାୟତର ଅଗାପୁର ଏବଂ ଲୁଙ୍ଗା ପଞ୍ଚାୟତର ମଉଜୁଡ଼ି ଗାଁର ଲୋକଙ୍କ ଜୀବିକା ବାଧାପ୍ରାପ୍ତ ହେଉଛି। ଯିବାଆସିବା ପାଇଁ ଭଲ ରାସ୍ତା ନ ଥିବା ବେଳେ ନଦୀ ପାର୍ ହେଲେ ସେମାନେ ବେପାର କରି ଦୁଇପଇସା ରୋଜଗାର କରନ୍ତି। ହେଲେ ଯାତାୟାତ ନିମନ୍ତେ ନଦୀରେ ଭଲ ପୋଲଟିଏ ବି ନାହିଁ। ଫଳରେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି।

ଲୁଙ୍ଗା ପଞ୍ଚାୟତର ଲୁଙ୍ଗାଛକଠାରୁ ପଦ୍ମପୁର ପଞ୍ଚାୟତର ଅଗାପୁର ପର୍ଯ୍ୟନ୍ତ ୫ କି.ମି. ରାସ୍ତା ଦୁଇ ପଞ୍ଚାୟତକୁ ସଂଯୋଗ କରୁଛି। ମଉଜୁଡ଼ି ଗ୍ରାମର ୮୦ରୁ ଊର୍ଦ୍ଧ୍ୱ ପରିବାର ଓ ଅଗାପୁରର ୭୦ ପରିବାର ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଏହି ରାସ୍ତା ଲୁଙ୍ଗାରୁ ମଉଜୁଡ଼ି ଯାଏ ୧୫ବର୍ଷ ତଳେ କଂକ୍ରିଟ ହୋଇଥିବା ବେଳେ ଏବେ ଭାଙ୍ଗିରୁଜି ଯାଇ ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଗଭୀରର ଗାତ ସୃଷ୍ଟି ହୋଇଛି। ଫଳରେ ଜରୁରିକାଳୀନ ପରିସ୍ଥିତିରେ ଏହି ଗ୍ରାମକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଯାଇପାରୁ ନାହିଁ। ଅଗାପୁରଠାରୁ ମଉଜୁଡ଼ି ରାସ୍ତା ମଝିରେ ପ୍ରବାହିତ କଞ୍ଚୁଡ଼ି ନଦୀ ଉପରେ ସ୍ଥାନୀୟ ଲୋକେ ବହୁଦିନ ତଳେ ଏକ କାଠପଟା ପୋଲ କରିଥିଲେ, ଯାହା ଏବେ ଭାଙ୍ଗିଗଲାଣି। ଅନ୍ୟ କୌଣସି ରାସ୍ତା ନ ଥିବାରୁ ଭଙ୍ଗା ପଟାପୋଲ ହିଁ ଭରସା। ଲୋକେ ବିପଦସଙ୍କୁଳ ଅବସ୍ଥାରେ ଏହି ଭଙ୍ଗା ପଟାପୋଲ ଦେଇ ଯାତାୟାତ କରୁଛନ୍ତି। ସ୍ଥାନୀୟ ଲୋକେ ୨ ବର୍ଷ ତଳେ ଏହି ନଦୀରୁ ଏକ କୁମ୍ଭୀର ଧରିଥିଲେ। ଏଣୁ ଏହି ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇଆସୁଛି। ସେହିପରି ଅଗାପୁର ଏବଂ ମଉଜୁଡ଼ି ଗାଁର ଶହେରୁ ଊର୍ଦ୍ଧ୍ୱ ପରିବାର ଅନୁସୂଚିତ ଜାତିର ହୋଇଥିବା ବେଳେ ମତ୍ସ୍ୟ ଓ କୃଷି ଉପରେ ନିର୍ଭରଶୀଳ। ଯାତାୟାତରେ ସମସ୍ୟା ଯୋଗୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଗାପୁରରୁ ମଉଜୁଡ଼ି ଦେଢ଼ କି.ମି. ବିଲହିଡ଼ ହେଉଛି ପାଦଚଲା ରାସ୍ତା। ବର୍ଷାଦିନେ ଏହି ରାସ୍ତା ଯାତାୟାତ ପାଇଁ ଅନୁପଯୁକ୍ତ ବୋଲି ଅଗାପୁର ଗ୍ରାମର ଗୋବିନ୍ଦ ମଲିକ, ସହଦେବ ମଲିକ, ପ୍ରଫୁଲ୍ଲ ମଲିକ, ମମତା ମଲିକ, ମଉଜୁଡ଼ି ଗ୍ରାମର ଗୁଣନିଧି ମଲିକ, କୃଷ୍ଣଚନ୍ଦ୍ର ମଲିକ, ସୁବାସ ମଲିକ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଲୁଙ୍ଗା ପଞ୍ଚାୟତର ସରପଞ୍ଚ ଲଳିତା ମଲିକ କହିଛନ୍ତି, ଅଗାପୁରରୁ ମଉଜୁଡ଼ି ରାସ୍ତା ନିର୍ମାଣ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପ୍ରକଳ୍ପ ଦିଆଯାଇଛି। ଖୁବ୍‌ଶୀଘ୍ର ଏହି କାମ ଆରମ୍ଭ ହେବ। ଅପରପକ୍ଷେ କଞ୍ଚୁଡ଼ି ନଦୀ ଉପରେ ପୋଲ ନିର୍ମାଣ ଲାଗି ଦୁଇ ପଞ୍ଚାୟତ ପକ୍ଷରୁ ଦାବି ହେଉଥିବା ବେଳେ କୌଣସି ପଦକ୍ଷେପ ନିଆଯାଇ ନାହିଁ।

# ହାଇୱା ଚାଳକଙ୍କୁ ଆକ୍ରମଣ, ଯୁବକ ଗିରଫ

ତିହିଡ଼ି,୧୫।୫(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ଦୋଳସାହି–ବିଲଣା ରାସ୍ତାର ଲଞ୍ଜାତର ଛକରେ ହାଇୱା ଚାଳକ ଭାଗୀରଥି ଦାସଙ୍କୁ ବୁଧବାର ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ କରାଯାଇଛି। ହାଇୱା ମାଲିକ କୁବେରା ଗ୍ରାମର ନରହରି ସାହୁ ଏନେଇ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୮୦/୨୫) ରୁଜୁ କରି ଆକ୍ରମଣକାରୀଙ୍କ ମଧ୍ୟରୁ ଲଞ୍ଜାତର ଗ୍ରାମର ଜିତେନ୍ଦ୍ର ମଲିକ ନାମକ ଜଣେ ଯୁବକଙ୍କୁ ଗୁରୁବାର ପୂର୍ବାହ୍ନରେ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷେ ଓଡ଼ିଶା ଡ୍ରାଇଭର ମହାସଂଘ ତିହିଡ଼ି ଶାଖାର କର୍ମକର୍ତ୍ତାମାନେ ଗୁରୁବାର ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି ଜଣାଇଛନ୍ତି।

ହାଇୱା ମାଲିକ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଭାଗୀରଥି ହାଇୱା ନେଇ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ

**ଆଇଆଇସିଙ୍କୁ ଭେଟିଲା ଡ୍ରାଇଭର ମହାସଂଘ**

କାର୍ ଗାଡ଼ି ସାମ୍ନାରେ ଅଟକି ରହିଥିଲା। କାର୍‌ରୁ କେତେଜଣ ଲୋକ ଓହ୍ଲାଇ ଆସି ହାଇୱା ସାଇଡ୍ କରିବାକୁ ଭାଗୀରଥିଙ୍କୁ କହିଥିଲେ। ସାଇଡ୍ କଲେ ହାଇୱା ଓଲଟି ପଡ଼ିବ ବୋଲି ଭାଗୀରଥି କହିବାରୁ ସେମାନେ ଉତ୍ତ୍ୟକ୍ତ ହୋଇ ହାଇୱା କାଚ ଭାଙ୍ଗି ଚାଳକଙ୍କୁ ଗାଡ଼ିରୁ ଟାଣି ଆଣି ମରଣାନ୍ତକ ଆକ୍ରମଣ କରିଥିଲେ। ପୋଲିସ ଭ୍ୟାନ୍ ହଠାତ୍ ସେଠାରେ ପହଞ୍ଚିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ପରେ ଗୁରୁତର ଚାଳକ ଗୁଆମାଳ ଗ୍ରାମର ଭାଗୀରଥିଙ୍କୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡ୍ରାଇଭର ସଂଘର ଜୀବନଜ୍ୟୋତି ଚଣ୍ଡ, ସୁଧାଂଶୁ ବେହେରା, ରଞ୍ଜନ ବାରିକ, ଜଟାଧାରୀ ଦାସ, ରମାକାନ୍ତ ବେହେରା, ଦିଲୀପ ଦାସ ପ୍ରମୁଖ କର୍ମକର୍ତ୍ତା ଆଇଆଇସିଙ୍କୁ ଭେଟିଥିଲେ। ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଆଇଆଇସି ଗ୍ରହାଚାର୍ଯ୍ୟ କହିଛନ୍ତି।

# ‘ସିନ୍ଦୂର’ର ସଫଳତା ନେଇ ପରାକ୍ରମ ଶୋଭାଯାତ୍ରା



ଏମ୍‌ପି ଅଭିମନ୍ୟୁ ସେଠୀ, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ଭଦ୍ରକ,୧୫।୫(ସନାତନ ରାଉତ/ରବିନାରାୟଣ ଖିଲାର)

ଆତଙ୍କବାଦ ବିରୋଧୀ ଅଭିଯାନ ଅପରେଶନ ‘ସିନ୍ଦୂର’ରେ ଭାରତୀୟ ସେନାର ପରାକ୍ରମ ଦେଶବାସୀଙ୍କୁ ଗର୍ବିତ କରିଛି। ‘ସିନ୍ଦୂର’ର ସଫଳତା ନେଇ ଗୁରୁବାର ଭଦ୍ରକରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ଏହି ଶୋଭଯାତ୍ରାରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଏନ୍‌ସିସି, ସ୍କାଉଟ୍, ରେଡ୍‌କ୍ରସ, ମିଶନ ଶକ୍ତି ମହିଳା, ପୋଲିସ କର୍ମଚାରୀ, ଅଗ୍ନିଶମ ବାହିନୀ, ବରିଷ୍ଠ ନାଗରିକ ସଂଘ, ରୋଟାରୀ କ୍ଲବ୍, ଲାୟନ୍ସ କ୍ଲବ୍, ବସ୍ ସିଣ୍ଡିକେଟ ଆଦି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ। ଏମ୍‌ପି ଅଭିମନ୍ୟୁ ସେଠୀ ଓ ଜିଲାପାଳ ଦିଲୀପ ରାଉତରାଏ ତ୍ରିରଙ୍ଗା ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିବା ପରେ ସାଇକେଲ, ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ହାତରେ ତ୍ରିରଙ୍ଗା ଧରି ଅପର୍ତ୍ତିବିନ୍ଧା ଛକ, ମୋଚି ଛକ, ସନ୍ଥିଆ ପୋଲ, ପୁରୁଣାବଜାର, ବାଇପାସ୍ ଦେଇ ସହର ପରିକ୍ରମା କରି ଏହି ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଉଦ୍‌ଯାପିତ ହୋଇଥିଲା। ଦେଶର ସୁରକ୍ଷା କରିବା ଓ ପାକିସ୍ତାନ ସହ ଲଢ଼େଇରେ ଆମ ୩ ସେନାର ପରାକ୍ରମ ଦେଶବାସୀଙ୍କୁ ଗର୍ବିତ କରୁଛି ବୋଲି ଏମ୍‌ପି କହିଥିଲେ।

ଶୋଭାଯାତ୍ରାରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ସରୋଜ ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ପୌର ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ସାମଲ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ବାସୁଦେବପୁର ବିଧାନସଭା କ୍ଷେତ୍ର ନେତା ବାଣୀକଲ୍ୟାଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଭାଜପାର ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁ, ପୂର୍ଣ୍ଣଚନ୍ଦ୍ର ପାଣି, ରଞ୍ଜିତା ସ୍ୱାଇଁ, କଳ୍ପନା ଜେନା, ବରିଷ୍ଠ ନାଗରିକ ସଂଘର ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ଅତିସ୍ ବେହେରା, ବିଦ୍ୟାଧର ସାହୁ, ଜ୍ୟୋତିପ୍ରକାଶ ମହାନ୍ତିଙ୍କ ସମେତ ଶତାଧିକ ଜନସାଧାରଣ ଏଥିରେ ସାମିଲ ଥିଲେ।

## ଡିଜେରେ ଭାଇବ୍ କ୍ରିଏଟର ନିଷେଧ

ଭଦ୍ରକ,୧୫।୫(ସନାତନ ରାଉତ)

ଭଦ୍ରକ ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଡିଜେରେ ଭାଇବ୍ କ୍ରିଏଟର ବନ୍ଦ କରିବା ପାଇଁ ଜିଲାପାଳ ଦିଲୀପ ରାଉତରାଏ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୬୦୨, ତା ୧୪।୫।୨୦୨୫ ଅନୁଯାୟୀ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମରେ ଡିଜେରେ ଭାଇବ୍ କ୍ରିଏଟର ବ୍ୟବହାର କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ଜିଲାପାଳ ଚିଠି ମାଧ୍ୟମରେ ଜିଲାର ସମସ୍ତ ତହସିଲଦାର, ଥାନାଧିକାରୀ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାର ଓ ଥାନାଧିକାରୀଙ୍କୁ ନେଇ କମିଟି ଗଠନ କରାଯାଇଛି। ଏହାକୁ ଅମାନ୍ୟ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସିବିଏସ୍‌ଇ ପରୀକ୍ଷାରେ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ସଫଳତା

ଭଦ୍ରକ,୧୫।୫(ସନାତନ ରାଉତ)

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଭଦ୍ରକ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଦଶମରେ ୧୯୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩୭ଜଣ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୭୫ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଏବଂ ୬୪ଜଣ ୮୦ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। କୁମାରୀ ସାନ୍ ପଟ୍ଟନାୟକ ୯୮.୮ ପ୍ରତିଶତ ଏବଂ କୁମାରୀ ପ୍ରକୃତି ବେହୁରିଆ ୯୮.୪ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ୧୩୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ପାସ୍‌ହାର ୯୫ ପ୍ରତିଶତ ରହିଛି। ୪ ଛାତ୍ରୀଛାତ୍ର ବିଜ୍ଞାନରେ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି। କୁମାରୀ ସ୍ୱୟଂଶୀ ମହାରାଜ୍ ୯୧ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ବାଣିଜ୍ୟରେ ପାସ୍ ହାର ଶତପ୍ରତିଶତ ହୋଇଥିବା ବେଳେ ୬ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି। କୁମାର କିଶୋର ଗୁପ୍ତା ୯୭ ପ୍ରତିଶତ ମାର୍କ ରଖି ବାଣିଜ୍ୟରେ ଟପ୍ପର ହୋଇଛନ୍ତି। ସେହିପରି କଳାରେ ପାସ୍ ହାର ଶତପ୍ରତିଶତ ହୋଇଥିବା ବେଳେ କୁମାରୀ ତ୍ରିଶା ଗୁପ୍ତା ୮୯ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ଏହି ସଫଳତାକୁ ନେଇ ଅଧ୍ୟକ୍ଷ, ନିର୍ଦ୍ଦେଶକ, ପରିଚାଳନା କମିଟି ଏବଂ ସମସ୍ତ କର୍ମଚାରୀ ଖୁସିବ୍ୟକ୍ତ କରିଛନ୍ତି।

# ମେଲାଣି ନେଲେ ଶ୍ରୀରାମ



ଅସ୍ତୁଳରେ ପୂଜା ପାଉଥିବା ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ମୂର୍ତ୍ତି।

ଭଦ୍ରକ,୧୫।୫(ସନାତନ ରାଉତ)

ଭଦ୍ରକ ପୌରପାଳିକାର ନରିପୁର ଅସ୍ତୁଳ ଗ୍ରାମସ୍ଥିତ ରାମ ମନ୍ଦିରରେ ରାମନବମୀଠାରୁ ଚାଲିଥିବା ଶ୍ରୀରାମ ନବମୀ ମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଦେଢ଼ ମାସ ଧରି ପୂଜା ପରେ ପ୍ରଭୁ ଶ୍ରୀରାମ ମେଲାଣି ନେଇଛନ୍ତି। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପ୍ରତ୍ୟେକ ଦିନ ପୂଜାର୍ଚ୍ଚନା, ନୀତିକାନ୍ତି, ପ୍ରସାଦ ସେବନ, ସନ୍ଧ୍ୟା ଆଳତି ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ଚାଲିଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ପାଠ, ପ୍ରବଚନ, ଭଜନ, ପାରାୟଣ, ଧର୍ମ ଚର୍ଚ୍ଚା

**ଦେଢ଼ ମାସ ଧରି ଚାଲିଥିଲା ରାମ ନବମୀ ମହୋତ୍ସବ**

ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ପ୍ରତିଦିନ ଗ୍ରାମବାସୀଙ୍କ ପକ୍ଷରୁ ପାଳି ଭୋଗ ଲାଗି ହୋଇ ପ୍ରସାଦ ସେବନ କରାଯାଉଥିଲା। ପାଳି ଭୋଗ ସରିବା ପରେ ପୂଜା ଉଦ୍‌ଯାପନ ହେବାର ପରମ୍ପରା ରହିଛି। ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ଦେବୀ ସୀତା ଓ ହନୁମାନଙ୍କ ବିଗ୍ରହ ମେଢ଼କୁ ଭସାଣି ଶୋଭଯାତ୍ରାରେ ନଗର ପରିକ୍ରମା ପରେ ସାଳନ୍ଦୀ ନଦୀଘାଟରେ ବିସର୍ଜନ କରାଯାଇଥିଲା। ୧୯୮୫ରୁ ଏଠାରେ ଏଭଳି ଭାବେ ଶ୍ରୀରାମ ନବମୀ ପାଳନ ହୋଇଆସୁଛି। କମିଟି ସମ୍ପାଦକ ତଥା ପୂର୍ବତନ କାଉନସିଲର ଗଜେନ୍ଦ୍ର ପଣ୍ଡା, କାଉନସିଲର ଗୀତାଞ୍ଜଳି ଦାସ, କାଉନସିଲରଙ୍କ ପ୍ରତିନିଧି ସୂର୍ଯ୍ୟ କୁମାର ଦାସ, ବିରେନ୍ଦ୍ର ଦାସ, ସତ୍ୟନାରାୟଣ ଦାଶ, ନୀଳକଣ୍ଠ ଦାଶ, ରାଜେଶ ଦାଶ, ଟିଙ୍କିନା ମହାନ୍ତି, ମଧୁସୂଦନ ଷଣ୍ଢ, କିଶୋର ଦାଶ, ଦେବବ୍ରତ ନାୟକ, ବିଭୂତି ଭୂଷଣ ଷଣ୍ଢ, ଚନ୍ଦ୍ର କୁମାର ଦାସ, ଲିପୁ ପଣ୍ଡା, ଦୀପୁ ଷଣ୍ଢ, କୁନା ଦାଶ, ଅଶେଷ ନାୟକ, ଅଶୋକ କୁମାର ନାୟକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଝୋଟ ଅମଳ ପାଇଁ ଖୋଳାଯିବ କୃତ୍ରିମ ପୋଖରୀ

ତିହିଡ଼ି,୧୫।୫(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍‌ରେ ଦିନକୁ ଦିନ ଝୋଟ ଚାଷ କମିବାରେ ଲାଗିଛି। ବିଭିନ୍ନ ସମସ୍ୟା ଯୋଗୁ ଚାଷୀମାନେ ଏହି ଚାଷରୁ ମୁହଁ ଫେରାଇ ନେଇଛନ୍ତି। ବିଶେଷତଃ ନଳିତା କାଟି ସାରିବା ପରେ ଏହାର ପଚାଣୀ ଜନିତ ସମସ୍ୟା ରହୁଥିବାରୁ ଚାଷୀମାନେ ଏହିଚାଷରୁ ନିବୃତ୍ତ ରହିଛନ୍ତି। ଫଳରେ ବ୍ଲକ୍‌ରେ ଝୋଟ ଉତ୍ପାଦନ କମିଥିବା ବେଳେ ଦୀପାବଳି ଦିନ ପିମ୍ପେଇ ଜାଳିବାକୁ ଆବଶ୍ୟକତା ଅନୁଯାୟୀ କାଉଁରିଆ କାଠି ମିଳିପାରୁନାହିଁ। ଏହାକୁ ଦୃଷ୍ଟିରେ ରଖି ଝୋଟ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ଏକ ଯୋଜନା କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି।

ତଦନୁଯାୟୀ ବ୍ଲକ୍ ଅଧୀନ ତଳଗୋପବିନ୍ଧା ପଞ୍ଚାୟତ ତଳଗୋପ ବିଲମଲିକ ଗ୍ରାମରେ ଏକ କୃତ୍ରିମ ପୋଖରୀ ଖୋଳା ହେବ। ନଳିତା ପଚେଇବା ପାଇଁ ଏହି ପୋଖରୀ ଖନନ ହେବ। ଏ ନେଇ ବ୍ଲକ୍ କୃଷି ବିଭାଗ

**ଚାଷୀଙ୍କୁ ଉତ୍ସାହିତ କରିବାକୁ ନୂଆ ଯୋଜନା**

ପକ୍ଷରୁ ଏକ ପ୍ରସ୍ତାବ ସରକାରଙ୍କ ନିକଟକୁ ପଠାଯାଇଛି। ଝୋଟ ଚାଷୀମାନେ ପୂର୍ବରୁ ପୋଖରୀ, ନଈ ଓ ନାଳରେ ନଳିତାକୁ ପଚାଇ ଝୋଟ ଉତ୍ପାଦନ କରୁଥିଲେ। ଏବେ ନଳିତା ପଚେଇବା ପାଇଁ ସୁବିଧା ନ ଥିବାରୁ ଝୋଟ ଚାଷୀମାନେ ନିରୁତ୍ସାହିତ ହୋଇ ପ୍ରାୟତଃ ଚାଷ ଛାଡ଼ି ଦେଇଛନ୍ତି। ଏପରିସ୍ଥଳେ ବ୍ଲକ୍ କୃଷି ଅଧିକାରୀ ଅମର ପ୍ରସାଦ ସାହୁ ତଳଗୋପବିନ୍ଧା ସରପଞ୍ଚ ସଞ୍ଜୀବ ବେହେରାଙ୍କ ସହଯୋଗରେ ବ୍ଲକ୍‌ର ପ୍ରଥମ କରି ନଳିତା ପଚେଇବାକୁ ଏକ କୃତ୍ରିମ ପୋଖରୀ ଖନନ ପାଇଁ ସରକାରଙ୍କୁ ପ୍ରସ୍ତାବ ପଠାଇଛନ୍ତି। ଏଥିପାଇଁ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ପଞ୍ଚାୟତ ଅଧୀନ ତଳଗୋପର ବିଲମଲିକ ସାହିରେ ଏକ ସରକାରୀ ଜମି ପ୍ରଦାନ କରିଛନ୍ତି। ସେହି ଜମି ଉପରେ ୪୫ ଫୁଟ୍ ଦୈର୍ଘ୍ୟ, ୩୫ ଫୁଟ୍ ପ୍ରସ୍ଥ ଓ ୫ ଫୁଟ୍ ୫ ଇଞ୍ଚ ଗଭୀରରେ ପୋଖରୀ ଖନନ ହେବ। ପୋଖରୀର ତଳଭାଗ କଂକ୍ରିଟ କରାଯିବାକୁ ସ୍ଥିର ହୋଇଛି। ଯାହାଦ୍ୱାରା ଚାଷୀଙ୍କ ପାଇଁ ନଳିତା ପଚେଇ ଝୋଟ କରିବାକୁ କୌଣସି ସମସ୍ୟା ଉପୁଜିବ ନାହିଁ। ପୋଖରୀରେ ନଳିତା ପଚେଇବା କାର୍ଯ୍ୟକୁ ଶୃଙ୍ଖଳିତ କରିବା ପାଇଁ ଅନୁସୂଚିତ ଜାତି ବର୍ଗର ଲୋକଙ୍କୁ ନେଇ ଏକ ୫ ଜଣିଆ କମିଟି ଗଠନ କରାଯାଇଛି। କେଉଁ ଚାଷୀ କେତେଦିନ ଆଉ କେଉଁ ଚାଷୀ ପରେ କେଉଁ ଚାଷୀ ନଳିତା ପଚେଇବେ, ଏସବୁର ଦାୟିତ୍ୱ କମିଟି ତଦାରଖ କରିବ ବୋଲି ଜଣାପଡ଼ିଛି। ତେବେ ପ୍ରସ୍ତାବ ଅନୁମୋଦନ ଲାଭ କରିବାରେ ବିଳମ୍ବ ନ ହେଲେ ଠିକ୍ ଚାଷ ସମୟରେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଝୋଟ ଚାଷୀମାନେ ମତବ୍ୟକ୍ତ କରିଛନ୍ତି।

# ଶିକ୍ଷକ ସଙ୍ଗଠନକୁ କ୍ଲଷ୍ଟରସ୍ତରରୁ ସୁଦୃଢ଼ ଉପରେ ଗୁରୁତ୍ୱ

ଚାନ୍ଦବାଲି, ୧୫।୫ (କିଷାନ ପାତ୍ର)

ଚାନ୍ଦବାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ବ୍ଲକ ମହସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଘ ସଭାପତି ଶିକ୍ଷକ ଅମୂଲ୍ୟ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବାଲେଶ୍ୱର ବିଭାଗ ସମ୍ପର୍କ ପ୍ରମୁଖ ସୁବ୍ରତ କୁମାର ନାୟକ, ଭଦ୍ରକ ଜିଲା କାର୍ଯ୍ୟବାହ ରଶ୍ମିରଞ୍ଜନ ରାଉତ, ଜିଲା ଉପସଭାପତି ପ୍ରଦୀପ କୁମାର ଦାଶ, ଚାନ୍ଦବାଲି ଖଣ୍ଡ କାର୍ଯ୍ୟବାହ ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶୈକ୍ଷିକ ମହାସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଯେପରିକି ରାଷ୍ଟ୍ର



ବୈଠକରେ ଶୈକ୍ଷିକ ମହାସଂଘର କାର୍ଯ୍ୟକର୍ତ୍ତା।

ହିତରେ ଶିକ୍ଷା, ଶିକ୍ଷା ହିତରେ ଶିକ୍ଷକ ଓ ଶିକ୍ଷକ ହିତରେ ସମାଜ ବିଷୟରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ସେମାନେ ମାର୍ଗଦର୍ଶନ କରିଥିଲେ। ଆଗାମୀ ଦିନରେ ଶିକ୍ଷକ ସଙ୍ଗଠନକୁ କ୍ଲଷ୍ଟର ସ୍ତରରୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଙ୍ଗଠନର ସମ୍ପାଦକ ମାନସ ପାଢ଼ୀ ସମ୍ପାଦକୀୟ ଅଭିଭାଷଣ ଦେଇଥିଲେ। ସଂଯୋଜକ ଶିବବ୍ରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭତ୍ତା ଅପେକ୍ଷାରେ ୨୬ ହଜାର ଆବେଦନକାରୀ

ଭଦ୍ରକ,୧୫।୫ (ସନାତନ ରାଉତ)

ଭଦ୍ରକ ଜିଲାରେ ମଧୁବାବୁ ପେନ୍‌ସନ ଯୋଜନାରେ ଟାର୍ଗେଟ୍ ପୂରଣ ହୋଇସାରିଥିବା ବେଳେ ଆହୁରି ୨୬ ହଜାରରୁ ଊର୍ଦ୍ଧ୍ୱ ଆବେଦନକାରୀ ଭତ୍ତା ଅପେକ୍ଷାରେ ଅଛନ୍ତି। ଜିଲା ସାମାଜିକ ସୁରକ୍ଷା ବିଭାଗ ସୂଚନା ଅନୁଯାୟୀ, ଜିଲାରେ ଏପର୍ଯ୍ୟନ୍ତ ୧ ଲକ୍ଷ ୯୬ ହଜାର ହିତାଧିକାରୀ ଭତ୍ତା ପାଉଥିବାବେଳେ ପ୍ରାୟ ୨ ଶହ କୋଟି ଟଙ୍କା ବାର୍ଷିକ ପ୍ରଦାନ କରାଯାଉଛି। ରାଜ୍ୟ ସରକାରଙ୍କ ଦ୍ୱାରା ମଧୁବାବୁ ପେନ୍‌ସନ ଯୋଜନାରେ ବାର୍ଷିକ ପ୍ରାୟ ୧୮୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଅବଶିଷ୍ଟ ଅର୍ଥ ଇନ୍ଦିରା ଗାନ୍ଧୀ

**ମଧୁବାବୁ ପେନ୍‌ସନ ଯୋଜନା**

- ସାମିଲ ହେଉଛନ୍ତି ଅଯୋଗ୍ୟ
- ଟାର୍ଗେଟ ବଢ଼ିବା ସତ୍ତ୍ୱେ ବାଦ୍ ପଡୁଛନ୍ତି ଯୋଗ୍ୟ

ଜାତୀୟ ପେନ୍‌ସନ ଯୋଜନାରେ ଖର୍ଚ୍ଚ ହେଉଛି। ଜିଲାରେ କେବଳ ମଧୁବାବୁ ପେନ୍‌ସନ ଯୋଜନାରେ ପ୍ରାୟ ୧ ଲକ୍ଷ ୩୫ ହଜାର ହିତାଧିକାରୀ ଏବଂ କେନ୍ଦ୍ରୀୟ ଯୋଜନାରେ ୬୦ ହଜାର ୬୮୮ଜଣ ଭତ୍ତା ପାଉଛନ୍ତି। ଜିଲାକୁ ଯେତିକି ଟାର୍ଗେଟ୍ ଦିଆଯାଇଥିଲା ତାହା ପୂରଣ ହୋଇସାରିଛି। ଏବେ ସାମାଜିକ ସୁରକ୍ଷା ବିଭାଗ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ବ୍ୟତୀତ ବିଭିନ୍ନ ବ୍ଲକ, ପୌରପାଳିକା ଓ ଏନ୍‌ଏସି ଅଫିସ୍‌ରେ ବହୁ ଆବେଦନ ଫର୍ମ ପଡ଼ିରହିଛି। ଗତ କିଛିମାସ ତଳେ ସରକାର ଜିଲାରେ ଟାର୍ଗେଟ୍ ବୃଦ୍ଧି କରିଥିଲେ ମଧ୍ୟ ସେହି ତୁଳନାରେ ଆବେଦନକାରୀ ବହୁମାତ୍ରାରେ ଅଧିକ ଥିବାରୁ ବାଦ୍ ପଡ଼ିଛନ୍ତି।

ସରକାର ବିଧବା, ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗୀ, ଏଚ୍‌ଆଇଭି ପୀଡ଼ିତ, ୬୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା/ ପୁରୁଷ ଏପରି ବିଭିନ୍ନ ବର୍ଗରେ ମାସିକ ଭତ୍ତା ପ୍ରଦାନ କରୁଛନ୍ତି। ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମାସିକ ୩ ହଜାର ୫ଶହ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଅନ୍ୟ ହିତାଧିକାରୀଙ୍କୁ ମାସିକ ୧ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏହି ପେନ୍‌ସନ ଯୋଜନାରେ ବହୁ ଅଯୋଗ୍ୟ ସାମିଲ ହୋଇଥିବାରୁ ଜିଲାରେ ଟାର୍ଗେଟ୍ ବଢ଼ିଥିଲେ ମଧ୍ୟ ଯୋଗ୍ୟ ହିତାଧିକାରୀମାନେ ବାଦ୍ ପଡୁଛନ୍ତି। ଏନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ମୋହନ ଦାସ କହିଛନ୍ତି, ସରକାରଙ୍କ ପକ୍ଷରୁ ଟାର୍ଗେଟ୍ ଦିଆଗଲେ ଅପେକ୍ଷାରେ ଥିବା ଆବେଦନକାରୀଙ୍କୁ ଏଥିରେ ସାମିଲ କରାଯିବ। ଅପରପକ୍ଷେ ହିତାଧିକାରୀଙ୍କ ମୃତ୍ୟୁ ହେବା ଦ୍ୱାରା ଯେଉଁ ଶୂନ୍ୟସ୍ଥାନ ପୂରଣ ହେଉଛି, ସେହି ସ୍ଥାନରେ ଅଗ୍ରାଧିକାର ଭିତ୍ତିରେ ବିଧବା ମହିଳାମାନଙ୍କୁ ସାମିଲ କରାଯାଉଛି ବୋଲି ସେ କହିଛନ୍ତି।

# ଗ୍ରାମାଞ୍ଚଳର ବିକାଶ ହେଲେ ଭିଜନ ହାସଲ ସୁନିଶ୍ଚିତ

**ବାଲେଶ୍ୱର, ୧୫।୫(ବାଞ୍ଛାନିଧି ଦେ)**


କର୍ମଶାଳାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଦ୍‌ଘାଟନ କରୁଛନ୍ତି।

■ଆଞ୍ଚଳିକ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭
■ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା

ବାଲେଶ୍ୱର ସହର ବାମପଦାସ୍ଥିତ ନୋସି ଅଡିଟୋରିୟମଠାରେ ଗୁରୁବାର ଆଞ୍ଚଳିକ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡା କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଶହେବର୍ଷ ପୂର୍ତ୍ତି ଏବଂ ୨୦୪୭ରେ ଭାରତ ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଭିଜନ୍ ନେଇ ୩୬ଟି କ୍ଷେତ୍ର ଉପରେ ଦୂରଦୃଷ୍ଟି ରଖି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି କର୍ମଶାଳାରେ ଅଧକ୍ଷତା କରିଥିଲେ। ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ ଉଷା ପାଢ଼ୀ ଯୋଗଦେଇ ସରକାରଙ୍କ ଏହି ଭିଜନ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ଦୁର୍ନୀତିର ମୂଳୋତ୍ପାଟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲାପରିଷଦର ସଭାପତି ନାରାୟଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇ ଗ୍ରାମାଞ୍ଚଳର ବିକାଶ ହେଲେ ଭିଜନ ହାସଲ ସୁନିଶ୍ଚିତ ବୋଲି ବକ୍ତବ୍ୟରେ କହିଥିଲେ। ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ।

ଏହାପରେ ବିଭିନ୍ନ ବର୍ଗର ବୁଦ୍ଧିଜୀବୀ, ପ୍ରତିନିଧିଙ୍କୁ ନେଇ ୩ଟି ପର୍ଯ୍ୟାୟରେ ପରାମର୍ଶ କର୍ମଶାଳା ଆୟୋଜିତ ହୋଇଥିଲା। ଜିଲାପାଳ ବିକାଶ, ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ, ଜିଲା ପର୍ଯ୍ୟଟନ ଅଧିକାରୀ ଅମ୍ଳାନ ନାୟକ ଏହାକୁ ପରିଚାଳନା କରିଥିଲେ। ସହରର ଶିଳ୍ପପତିମାନେ ବିଭିନ୍ନ ବିକାଶ କ୍ଷେତ୍ରରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା କୃଷି, ମତ୍ସ୍ୟ ଓ ବନ୍ଦରର ବିକାଶ, କ୍ରୀଡ଼ାବିତ୍ ଦ୍ୟୁତୀ ଚାନ୍ଦ କ୍ରୀଡ଼ାର ଭିତ୍ତିଭୂମି ସୁଧାର, ପୂର୍ବାଞ୍ଚଳ ଡିଆଇଜି ଡା. ସତ୍ୟଜିତ୍ ନାଏକ ଓ ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ ଆଧୁନିକୀକରଣ ଓ ସାଇବର ସୁରକ୍ଷା, ପିଏକ୍ସଇ ନିର୍ଦ୍ଦେଶକ ଓ ଆଇଟିଆର୍ ନିର୍ଦ୍ଦେଶକ ବିଜ୍ଞାନ ଓ ଗବେଷଣା ଦେଶର ବିକାଶ ଓ ଆତ୍ମନିର୍ଭରତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

# ତବଲା ବଜାଇ ଚର୍ଚ୍ଚାରେ ସୌମ୍ୟ

**ସିମୁଳିଆ, ୧୫।୫(ସନ୍ତୋଷ ନାୟକ)**


ତବଲାବାଦକ ସୌମ୍ୟପ୍ରକାଶ।

ବିଦ୍ୟାଳୟର ବାର୍ଷିକ ଉତ୍ସବ ହେଉ କି, ବିଭିନ୍ନ କାର୍ଯ୍ୟକ୍ରମ ସବୁଠି ତବଲା ବଜାଇ ଚର୍ଚ୍ଚାକୁ ଆସିଛନ୍ତି ସୌମ୍ୟପ୍ରକାଶ ପଣ୍ଡା(୧୪) । ତାଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଝାଡି ପଞ୍ଚାୟତ କୁପୁରା ପାନବରଜ ଅଞ୍ଚଳରେ। କ୍ଷୀରମଣି ଓ ପାର୍ଥସାରଥିଙ୍କ ପୁଅ ସୌମ୍ୟ ସିମୁଳିଆ ବ୍ଲକରେ ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଛନ୍ତି । ତାଙ୍କ ମା’ ଗୃହିଣୀ ହୋଇଥିବା ବେଳେ ବାପା ଜଣେ କୃଷକ। କୁପୁରା ଅଞ୍ଚଳରେ ଅନେକ କଳାକାର ରହିଥିବା ସହିତ ସୌମ୍ୟଙ୍କ ଜେଜେ ଶିବପ୍ରସାଦ ମଧ୍ୟ ଜଣେ କଳାପ୍ରିୟ ମଣିଷ ହୋଇଥିବାରୁ ସୌମ୍ୟଙ୍କ ନିକଟରେ ମଧ୍ୟ କଳାର ଛିଟା ରହିଛି । ମାତ୍ର ୩ବର୍ଷ ବୟସରେ ସେ ଢୋଲ ପ୍ରତି ଆକୃଷ୍ଟ ହୋଇ ବଜାବଜି କରୁଥିବା ଦେଖି ତାଙ୍କ ଦାଦା ପ୍ରଦୀପ୍ତ ତାଙ୍କୁ ବାଦ୍ୟ ବଜାଇବା ପାଇଁ ପ୍ରେରଣା ଦେଇଥିଲେ। ଗୁରୁ ରତ୍ନାକର ସାହୁ ଗତ ୪ବର୍ଷ ହେଲା ତାଙ୍କୁ ପ୍ରତ୍ୟେକ ସପ୍ତାହରେ ଶନି ଓ ରବିବାର ଦୁଇଦିନ ତବଲା ଶିଖାଇ ଆସୁଛନ୍ତି। ଏହାବ୍ୟତୀତ ସେ ପ୍ରତ୍ୟେକ ଦିନ ମୋବାଇଲ ବଜାଇ ବିଭିନ୍ନ ଗୀତର ତାଳରେ ତବଲା ବଜାଇବାର କୌଶଳ ଅଭ୍ୟାସ ଜାରି ରଖିଛନ୍ତି। ବିଶିଷ୍ଟ ତବଲା ବାଦକ ଜାକିର ହୁସେନ ତାଙ୍କ ପ୍ରେରଣା ବୋଲି ସେ ମାନନ୍ତି । ପାଠପଢାରେ ଭଲ କରୁଥିବା ସୌମ୍ୟ ଭବିଷ୍ୟତରେ ଜଣେ ଓଏଏସ୍ ହେବା ସହିତ ତବଲା ବାଦକ ମଧ୍ୟ ହେବା ପାଇଁ ଆଶା ରଖିଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇଲେ ବସ୍ କର୍ମଚାରୀ

## ବଢୁନି ପାରିଶ୍ରମିକ

**ଖଇରା, ୧୫।୫(ଉତ୍କଳବନ୍ଧୁ ପଣ୍ଡା)**

ପାରିଶ୍ରମିକ ବୃଦ୍ଧି ଦାବିରେ ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ମୁଖ୍ୟମନ୍ତ୍ରୀ ମୋ ବସ୍‌ରେ କାର୍ଯ୍ୟରତ ଡ୍ରାଇଭରମାନେ ଗୁରୁବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ବିଭିନ୍ନ ରାସ୍ତାରେ ଖଇରାକୁ ଯାତାୟାତ କରୁଥିବା ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଦାବି ପୂରଣ ନ ହେବା ଯାଏ ବସ୍ ସେବା ବନ୍ଦ ରହିବ ବୋଲି ଆନ୍ଦୋଳନକୁ ଓହ୍ଲାଇଥିବା ବସ୍ ଡ୍ରାଇଭର ହରେକୃଷ୍ଣ ନାଥ, ପଦ୍ମଲୋଚନ ଝା, କମଳାକାନ୍ତ ଜେନା, ଧନଞ୍ଜୟ ଦାସ, ରୁଷିକେଶ ସିଂ, କାହ୍ନୁ କିଶାନ ମୁଖୀ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ୨୦୨୪ରେ ବିଜେଡି ସରକାର ସମୟରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ଗ୍ରାମାଞ୍ଚଳରେ ମୋ ବସ୍ ସେବା ଆରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଖଇରା ବ୍ଲକର ୪ଟି ରୁଟ୍‌ରେ ୪ଟି ବସ୍ ଚଳାଚଳ ଆରମ୍ଭ କରିଥିଲା। ସେତେବେଳେ ନୂତନ ଭାବେ ନିଯୁକ୍ତ ଡ୍ରାଇଭରମାନଙ୍କୁ ଦିଆଯାଇଥିବା ମାସିକ ପାରିଶ୍ରମିକ ୧୫ହଜାର ଟଙ୍କାକୁ ୬ମାସରେ ବଢାଇବାକୁ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଚୁକ୍ତି କରିଥିଲା। ହେଲେ ଏବେ ଦେଢବର୍ଷ ପରେ ମଧ୍ୟ ପାରିଶ୍ରମିକ ବଢୁ ନ ଥିବାରୁ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଥିବା ନେଇ ଡ୍ରାଇଭରମାନେ ପ୍ରକାଶ କରିଛନ୍ତି।

# ବିଶ୍ୱ ଇତିହାସ ପୃଷ୍ଠାରେ ମନ୍ମଥଙ୍କ ଅବଦାନ ଅତୁଳନୀୟ


ଜନ୍ମଶତବାର୍ଷିକୀ କାର୍ଯ୍ୟକ୍ରମରେ ଅତିଥିଗଣ।

**ବାଲେଶ୍ୱର, ୧୫।୫(ବାଞ୍ଛାନିଧି ଦେ)**

**ଏଫ୍‌ଏମ୍‌ୟୁରେ ଜନ୍ମ ଶତବାର୍ଷିକୀ ପାଳିତ**

ମନ୍ମଥ ନାଥ ଦାସ ଏକାଧାରରେ ଜଣେ ଶିକ୍ଷକ, ସାହିତ୍ୟିକ ଓ ମାନବବାଦୀ ଐତିହାସିକ ଥିଲେ। ବିଶ୍ୱ ଇତିହାସ ପୃଷ୍ଠାରେ ତାଙ୍କର ଅବଦାନ ଅତୁଳନୀୟ। ସମଗ୍ର ଦେଶରେ ସେ ଥିଲେ ଜଣେ ଯୁଗଜନ୍ମା ପୁରୁଷ। ଆନ୍ତର୍ଜାତିକ କ୍ଷେତ୍ରରେ ଜଣେ ଲେଖକ, ଖ୍ୟାତିସମ୍ପନ୍ନ ଐତିହାସିକ, ସାହିତ୍ୟିକ ଓ ବିଶିଷ୍ଟ ଶିକ୍ଷାବିତ୍ ଭାବେ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଗୁରୁବାର ଐତିହାସିକ ମନ୍ମଥ ନାଥ ଦାସଙ୍କ ଜନ୍ମଶତବାର୍ଷିକୀ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଐତିହାସିକ ଖାରବେଳ ମହାନ୍ତି, ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ଗୌରହରି ଦାସ, ସମ୍ମାନନୀୟ ଅତିଥି ମନ୍ମଥ ନାଥ ଦାସଙ୍କ ବୋହୂ ରଞ୍ଜିତା ଦାସ, ସାହିତ୍ୟ ଏକାଡେମୀ କୋଲକାତାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ପ୍ରମୁଖ ଯୋଗଦେଇ ମନ୍ମଥ ଦାସଙ୍କ ରଚିତ ପୁସ୍ତକ ଏବଂ ତାଙ୍କ ଜୀବନୀ, ଦର୍ଶନ ଓ ସାହିତ୍ୟ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ଦୁଇଟି ବୈଷୟିକ ଅଧିବେଶନରେ ଦାଶ ବେନହୁର, ଅଭିରାମ ବିଶ୍ୱାଳ, ରୁଦ୍ରାଣୀ ମହାନ୍ତି , ସହଦେବ ସାହୁ, ଅଶୋକ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ପ୍ରହ୍ଲାଦ ସିଂହ ପ୍ରମୁଖ ଯୋଗଦେଇ ତାଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଶେଷରେ ଆସିଷ୍ଟାଣ୍ଟ ପ୍ରଫେସର ଡ. ଜୟନ୍ତ କୁମାର ଦାସ ଓ ଡ. ପ୍ରହ୍ଲାଦ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁପସ୍ଥିତ ଡାକ୍ତରାଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

## ଖୁଆଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**ଜଳେଶ୍ୱର, ୧୫।୫(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଖୁଆଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୧୦ବର୍ଷ ହେବ ଡାକ୍ତର ପଦବୀ ଖାଲି ପଡ଼ିଥିଲା। ବର୍ଷେ ହେବ ଜଣେ ଡାକ୍ତରାଣୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେଇଥିଲେ। ସେ ଯୋଗଦେବା ପରେ ଉଚ୍ଚଶିକ୍ଷା ଦର୍ଶାଇ ବର୍ଷେ ହେବ ଅନୁପସ୍ଥିତ ରହିଛନ୍ତି। ଫଳରେ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଏ ନେଇ ଧରିତ୍ରୀରେ ମଙ୍ଗଳବାର ଖବର ପ୍ରକାଶ ପାଇଥିଲା। ବୁଧବାର ବାଲେଶ୍ୱର ଜିଲା ପରିଷଦ ସପ୍ତମ ବୈଠକରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ଡାକ୍ତରାଣୀଙ୍କ ବିଷୟରେ ଉପସ୍ଥାପନ କରିଥିଲେ। ଅନୁପସ୍ଥିତ ରହୁଥିବା ଡାକ୍ତରାଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଡାକ୍ତରଙ୍କୁ ପଠାଇବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏମ୍‌ପି ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାର ସମସ୍ତ ବିଧାୟକ, ଜିଲାପରିଷଦ ସଦସ୍ୟ, ଜିଲାପାଳ, ସିଡିଏମ୍‌ଓ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚଲିଙ୍ଗେଶ୍ୱର ପୀଠରେ ପର୍ଯ୍ୟଟକଙ୍କୁ ଆକ୍ରମଣ

**ନୀଳଗିରି, ୧୫।୫(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଗୁରୁବାର ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ଆକ୍ରମଣର ଶିକାର ହୋଇଛନ୍ତି। ଏନେଇ ନୀଳଗିରିଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ.୧୭୦/୨୫) ରୁଜୁ ହୋଇଛି।

ଯାଜପୁର ଟାଉନ ବଉଳମୂଳ ଅଞ୍ଚଳର ପଞ୍ଚାନନ ବେହେରା(୬୦) ଗୁରୁବାର ନିଜ ପରିବାର ସହିତ ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଆସିଥିଲେ। ବାବାଙ୍କ ଦର୍ଶନ ସାରି ତଳକୁ ଆସି ପଞ୍ଚଲିଙ୍ଗେଶ୍ୱର ପୀଠରେ ଦୋକାନ କରିଥିବା ଗୋପ ଗ୍ରାମର ବୁଲବୁଲ ସେଠୀଙ୍କ ଦୋକାନରୁ ଅପରାହ୍ନ ୫ଟା ସମୟରେ ମୃଦୁ ପାନୀୟ ପିଇଥିଲେ। ଥଣ୍ଡା ପିଇ ସାରିବା ପରେ ପଇସା ଦେବାରୁ ମୃଦୁ ପାନୀୟ ପିଛା ୧୫ଟଙ୍କା ଦୋକାନୀ ଦାବି କରିଥିଲେ। ମାତ୍ର ମୃଦୁ ପାନୀୟର ମୂଲ୍ୟ ୧୦ଟଙ୍କା ଥିବା ବେଳେ ୧୫ଟଙ୍କା କାହିଁକି ଦେବେ ବୋଲି କହିବାରୁ ଉଭୟ ଦୋକାନୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ପର୍ଯ୍ୟଟକଙ୍କ ତରଫରୁ ୧୪୫ଟଙ୍କା ଅର୍ଥାତ୍ ଦୋକାନୀ ଦାବି କରିଥିବା ସମସ୍ତ ଟଙ୍କା ପୈଠ କରିଥିଲେ। ମାତ୍ର ଉଭୟଙ୍କ ବଚସା ମଧ୍ୟରେ ଦୋକାନୀ ଓ ପାଖର ଅନ୍ୟକିଛି ଦୋକାନୀ ସଂଘବଦ୍ଧ ଭାବରେ ଠେଙ୍ଗା ଓ ହାତରେ ଆକ୍ରମଣ କରିଥିବା ନେଇ ପଞ୍ଚାନନଙ୍କ ବୋହୂ ସଂଘମିତ୍ରା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଦୀର୍ଘସମୟ ଧରି ଦୋକାନୀମାନେ ପର୍ଯ୍ୟଟକଙ୍କୁ ଅଟକାଇ ଧମକଦେବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ଆକ୍ରମଣରେ ପଞ୍ଚାନନଙ୍କ ସମେତ ପରିବାରର ଅନ୍ୟମାନେ ଆକ୍ରମଣରେ ଶିକାର ହୋଇଛନ୍ତି। ନୀଳଗିରି ପୋଲିସ ପହଞ୍ଚି ପର୍ଯ୍ୟଟକଙ୍କୁ ଉଦ୍ଧାର କରି ନୀଳଗିରି ମେଡିକାଲରେ ଚିକିତ୍ସା କରାଇବା ପରେ ପରିବାର ପକ୍ଷରୁ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ବାରମ୍ବାର ପୀଠରେ ଏଭଳି ଘଟୁଥିବା ନେଇ ଅଭିଯୋଗ ହୋଇଥିଲେ ହେଁ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ନିନ୍ଦା କରାଯାଇଛି।

# ଅନ୍ତରା ସଭାପତିଙ୍କ ନାମକୁ ନେଇ ଭାଜପାରେ ହଲ୍‌ଚଲ୍

## ୩ ମଣ୍ଡଳ ସଭାପତିଙ୍କ ନାମ ଘୋଷିତ

**ଖଇରା, ୧୫।୫(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକର ୩ ମଣ୍ଡଳ ବା ଜୋନର ସଭାପତିଙ୍କ ନାମ ଘୋଷଣା କରାଯାଇଛି । ମଙ୍ଗଳବାର ରାଜ୍ୟ ସଭାପତି ମନମୋହନ ସାମଲ ଜିଲାର ୯ ଜୋନର ସଭାପତିଙ୍କ ନାମ ଘୋଷଣା କରିଥିବା ବେଳେ ଏଥିରେ ଖଇରା ବ୍ଲକର ୩ ଜୋନ ରହିଛି। ଖଇରା ୪ ନମ୍ବର ଜୋନ ପାଇଁ ସୁଣ୍ଡିରା ପଞ୍ଚାୟତର ନାଏବ ସରପଞ୍ଚ ଲକ୍ଷ୍ମୀଧର ନାୟକଙ୍କ ନାମ ଘୋଷଣା କରାଯାଇଛି। ସେ ଦୀର୍ଘଦିନ ଧରି ଆରଏସ୍‌ଏସ୍ ସହ ଜଡିତ ଥିଲେ ଏବଂ ବୁଥସ୍ତରରୁ ଭାଜପାକୁ କିଭଳି ଶକ୍ତିଶାଳୀ କରାଯାଇପାରିବ ତାକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ସେହିଭଳି କୁପାରୀ ୩ ନମ୍ବର ଜୋନ ପାଇଁ ପୂର୍ବତନ ପଞ୍ଚାୟତ ସଭାପତି ସୁମନ୍ତ କୁମାର ଜେନାଙ୍କ ନାମ ଘୋଷଣା କରାଯାଇଛି । ଗତ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତାସୀନ କରାଇବାର ତାଙ୍କର ଯଥେଷ୍ଟ ଅବଦାନ ଥିଲା। ଭାଜପା ସରକାରର ପ୍ରତିଟି ଯୋଜନା କିଭଳି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦେବେ ବୋଲି କହିଛନ୍ତି। ୬ ନମ୍ବର ଅନ୍ତରା ଜୋନ ପାଇଁ ରମେଶ କୁମାର ଜେନାଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଛାତ୍ର ରାଜନୀତିରୁ ସେ ଭାଜପା ସହ ଜଡିତ ବୋଲି କହିଛନ୍ତି । ତେବେ ତାଙ୍କ ନାମକୁ ନେଇ ଭାଜପାରେ ହଲଚଲ୍ ଦେଖାଦେଇଛି। ତାଙ୍କ ନାମ ପରିବର୍ତ୍ତନ ପାଇଁ ରାଜ୍ୟ ସଭାପତିଙ୍କୁ ସୁପାରିଶ କରାଯାଇଥିବା ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି।

# କାଳବୈଶାଖୀରେ ବୈଦ୍ୟୁତିକ ସତର୍କତାକୁ ଗୁରୁତ୍ୱ

## ମୁକାବିଲା ପାଇଁ ଟିପିଏନଓଡିଏଲ୍‌ର ସ୍ୱତନ୍ତ୍ର ଟିମ୍

**ବାଲେଶ୍ୱର,୧୫।୫(ବାଞ୍ଛାନିଧି ଦେ)**

ଉତ୍ତରଓଡ଼ିଶା ଏକ କାଳବୈଶାଖୀ ପ୍ରବଣ ଅଞ୍ଚଳ। ଏହାକୁ ଦୃଷ୍ଟିରେ ରଖି ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ୍) ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛି। ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ତ୍ୱରିତ ସମାଧାନ ଦିଗରେ ଗୁରୁତ୍ୱ ଦେଇ କମ୍ପାନୀ କାଳବୈଶାଖୀରେ ବୈଦ୍ୟୁତିକ ସତର୍କତାକୁ ଗୁରୁତ୍ୱ ଦେଇଛି। ପରିଚାଳନାସ୍ତରରେ ସାମର୍ଥ୍ୟକୁ ବୃଦ୍ଧି କରିବା ସହିତ ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ଅଧିକ ସମ୍ବଳ ନିୟୋଜନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି।

ଆସନ୍ନ କାଳବୈଶାଖୀକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ସୁରକ୍ଷା ମାର୍ଗଦର୍ଶିକା ମଧ୍ୟ ଜାରି କରିଛି। ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ ଉତ୍ତର ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲାରେ ଘଡ଼ଘଡ଼ି ସହ ଝଡ଼ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି। ବର୍ଷାପବନ ଯୋଗୁ ବିଭିନ୍ନ ସ୍ଥାନରେ ଗଛ ଡାଳ ପଡ଼ି ବିଦ୍ୟୁତ୍ ତାର ଛିଣ୍ଡିବା, ଖୁଣ୍ଟି ଭାଙ୍ଗିବାର ସମ୍ଭାବନା ମଧ୍ୟ ରହିଛି। କୌଣସି ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡି ପଡିଥିବା ଦେଖିଲେ, ଟ୍ରାନ୍ସଫର୍ମର ସ୍ପାର୍କ ହେଲେ କିମ୍ବା ନିଆଁ ଲାଗିଲେ ସେଠାରୁ ସୁରକ୍ଷିତ ଦୂରତା ବଜାୟ ରଖିବା ସହ ଜନସାଧାରଣ ତୁରନ୍ତ ଗ୍ରାହକ ସେବା ନମ୍ବର ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨ରେ ଯୋଗାଯୋଗ କରିପାରିବେ। ନଚେତ୍ ନିକଟସ୍ଥ ଟିପିଏନଓଡିଏଲ କାର୍ଯ୍ୟାଳୟରେ ଅବଗତ କରାଇବେ। ସେହିପରି କାଳବୈଶାଖୀଜନିତ କ୍ଷୟକ୍ଷତିର ତ୍ୱରିତ ପୁନରୁଦ୍ଧାର ଓ ଏହାର ମୁକାବିଲା ପାଇଁ ସ୍ୱତନ୍ତ୍ର ଟିମ୍ ମୁତୟନ କରାଯାଇଛି।

# ବିଷାକ୍ତ ଖାଦ୍ୟ ଖାଇ ୨୦ ତୀର୍ଥଯାତ୍ରୀ ଅସୁସ୍ଥ

ସୋର, ୧୫।୫(ଜନ୍ମେଜୟ ମିଶ୍ର): ବେଙ୍ଗାଲୁରୁରୁ ତୀର୍ଥଯାତ୍ରାରେ ବାହାରିଥିବା ୫୦ଜଣ ଯାତ୍ରୀଙ୍କ ମଧ୍ୟରୁ ୨୦ଜଣ ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ଲାଗି ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ବେଙ୍ଗାଲୁରୁରୁ ୫୦ଜଣ ଯାତ୍ରୀ ଏକ ବସ୍‌ରେ ଗତ ୨୬ ତାରିଖରେ ବିଭିନ୍ନ ତୀର୍ଥ ସ୍ଥାନ ପରିଭ୍ରମଣ ପାଇଁ ବାହାରିଥିଲେ। ୨୫ଦିନିଆ ଏହି ଟୁର୍‌ରେ ଗୟାରୁ ପୁରୀ ଅଭିମୁଖେ ଯାଉଥିବା ବେଳେ ସୋର ନିକଟରେ ବୁଧବାର ରାତିରେ ଭାତ, ତରକାରୀ ଓ ସମ୍ବର କରାଯାଇଥିଲା। ଖାଇବାର କିଛି ସମୟ ପରେ ୨୦ରୁ ଊର୍ଦ୍ଧ୍ୱ ଲୋକ ଅସୁସ୍ଥ ଅନୁଭବ କରିବା ସହ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ।

# ଭୋଗରାଇରେ ୩ ମନ୍ଦିରରୁ ଚୋରି

**ଭୋଗରାଇ, ୧୫।୫(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବେଣୁଦା ଶ୍ରୀଜଗନ୍ନାଥ ମନ୍ଦିରରୁ ଦୁର୍ବୃତ୍ତମାନେ ରୋଷେଇ ଘରପଟୁ ତାଲା ଭାଙ୍ଗି ମନ୍ଦିରରେ ପ୍ରବେଶ କରି ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ସେହିପର ଜଳସୋହରିଆ ( ଝଙ୍କଙ୍କି ) ଗ୍ରାମସ୍ଥିତ ମା’ କାଳୀ ଓ ଶୀତଳା ମାତାଙ୍କ ମନ୍ଦିରରୁ ବୁଧବାର ମଧ୍ୟରାତ୍ରରେ ଦୁର୍ବୃତ୍ତମାନେ ମନ୍ଦିରର ତାଲା ଭାଙ୍ଗି ସୁନା, ରୁପା ଅଳଙ୍କାର ସହ ଦାନବାକ୍ସରୁ ଅର୍ଥ ଲୁଟିନେଇଥିବା କମିଟି ଏବଂ ଭୋଗରାଇ ଥାନରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ୨ ଥାନାର ପୋଲିସ ଗୁରୁବାର ସକାଳେ ୩ଟି ମନ୍ଦିରକୁ ଯାଇ ତଦନ୍ତ କରି ଫେରିଛି।

# ଦେଶୀ ବିଦେଶୀ ମଦ ଜବତ, ୨ କୋର୍ଟଚାଲାଣ

ଖଇରା, ୧୫।୫(ଉତ୍କଳବନ୍ଧୁ ପଣ୍ଡା): ଖଇରା ଅବକାରୀ ପୋଲିସ ପକ୍ଷରୁ ଗୁରୁବାର ଖଇରା ଥାନା ଅଧୀନରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବହୁପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ବେଆଇନ ମଦ ବେପାର ଭାବେ ବାରିଙ୍ଗିଆ ଗ୍ରାମର ସୁକାନ୍ତି ସେଠୀ ଓ ରାଇକୁଳା ଗ୍ରାମର ଚନ୍ଦ୍ରମଣି ଶିଅଳଙ୍କ ନାମରେ ୨ଟି ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅବକାରୀ ଥାନା ଅଧିକାରୀ ସୁରଜ କୁମାର ଟିଗାଙ୍କ ନେତୃତ୍ୱରେ କରାଯାଇଥିବା ଚଢାଉରେ ଏଏସ୍‌ଆଇ ଦୀପିକା ପରିଡା ଓ କନଷ୍ଟେବଲ ଦେବାଶିଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

# କସିପଦା ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ

**ବାଲେଶ୍ୱର,୧୫।୫(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କସିପଦା ସେବା ସମବାୟ ସମିତିରେ ଗୁରୁବାର ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଡିଆର୍‌ସିଏସ୍ ସରୋଜିନୀ ନାୟକ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁ ଯୋଗଦେଇ ରବି ଧାନ କ୍ରୟର ଶୁଭାରମ୍ଭ କରିଥିଲେ। ସମିତିର ସଭାପତି ଶ୍ରୀମତୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପ୍ରଥମ ଦିନରେ ୫ଜଣ ଚାଷୀଙ୍କଠାରୁ ୧୯ ଟନ୍ ଧାନ କ୍ରୟ କରାଯାଇଥିଲା। ମିଲରଙ୍କ ସମେତ ସହକାରୀ ନିବନ୍ଧକ ଏକାଦଶୀ ଦାସ, ସହକାରୀ ଯୋଗାଣ ଅଧିକାରୀ ହିମାଂଶୁ ଶେଖର ସାହୁ, ଉପସହକାରୀ ନିବନ୍ଧକ ଦେବାଶିଷ ଦାସ, ଗୋପବନ୍ଧୁ ଦାସ, ଶମ୍ଭୁନାଥ ନାୟକ, ଗୋପୀନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସତ୍ୟପ୍ରକାଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବୀର ଯବାନଙ୍କ ସମ୍ମାନାର୍ଥେ ପରାକ୍ରମ ଶୋଭାଯାତ୍ରା

## ‘ଅପରେଶନ ସିନ୍ଦୂର’କୁ ସ୍ୱାଗତ

**ବାଲେଶ୍ୱର, ୧୫।୫(ବାଞ୍ଛାନିଧି ଦେ)**


ପରମିଟ୍ ପଡ଼ିଆରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

‘ଅପରେଶନ ସିନ୍ଦୂର’ର ସଫଳତା ନିମନ୍ତେ ଭାରତୀୟ ସେନାଙ୍କ ସମ୍ମାନାର୍ଥେ ଗୁରୁବାର ବାଲେଶ୍ୱର ଜିଲା ପ୍ରଶାସନ ଓ ପୌରପାଳିକା ଆନୁକୂଲ୍ୟରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ପରମିଟ୍ ପଡ଼ିଆରୁ ଏକ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ଜିଲାପରିଷଦ ସଭାପତି ନାରାୟଣ ପ୍ରଧାନ, ପୌରାଧକ୍ଷା ସବିତା ସାହୁ, ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ପୌରପାଳିକା ନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି, ନୀଳଗିରି ପୌରପରିଷଦ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ପ୍ରମୁଖ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ବାଇକ ରାଲି ସହର ପରିକ୍ରମା କରି ପୁଣି ପରମିଟ ପଡ଼ିଆଠାରେ ପହଞ୍ଚିଥିଲା।

ସେହିପରି ଅପରାହ୍ନରେ ମୋତିଗଞ୍ଜସ୍ଥିତ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରୁ ମହିଳାମାନଙ୍କର ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳ ଉପ-ମୁଖ୍ୟସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ପୌରାଧକ୍ଷା ସବିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଉଭୟ ବାଇକ୍ ଶୋଭାଯାତ୍ରା ଓ ପଦଯାତ୍ରାରେ ସମସ୍ତେ ତ୍ରିରଙ୍ଗା ଧରି ଭାରତ ମାତା ଓ ବୀର ଯବାନଙ୍କ ଜୟ ଗାନ କରିଥିଲେ।

# 'ଯବାନଙ୍କ ସେବା ଓ ତ୍ୟାଗ ଅତୁଳନୀୟ'

**ବାରିପଦା,୧୫ା୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଆତଙ୍କବାଦ ବିରୋଧୀ ଅଭିଯାନ ଅପରେଶନ 'ସିନ୍ଦୁର'ର ସଫଳତା ପରେ ଭାରତୀୟ ସେନା ବାହିନୀର ଦକ୍ଷତାକୁ ସମ୍ମାନ ଜଣାଇବା ତଥା ଯବାନମାନଙ୍କ ମନୋବଳକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଗୁରୁବାର ବାରିପଦାଠାରେ ଏକ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟା ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୋଭାଯାତ୍ରା ଆରମ୍ଭ ହୋଇ ସହରର ବିଭିନ୍ନ ରାସ୍ତା ପରିକ୍ରମା କରି ପୌରପାଳିକା ଗେଷ୍ଟ ହାଉସ ପାଖରେ ସମ୍ପୂର୍ଣ୍ଣ ହୋଇଥିଲା। ଜିଲାପାଳ ହେମକାନ୍ତ ସାୟ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ, ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ନିଜାରତ ଅଧିକାରୀ ଶ୍ରୀକାନ୍ତ ସାହୁ ପ୍ରମୁଖ ତ୍ରିରଙ୍ଗା ପତାକା ଧରି ବାଇକ୍ ଯାତ୍ରାରେ ଅନ୍ୟମାନଙ୍କ ସହିତ ସାମିଲ ହୋଇଥିଲେ। ଅତିରିକ୍ତ ଜିଲାପାଳ ଚେତ୍ରାନନ୍ଦ ମଲ୍ଲିକ ପତାକା ଦେଖାଇ ଏହାକୁ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ବାଇକ୍ ଶୋଭାଯାତ୍ରାରେ ୭୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ଯଥା ପୋଲିସ ପଦାଧିକାରୀ, ପୋଲିସ କର୍ମଚାରୀ, ସରକାରୀ ପଦାଧିକାରୀ, କର୍ମଚାରୀ, ଲୋକପ୍ରତିନିଧି, ଏନ୍‌ସିସି, ଏନ୍‌ଏସ୍‌ଏସ୍, କ୍ରୀଡ଼ା ଛାତ୍ର, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ସାମିଲ ହୋଇ ବନ୍ଦେ ମାତରମ୍, ଭାରତ ମାତାକି ଜୟ, ଜୟ ଯବାନ ଇତ୍ୟାଦି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଅପରେଶନ ସିନ୍ଦୁର'ର ସଫଳତା ପରେ ଭାରତୀୟ ସେନାବାହିନୀର ପରାକ୍ରମକୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ଏହି ତ୍ରିରଙ୍ଗା ବାଇକ୍ ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ ବୋଲି ଜିଲାପାଳ କହିଥିଲେ।

## ବାରିପଦାରେ ତ୍ରିରଙ୍ଗା ଶୋଭାଯାତ୍ରା



ସହର ପରିକ୍ରମା କରୁଥିବା ତ୍ରିରଙ୍ଗା ଶୋଭାଯାତ୍ରା।

ଶତ୍ରୁ ବିରୋଧରେ ଲଢ଼ିବା ପାଇଁ ଆମ ସେନାବାହିନୀ ସଦା ସର୍ବଦା ପ୍ରସ୍ତୁତ। ଦେଶମାତୃକା ତଥା ଦେଶବାସୀଙ୍କ ପାଇଁ ଯବାନମାନଙ୍କ ସେବା ଓ ତ୍ୟାଗ ଅତୁଳନୀୟ। ଆମ ଦେଶର ବୀର ଯବାନମାନଙ୍କୁ ହୃଦୟରୁ ସମ୍ମାନ ଜଣାଉଛି ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ସେନାବାହିନୀକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ କରାଯାଇଥିଲା। ବାରିପଦା ପୌରପାଳିକା ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ସୀମା ଦାସ, ଅତିରିକ୍ତ ଜିଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ପୌର ପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଅତିରିକ୍ତ ଜିଲାଗ୍ରାମ୍ୟ ଅଧକ୍ଷ ବିନୋଦ କିଶାନ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବିଭିନ୍ନ ୱାର୍ଡର କାଉନସିଲରମାନେ ଯୋଗ ଦେଇଥିଲେ।

## ମୃତ୍ୟୁ ଏମିତି ଆସେ ...

# ପରିବା କିଣିବାବେଳେ ଟଳି ପଡ଼ିଲେ

**ବୈଶିଙ୍ଗା,୧୫ା୫(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ଡାହିବାଡ଼ି ସାପ୍ତାହିକ ହାଟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ପରିବା କିଣୁଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ କେନ୍ଦୁଆ ପଞ୍ଚାୟତର ମୋହନପୁର ଗ୍ରାମର ଗୁମା ସିଂ (୫୦)। ରାତି ୮ଟା ସମୟରେ ସେ ହାଟରୁ ପରିବା କିଣୁଥିବା ବେଳେ ହଠାତ୍ ମୁହଁମାଡ଼ି ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନା ଚିକିତ୍ସା ପାଇଁ ନେଇଥିଲେ ଓ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ମୋହନପୁର ଗ୍ରାମବାସୀଙ୍କ ସମେତ ତାଙ୍କ ସ୍ତ୍ରୀ ଓ ଝିଅ ଡାକ୍ତରଖାନାରେ ପହଞ୍ଚିଥିଲେ। ଏନେଇ ବୈଶିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଦିନସାରା କ୍ଷେତରେ କାର୍ଯ୍ୟରତ ଥିବା ବେଳେ ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁ ଅଁଶୁଘାତରେ ସେ ପ୍ରାଣ ହରାଇଥିବା ଗ୍ରାମବାସୀ ଆଲୋଚନା କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଝାରପୋଖରିଆ,୧୫ା୫(ସୁଧୀର କୁମାର ମହାନ୍ତ)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଝାରପୋଖରିଆ ପଞ୍ଚାୟତ ଘିଆଯୋଡ଼ି ଗ୍ରାମ ରାଧାକୃଷ୍ଣ ମନ୍ଦିରର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଗୁରୁବାର ପୂର୍ବାହ୍ନ ୧୧ଟା ୪୫ମିରେ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଗ୍ରାମ ପୋଖରୀରୁ ୧୦୮ ଜଣ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ଗହଣରେ ମନ୍ଦିରର ପୂଜକ ବିଶ୍ୱରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଟୋତ୍ତଳନ କରାଯାଇଥିଲା। ପୂଜକ ବିଶ୍ୱରଞ୍ଜନ ପାଣିଗ୍ରାହୀଙ୍କ ଦ୍ୱାରା ହରିମଣ୍ଡପରେ ଭୂମି ପୂଜନ, ସୂର୍ଯ୍ୟପୂଜା, ଗୁରୁପୂଜା ଓ ଯଜ୍ଞ କର୍ମ କରାଯାଇଥିଲା। ହରିମଣ୍ଡପରେ ଷୋହଳପ୍ରହର ନାମ ସଂକୀର୍ତ୍ତନ ପାଇଁ ବୈଷ୍ଣବ ଅନନ୍ତ ପ୍ରସାଦ ଦାସଙ୍କ ଦ୍ୱାରା ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ସ୍ଥାପନା ଓ ପୂଜାର୍ଚ୍ଚନା ପରେ ଅଧିବାସ କରାଯାଇଥିଲା। ମଙ୍ଗଳବାର ବ୍ରହ୍ମ ମୂହୁର୍ତ୍ତରେ ହରିନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ପ୍ରତିଷ୍ଠା ଉତ୍ସବ ଓ ହରିନାମ ଯଜ୍ଞରେ ବାବୁଲାଲ ଦିଗାର ମୁଖ୍ୟ କର୍ତ୍ତା ସଂକଳ୍ପ ଧାରଣ କରିଥିଲେ। ଗୁରୁବାର ଦଧିଉତ୍ସବ ମାଧ୍ୟମରେ ନଗର ପରିକ୍ରମା କରାଯାଇଥିଲା। ମନ୍ଦିର ଟ୍ରଷ୍ଟି ପକ୍ଷରୁ ଦୈନନ୍ଦିନ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଜିଲା କୃଷକ ମୋର୍ଚ୍ଚାର ଧନ୍ୟବାଦ ସଭା

**କରଞ୍ଜିଆ,୧୫ା୫(କବିତା ମହାନ୍ତ)**

କରଞ୍ଜିଆଠାରେ ମୟୂରଭଞ୍ଜ ଜିଲା କୃଷକ ମୋର୍ଚ୍ଚା ପକ୍ଷରୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରି କଥା ଦେଇ କଥା ରଖି ଥିବା ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେବା ପାଇଁ ଗୁରୁବାର ଏକ ସଭାର ଆୟୋଜନ ହୋଇଥିଲା। ଜିଲା କୃଷକ ମୋର୍ଚ୍ଚା ସଭାପତି ମଦନମୋହନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜଙ୍ଗଲ ଓ ପରିବେଶ, ଶ୍ରମ ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ, ଏମ୍‌ପି ନବ ଚରଣ ମାଝୀ, ବିଧାୟକ ପଦ୍ମ ଚରଣ ହାଇବ୍ରୁ, କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ, ଉପ ସଭାପତି ପୁଲିନ ପ୍ରକାଶ ପୁହାଣ, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତ ରାୟ, ଜିଲା ସଭାପତି (ପଶ୍ଚିମ) ଜୁରିଲାଲ ମହାନ୍ତ, କୃପାସିନ୍ଧୁ ମହାନ୍ତ, ଜିଲା ପ୍ରଭାରୀ ଶ୍ରୀଧର ସାହୁ, ଜିଲା ସମ୍ପାଦକ ଆଶିଷ କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ରାଇରଙ୍ଗପୁର,୧୫ା୫(ମାନସ ମହାନ୍ତି)**

ଜମ୍ମୁ କଶ୍ମୀରର ପହଲଗାମ୍ ଅଞ୍ଚଳରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ପରିବାର ଏବଂ ଅପରେଶନ ସିନ୍ଦୁରରେ ସାମିଲ ହୋଇ ଶହୀଦ ହୋଇଥିବା ଯବାନଙ୍କ ଆତ୍ମାର ସଦଗତି ନିମନ୍ତେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୁରୁବାର ସନ୍ଧ୍ୟା ୭ଟା୩୦ ସମୟରେ ରାଇରଙ୍ଗପୁର ସହରାଞ୍ଚଳ ଗାନ୍ଧୀ ପାର୍କ ପରିସରସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ମହମବତୀ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ ଏବଂ ଶ୍ୟାମ ଚରଣ ହାଁସଦାଙ୍କ ସମେତ ବସନ୍ତ ପଟ୍ଟନାୟକ, ଭାଗୀରଥି ପାତ୍ର, ରୂପକ କୁମାର ମହାନ୍ତି, ଅଶୋକ ଅଗ୍ରୱାଲ, ରଜତ ମହାନ୍ତି,ଏମ.ଡି. ଅଲିଖାଁ, ଦୁର୍ଲ୍ଲଭ ମୁର୍ମୁ, ଅନୁପ ସୋରେନ, କୀରଣ ବାଲ୍ମୀକି, ରାନି ସୋରେନ ପ୍ରମୁଖ ସାମିଲ ହୋଇଥିଲେ।

# ସରିଲା ଚିତ୍ରଡ଼ା ଛଉ ଉତ୍ସବ



ଅତିଥିଙ୍କ ସହ ସମ୍ବର୍ଦ୍ଧିତ କଳାକାରମାନେ।

## କଳାକାରଙ୍କୁ ସମ୍ବର୍ଦ୍ଧନା

**ମୋରଡ଼ା,୧୫ା୫(ସ୍ମାରକ ମାଜୀ)**

ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାଠାରେ ଚାଲିଥିବା ଛଉ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଣାମ ଚିତ୍ରଡ଼ା ସଂଗଠନ ପକ୍ଷରୁ ଅଞ୍ଚଳର ଦିବଂଗତ ବ୍ୟକ୍ତିତ୍ୱଙ୍କ ସ୍ମୃତିରେ ଉତ୍ତର ସାହି ଏବଂ ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନର କଳାକାର ଏବଂ କୁନି କଳାକାରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଦୀପ ମହାନ୍ତଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଏଡିଏମ୍‌ଓ ବିଶ୍ୱନାଥ ପ୍ରଧାନ, ମୁଖ୍ୟ ବକ୍ତା ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ଛଉ ପ୍ରୋଜେକ୍ଟ ଛାଉଣୀର ପାଗୁଲୁ ଜେନା,ହରିଶ୍ଚନ୍ଦ୍ର ରାୟବାବୁ, ଆଦିତ୍ୟ ପ୍ରସାଦ ଦାସ,ତୁଳସୀ ମହାନ୍ତ, ହରିହର ଜେନା, ନିତ୍ୟାନନ୍ଦ ମହାନ୍ତ, ଅମ୍ବୁଜ ମହାନ୍ତ, ଜୟନ୍ତ ବେହେରା, କୈଳାସ ଖଣ୍ଡେଲୱାଲ ଏବଂ ଉତ୍ତର, ଦକ୍ଷିଣ ସାହିର କର୍ମକର୍ତ୍ତା ମଞ୍ଚରେ ଉପସ୍ଥିତ ଥିଲେ। କୃପାସିନ୍ଧୁ ମହାନ୍ତଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାରଙ୍କ ଦ୍ୱାରା ରାତି ତମାମ ଛଉ ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ତରସାହି ତରଫରୁ ବଗ ପଞ୍ଚମୀ, ରାହାସ, ବସ୍ତ୍ର ହରଣ, କରମ ରାଜା, ରାଇରାଜା ନୃତ୍ୟ ପରିବେଷଣ ହୋଇଥିବା ବେଳେ ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନ ତରଫରୁ ମଲ୍ଲୀକା ଅର୍ଜ୍ଜୁନ, କେଉଟ କେଉଟୁଣୀ, ବନବାସୀ, ତାମୁଡିଆ କୃଷ୍ଣ, ମେଘ ମୟୂରୀ, ଦେବଯାନୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ଭକ୍ତାଙ୍କ ଦ୍ୱାରା ନିଆଁପାଟ ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ଉଡ଼ା ପର୍ବ ଅନୁଷ୍ଠିତ ହୋଇଯାଇଛି।

# 'ନୂତନ' ନାଟ୍ୟସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧନା ସଭା

**ବାରିପଦା,୧୫ା୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ତକତପୁରସ୍ଥିତ 'ନୂତନ' ନାଟ୍ୟସଂସ୍ଥା ପକ୍ଷରୁ ସଭାପତି ଗୋକୁଳ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବ୍ରଜଗୋପାଳ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଖବରଦାତା ସଞ୍ଜୟ କୁମାର ଚୌଧୁରୀ ଯୋଗଦେଇ ମଣିଷ ଜୀବନକୁ ନାଟକ ବେଶ ପ୍ରଭାବିତ କରିଥାଏ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଶହୀଦ ଭବନରେ ଅନୁଷ୍ଠିତ ୬ ଦିନିଆ ନାଟକ ମହୋତ୍ସବର ଶେଷ ସନ୍ଧ୍ୟାରେ ନୂତନ ନାଟ୍ୟସଂସ୍ଥା ଦ୍ୱାରା ମଞ୍ଚସ୍ଥ ନାଟକ 'ସାର୍ ଭୁଲ ହେଇଗଲା'ର ସମସ୍ତ ସଦସ୍ୟଙ୍କୁ ସଂସ୍ଥା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିନେତା ଧୀରାଜ ଦାସ, ପ୍ରଦୀପ କୁମାର ସରଘରିଆ, ଗୁହିରାମ ଜେନା, ଅଶୋକ ପଟ୍ଟନାୟକ, କୁନ୍ଦନ ଭଞ୍ଜ, ରଣଜିତ ସାହୁ, ସତ୍ୟନାରାୟଣ ପରିଡ଼ା, ସୋମନାଥ ସିଂହ, ଜ୍ୟୋସ୍ନାରାଣୀ ଗନ୍ତାୟତ, ରୁପାଲୀ କରିନା ପାତ୍ର, ମଞ୍ଚ ପରିଚାଳକ ସୁବ୍ରତ ବସା ଓ ସତ୍ୟାନନ୍ଦ ଶେଜପଡା, କଣ୍ଠଦାନ ପାଇଁ ପଲ୍ଲିନା ସରଘରିଆ, ପୋଷାକ ସହାୟତା ପାଇଁ ପଶୁପତି ମହାନ୍ତ ଏବଂ ନାଟ୍ୟକାର/ ନିର୍ଦ୍ଦେଶକ ଗୋକୁଳ ଚନ୍ଦ୍ର ଦାସଙ୍କୁ ସଂସ୍ଥା ତରଫରୁ ଉପଢୌକନ ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେଭ୍ ଆର୍ଥ ମିଶନର ସଭାପତି ତାପସ କୁମାର ବେହେରା ଉପସ୍ଥିତ ସମସ୍ତଙ୍କୁ ବିଭିନ୍ନ ପ୍ରକାର ଚାରାଗଛ ପ୍ରଦାନ କରିଥିଲେ।



ଅତିଥିଙ୍କ ସହ ନାଟ୍ୟସଂସ୍ଥାର କାର୍ଯ୍ୟକର୍ତ୍ତାମାନେ।

# ଗଛରେ ପିଟିହେଲା କାର୍, ଚାଳକ ଗୁରୁତର

**ଠାକୁରମୁଣ୍ଡା,୧୫ା୫(ତାରାକାନ୍ତ ପଟ୍ଟନାୟକ):** ଠାକୁରମୁଣ୍ଡା–ଆନନ୍ଦପୁର ୫୩ନଂ. ରାଜ୍ୟ ରାଜପଥର ପତ୍ରତୋଳା ଛକ ନିକଟରେ ଗୁରୁବାର ଏକ କାର ରାସ୍ତା କଡ଼ ଗଛରେ ଧକ୍କା ହେବାରୁ ଏହାର ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ଯାଜପୁର ଜିଲା ସୁଜନପୁର ଅଞ୍ଚଳର ତନ୍ମୟ ବିଶ୍ୱାଳ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ତନ୍ମୟ କରଞ୍ଜିଆ ଦେଓ ଜଳସେଚନ ପ୍ରକଳ୍ପରେ ଠିକାଦାର କାମ କରନ୍ତି। କାମ ତଦାରଖ କରିବାକୁ ସେ କରଞ୍ଜିଆକୁ ନିଜ କାର୍ ଚଳାଇ ଆସୁଥିବା ବେଳେ ଅପରାହ୍ନ ୨ ଟା ସମୟରେ ଭାରସାମ୍ୟ ହରାଇ କାର୍ ରାସ୍ତା କଡ଼ ଗଛରେ ପିଟି ହୋଇଯାଇଥିଲା। ଠାକୁରମୁଣ୍ଡା ପୋଲିସ ତଦନ୍ତ ଜାରି ରଖିଛି।

# କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି

**ବାରିପଦା,୧୫ା୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

- କାଉନସିଲର ଓ ସହଯୋଗୀଙ୍କୁ ଆକ୍ରମଣ
- ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ ଚେତାବନୀ

ମୟୂରଭଞ୍ଜ ଜିଲା ବାରିପଦା ସହରରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଜଣେ କାଉନସିଲରଙ୍କୁ ସଂଘବଦ୍ଧ ଆକ୍ରମଣ ପରେ ପୋଲିସର ନିରବତାକୁ ନେଇ ବିଜେଡି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଏକ ପ୍ରତିନିଧି ଦଳ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ବାରିପଦା ସହରରେ ଲୁଟ ଛିନତାଇର ମାତ୍ରା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବୁଧବାର ସନ୍ଧ୍ୟାରେ ବାରିପଦା ପୌରପାଳିକାର ୱାର୍ଡନଂ.୨୨ କାଉନସିଲର ସୁଧୀର ବାରିକଙ୍କ ସମେତ ତାଙ୍କ କିଛି ସହଯୋଗୀଙ୍କୁ ୨୦ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। କାଉନସିଲରଙ୍କ ସମେତ ୪ଜଣ ଆକ୍ରମଣର ଶିକାର ହୋଇଥିବା ବେଳେ ୨ଜଣ ଗୁରୁତର ଅବସ୍ଥାରେ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ବାବଦରେ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। କିନ୍ତୁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଦୁର୍ବୃତ୍ତମାନେ ଅପରାଧ ଘଟାଇ ଖୁଲମଖୁଲା ଭାବେ ବୁଲୁଛନ୍ତି। ମାତ୍ର ପୋଲିସ କାର୍ଯ୍ୟାନଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛି। ଯାହା ଦୁର୍ଭାଗ୍ୟଜନକ ବୋଲି ବିଜେଡି ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି। ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତ ମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ତେବେ ପୋଲିସ ପ୍ରଶାସନ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବିଜେଡି ପକ୍ଷରୁ ଆଇନଗତ ଭାବେ ପ୍ରତିବାଦ କରାଯିବ ବୋଲି କହିଛନ୍ତି। ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ବାରିପଦା ପୌରପାଳିକାର ସମସ୍ତ କାଉନସିଲର ଓ ବିଜେଡି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ବିଜେଡି ନେତାମାନେ।

बैंक ऑफ़ बड़ौदा
Bank of Baroda

**ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, **ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ର,** ଇସି ନଂ.: ୧୭୦୨୧୦, ପ୍ରବନ୍ଧକଙ୍କ, ବିରୁଦ୍ଧରେ ଶେଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପରେ ଏକ ଆଦେଶ ନଂ.: ବିସିସି: ଓଏ: ଏଚ୍‌ଆର୍‌ଏମ୍: ୧୧୬/୩୯୬୬, ତା୦୪.୧୧.୨୦୨୪ରିଖ ଆର/ଡବ୍ଲୁ ସଂଶୋଧନ ପତ୍ର ନଂ.: ବିସିସି/ଓଏ/ଏଚ୍‌ଆର୍‌ଏମ୍/୧୧୬/୪୧୭୮, ତା୨୧.୧୧.୨୦୨୪ରିଖ ଆର ପି ଏଡି ମାଧ୍ୟମରେ ଶେଷ ଜ୍ଞାତ ଠିକଣାରେ ଏବଂ ବ୍ୟାଙ୍କରେ ଉପଲବ୍ଧ ଇ-ମେଲ ଠିକଣାରେ ସଠିକ୍ ଭାବେ ପ୍ରଦାନ କରାଯାଇ ଥିଲା ଯଦିଓ ଉକ୍ତ ଆଦେଶଗୁଡ଼ିକ RPAD ଏବଂ ଇ-ମେଲ ମାଧ୍ୟମରେ ପ୍ରଦାନ କରାଯାଇଥିଲା କିନ୍ତୁ ତାଙ୍କର ଗୃହ ତାଲାବନ୍ଦ ହେତୁ ବ୍ୟକ୍ତିଗତ ଭାବେ ତାହାକୁ ପ୍ରଦାନ କରାଯାଇ ପାରିନଥିଲା। ଏଣୁ ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ରଙ୍କୁ ପରାମର୍ଶ ଦିଆଯାଉଅଛି କି, ସେ ତା୦୪.୧୧.୨୦୨୪ରିଖ ଉପରୋକ୍ତ ଆଦେଶ ଗୁଡିକ ଏବଂ ତା୨୧.୧୧.୨୦୨୪ରିଖ ସଂଶୋଧନ ପତ୍ରକୁ ନ୍ୟାସନାଲ ସେୟାର୍ଡ ସର୍ଭିସ ସେଣ୍ଟର, ୫ମ ମହଲା, ଗିଫ୍ଟ ଟାୱାର-୧, ରୋଡ-୫, ଜୋନ-୫ସି, ଗିଫ୍ଟ ସିଟି, ଗାନ୍ଧୀ ନଗର-୩୮୨୩୫୫, ଗୁଜୁରାଟ ରୁ ସଂଗ୍ରହ କରିନିଅନ୍ତୁ ଏବଂ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ **୭ ଦିନ** ମଧ୍ୟରେ ଟର୍ମିନାଲ ବେନିଫିଟ କ୍ଲେମ (ବହିଷ୍କାର ଲାଭ ଦାବୀ) ଦାଖଲ କରନ୍ତୁ।

ସ୍ଥାନ: ମୁମ୍ବାଇ
ତାରିଖ: ୧୬.୦୫.୨୦୨୫

ଦିନେଶ କୁମାର ନାମଦେଓ
ମହାପ୍ରବନ୍ଧକ ଏବଂ ମୁଖ୍ୟ
(ଏଫ ଏମ, ସିଓଏ, ପିଡି, ଆରଡିପି ଏବଂ ସିକ୍ୟୁରିଟି)

**ପୂର୍ବ ତଟ ରେଳପଥ**

01 - ଟେଣ୍ଡର ବିଜ୍ଞପ୍ତି ସଂ. 05-SBP-TRD-OT-2025-26, ତା.07.05.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବଡ଼ମାଲରେ ଅର୍ଡିନାନସ ଫ୍ୟାକ୍ଟ୍ରିର ସାଇଡିଂ ଲାଇନ ପାଇଁ ଟ୍ରାକ୍ସନ ଯୋଗାଣ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧି ପାଇଁ ପୃଥକ ଫିଡର ଲାଇନର ବ୍ୟବସ୍ଥା।

**ଆନୁମାନିକ ମୂଲ୍ୟ (₹):** 86,54,092.60,
EMD (₹) : 1,73,100.00

02 - ଟେଣ୍ଡର ବିଜ୍ଞପ୍ତି ସଂ. 06-SBP-TRD-OT-2025-26, ତା.08.05.2025ରିଖ

**କାର୍ଯ୍ୟର ନାମ :** TRD ସମ୍ବନ୍ଧୀୟ କାର୍ଯ୍ୟ "ସମ୍ବଲପୁର ପାର୍ଶ୍ୱରେ R/4 ରେ 80 ମିଟର S/ନେକ୍ ବ୍ୟବସ୍ଥା ଏବଂ ରେଙ୍ଗାଲି ଷ୍ଟେସନର R/5 ର ବୁଥ ପାର୍ଶ୍ୱରେ 120 ମିଟର ORLବ୍ୟବସ୍ଥା।

**ଆନୁମାନିକ ମୂଲ୍ୟ (₹):** 69,52,589.22,
EMD (₹) : 1,39,100.00

ଶେଷ ହେବା ଅବଧି : 12 ମାସ (ଉଭୟ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.05.2025ରିଖ 1530 ଘଟିକା (କ୍ର. ସଂ. 01 ପାଇଁ) ଏବଂ ତା.30.05.2025ରିଖ 1530 ଘଟିକା (କ୍ର. ସଂ. 02 ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-130/Q/25-26

**HIRING OF BUILDING AT BHUBANESWAR FOR MARRIED ACCOMMODATION OF DEFENCE ESTATES OFFICER, ODISHA CIRCLE**

| Sl. No. | Purpose | Period | Approx. area of Main accommodation (in Sq. Mt) | Approx. area of garages (in Sq. Mt) | Total Plinth area including garages |
|---|---|---|---|---|---|
| 1. | Married Accommodation of DEO, BBSR | 03 years w.e.f taking over the building | 139.35 | 18 | 157.35 Sq. Mt or 1693.7 Sq. ft (approx.) |
| | | | | Total | 1693.7 Sq. ft |

The building preferably be surrounded by boundary wall. The same should be in well condition, maintained properly and also hygienic from sanitation point of view. The building should be connected by road and in suitable location at Bhubaneswar. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute. The interested property owners will submit their property details with valid ownership documents in the following address within 10 days from the date of publication of the advertisement.

The Defence Estates Officer
Govt. of India, Ministry of Defence
163, Prachi Enclave, Chandrasekharpur, Bhubaneswar, Odisha - 751016
Tele : 0674-2747631, 345, E-mail : deobhub-stats@nic.in

सेंट्रल माइन प्लानिंग एण्ड डिजाइन इन्स्टीट्यूट लिमिटेड
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi - 834008, Jharkhand, India

**NOTICE INVITING EXPRESSION OF INTEREST FOR SELECTION/APPOINTMENT OF COST AUDIT FIRM (INCLUDING LLP) OF CENTRAL MINE PLANNING & DESIGN INSTITUTE LIMITED FOR COST AUDIT**

**M/s Central Mine Planning & Design Institute Limited** invites Expression of Interest for selection/appointment of Cost Audit Firm (including LLP) for three years starting from Financial Year 2025-26.
Please visit the website of M/s Central Mine Planning & Design Institute Limited – **www.cmpdi.co.in/www.eprocure.gov.in** - for details **from 16/05/2025.**

**OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
NirupanBhawan,3rd Floor,Room No. 401,56-Set, Doranda, Ranchi-834002

**e-Procurement (Very Short Tender Notice)**
Letter of Invitation (LOI) No.-01/2025-26, 1st Call
e-Tender Ref No:–RCD/SID/AP/RAN/01/2025-26 Date:- 08.05.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Kujju Naya More to Giddi Sayal Main Road via Giddi Damodar Bridge including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Ramgarh District. *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 24 Km |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 60,000 as Earnest Money. As per the Departmental Letter no-4652(S) dated 06.10.2023, cost of tender document and Earnest Money Deposit be received in online mode only through eprocurement (http://jharkhandtenders.gov.in) by internet banking/NEFT/RTGS facilityas per Standard Operating sistim Procedure (SOP) issued by Information Technology & eGovernance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 16.05.2025,10:30 AM |
| 7 | Last Date/Time of Bid Submission | 24.05.2025 12:00PM |
| 8 | Last Date/Time of Submission of Tender Fee & EMD | 24.05.2025 12:00PM |
| 9 | Date and Time of Bid opening | 26.05.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |

Note:-Only e-Tender shall be accepted.

Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi.

PR 352465 Road(25-26)#D

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ଯୋଡ଼ିଲେ ୫ ଲକ୍ଷ କୋଟି

**ମୁମ୍ବାଇ,୧୫।୫ (ଅଭୟ ଦାଶ)**

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂରାଜନୈତିକ ଘଟଣାବଳୀ ମଧ୍ୟରେ ଭାରତୀୟ ଷ୍ଟକ୍ ମାର୍କେଟ୍‌ରେ କାରବାର ଉତ୍ସାହଜନକ ରହିଛି। ଗୋଟିଏ ପଟରେ ଭାରତ-ପାକିସ୍ତାନ ଯୁଦ୍ଧର ବିରତି ଏବଂ ଅନ୍ୟପଟରେ ଶେୟାର ବଜାରର ନିବେଶକମାନେ ଆଶା ଆଶଙ୍କା ମଧ୍ୟରେ ନିବେଶ କରୁଥିବାବେଳେ ଗୁରୁବାର ପୁଞ୍ଜିବଜାରର ଫଳାଫଳ ଉଭୟ ଷ୍ଟକ୍‌ବଜାର ଓ ନିବେଶକମାନଙ୍କୁ ଖୁସି କରିଦେଇଛି। ଏପରିକି ଦିନକ ମଧ୍ୟରେ ଶେୟାର ବଜାରର ନିବେଶକମାନେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ନିବେଶ ପୁଞ୍ଜିବଜାରରେ ଯୋଗକରିଛନ୍ତି। ପୂର୍ବ ଦିବସର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪୩୫ ଲକ୍ଷ କୋଟି ଥିଲାବେଳେ ଗୁରୁବାରର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରରେ ନିବେଶକ ପ୍ରାୟ ୫ ଲକ୍ଷ କୋଟି ଯୋଡିବାରୁ ବଜାର ପୁଞ୍ଜି ୪୪୦ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ପୁଞ୍ଜି



ବଜାରରେ ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାର ବେଶ୍ ଉତ୍ସାହଜନକ ରହିଥିଲାବେଳେ ସେନ୍‌ସେକ୍ସର କାରବାର ୧୨୦୦ ପଏଣ୍ଟ ବଢ଼ିଥିଲାବେଳେ ୨୫୦୦୦ ଅଙ୍କ ଉପରେ ନିଫ୍ଟିର କାରବାର ଶେଷ ହୋଇଛି। ସେହିପରି ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ ୦.୬୭% ଏବଂ ସ୍ମଲକ୍ୟାପର କାରବାରରେ ୦.୯୪% ବୃଦ୍ଧି ଘଟିଥିଲା। ଏପରିକି ନିଫ୍ଟି ମିଡକ୍ୟାପରେ ୩୯୪.୪୫ ପଏଣ୍ଟ ବୃଦ୍ଧି ଘଟି ୫୬,୫୩୦.୮୫ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ସ୍ମଲକ୍ୟାପର କାରବାର ୦.୨୨% ବୃଦ୍ଧି ଘଟି ୮୨୫୬.୦୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୫୫୪.୩୦ ପଏଣ୍ଟ ବଢ଼ି ୫୫,୩୫୫.୬୦ ଅଙ୍କ ଏବଂ ନିଫ୍ଟି ଆଇଟି ୧.୧୬% ବୃଦ୍ଧି ଘଟି ୩୮,୨୯୩.୮୦ଅଙ୍କରେ କାରବାର ବନ୍ଦ କରିଥିଲା। ଏପରିକି ସେକ୍ଟରାଲ କ୍ଷେତ୍ରରେ ମଧ୍ୟ ମେଟାଲ, ଅଟୋ, ଆଇଟି, ପାୱାର, ଏଫ୍‌ଏମ୍‌ସିଜି ଭଳି ପ୍ରମୁଖ ନିବେଶକମାନେ ପ୍ରାୟ ୧%ର ନିବେଶ ବୃଦ୍ଧି କରିଛନ୍ତି।

## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୦୦ (୧୨୦୦.୧୮) ପଏଣ୍ଟ ବୃଦ୍ଧି ଘଟି ୮୨,୫୩୧ (୮୨,୫୩୦.୭୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୯୫ (୩୯୫.୨୦) ପଏଣ୍ଟ ବଢ଼ି ୨୫,୦୬୨ (୨୫,୦୬୨.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଫର୍ଡ ଡିଟେକ୍ସନ ସଲ୍ୟୁଶନର ଶୁଭାରମ୍ଭ

**ଭୁବନେଶ୍ୱର,୧୫।୫**

ଏୟାରଟେଲର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧନିକ ଜ୍ଞାନକୌଶଳରେ ନିର୍ମିତ ଏକ ଭିନ୍ନ ଧରଣର ସମାଧାନ 'ଫର୍ଡ ଡିଟେକ୍ସନ ସଲ୍ୟୁଶନ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ଇମେଲ୍, ବ୍ରାଉଜର, ହ୍ୱାଟ୍ସଆପ୍, ଟେଲିଗ୍ରାମ, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ଏସ୍‌ଏମ୍‌ଏସ୍ ଭଳି ସମସ୍ତ ପ୍ରକାର ଓଭର ଦି ଟପ (ଓଟିଟି) ଆପ୍ ଓ ପ୍ଲାଟ୍‌ଫର୍ମରେ ବାସ୍ତବ ସମୟର ଜାଲ୍ ୱେବ୍‌ସାଇଟଗୁଡ଼ିକୁ ଚିହ୍ନଟ ଓ ବ୍ଲକ୍ କରିବ। ସେହିଭଳି ଏହି ସୁରକ୍ଷିତ ସେବା ବିନା କୌଣସି ଅତିରିକ୍ତ ଦେୟରେ ସମସ୍ତ ଏୟାରଟେଲ ମୋବାଇଲ ଓ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ପାଇଁ ନିରବଚ୍ଛିନ୍ନ ଭାବେ ସମନ୍ୱିତ ଓ ସ୍ୱୟଂକ୍ରିୟ ଭାବେ ସକ୍ଷମ ହେବ। ଯେତେବେଳେ ଜଣେ ଗ୍ରାହକ କୌଣସି ଜାଲ୍ ଚିହ୍ନଟ ହୋଇଥିବା ୱେବ୍‌ସାଇଟ ଖୋଲିବାକୁ ଉଦ୍ୟମ କରନ୍ତି, ଏୟାରଟେଲର ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ସେହି ପେଜ ଲୋଡ କରିବାକୁ ବ୍ଲକ ଓ ପେଜ୍ ବ୍ଲକ୍ କାରଣ ବିଷୟରେ ଜଣାଇବା ପାଇଁ ଗ୍ରାହକଙ୍କୁ ଅନ୍ୟ ଏକ ପେଜ୍‌କୁ ନେଇଯାଏ।

ଏ ସମ୍ପର୍କରେ ଭାରତୀ ଏୟାରଟେଲର ଉପାଧ୍ୟକ୍ଷ ତଥା ଏମ୍‌ଡି ଗୋପାଳ ଭିଟ୍ଟଲ୍ କହିଛନ୍ତି, ଗତ କିଛି ବର୍ଷ ଧରି ଆମେ ଅନେକ ଘଟଣା ଦେଖିଛୁ, ଯେଉଁଥିରେ ଅଣ ସନ୍ଦିଗ୍ଧ ଗ୍ରାହକମାନେ ଚତୁର ଅପରାଧୀଙ୍କ ହାତରେ ନିଜର କଷ୍ଟୋପାର୍ଜିତ ଟଙ୍କା ହରାଇଛନ୍ତି। ଆମର ଇଞ୍ଜିନିୟରମାନେ ପ୍ଲାଟ୍‌ଫର୍ମର ଠକେଇ ଚିହ୍ନଟ ସମାଧାନ ସକ୍ରିୟ କରି ଏହି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଛନ୍ତି।


## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉତ୍ସବ**



**ସ୍ୱ.କବି ସଦାନନ୍ଦ ସାହୁ**

ସ୍ଥାନ: ବିଶାଣିଖରିଦା, ଏରେଇଁ ଚରମ୍ପା, ଭଦ୍ରକ

ଆବିର୍ଭାବ: ୧୦।୦୬।୧୯୩୮

ତିରୋଧାନ: ୩୦।୦୫।୨୦୨୧

ଚାହୁଁ ଚାହୁଁ ଚାରି ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ ପାଇଁ ଅବିସ୍ମରଣୀୟ। ଆମେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ଏବଂ କରୁଥିବୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ: ସ୍ତ୍ରୀ- ଗଙ୍ଗାରାଣୀ, ଝିଅ- ଚଗଲି, ଟିକନ, ଜ୍ୱାଇଁ-ବିଜୟ, ଦେବ, ନାତି- ତପା, ବାପୁନା, ନାତୁଣୀ- ମାମୁନି, କୁନୁ, ପୁଅ, ବୋହୂ, ବନ୍ଧୁବାନ୍ଧବ ଓ ପରିବାରବର୍ଗ

ଧ-୫୬୨


## ବଜାରରେ ଏସ୍‌ବିଆଇ ଲାଇଫ୍‌ର ନୂତନ ଉତ୍ପାଦ

**ଭୁବନେଶ୍ୱର,୧୫।୫**

ଏସ୍‌ବିଆଇ ଲାଇଫ୍‌ର ନୂତନ ଉତ୍ପାଦ 'ଏସ୍‌ବିଆଇ ଲାଇଫସ୍ମାର୍ଟ ସିଲ୍ଭ ପ୍ରିମିୟର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ସିଲ୍ଭ ପ୍ରିମିୟର ହେଉଛି ଏକ ସ୍ୱତନ୍ତ୍ର ଟର୍ମ ଇନ୍‌ସ୍ୟୁରାନ୍ସ ସଲ୍ୟୁଶନ ଯାହାକୁ ଅଲ୍‌ଟ୍ରା-ହାଇ-ନେଟ୍-ୱର୍ଥ ଇଣ୍ଡିଭିଜୁଆଲ (ଅଲ୍‌ଟ୍ରା ଏଚ୍‌ଏନ୍‌ଆଇ) ବା ଅଧିକ ଧନୀ ଶ୍ରେଣୀର ବ୍ୟକ୍ତିଙ୍କ ପାଇଁ ଡିଜାଇନ କରାଯାଇଛି। ସେହିଭଳି ଏହି ନୂତନ ଉତ୍ପାଦର ପ୍ରମୁଖ ଲାଭଗୁଡ଼ିକ ହେଉଛି, ଏହି ପ୍ରିମିୟମ ଉତ୍ପାଦ ଦୃଢ ନିର୍ଭରଯୋଗ୍ୟତା ସହ ଆପଣଙ୍କର ଲକ୍ଷ୍ୟକୁ ସମର୍ଥନ କରିବା ପାଇଁ ହାଇ ଭାଲ୍ୟୁ କଭରେଜ ପ୍ରଦାନ ସହ ଆପଣଙ୍କୁ ବାଧାମୁକ୍ତ ଭାବେ ଲକ୍ଷ୍ୟ ବଜାୟ ରଖିବା ସୁନିଶ୍ଚିତ କରିଥାଏ। ଏହି ପ୍ଲାନ୍ ଆପଣଙ୍କ ବୀମା ଅବଧି (ନିୟମିତ ଦେୟ) କିମ୍ବା ଏକ ସୀମିତ ଅବଧି ପାଇଁ (ସୀମିତ ଦେୟ) ପ୍ରିମିୟମ ପଇଠ କରିବାର ସୁବିଧା ପ୍ରଦାନ କରିଥାଏ। ଏହାର କଭରେଜ ୮୫ ବର୍ଷ ବୟସ ପର୍ଯ୍ୟନ୍ତ ଉପଲବ୍ଧ ହେଉଥିବାବେଳେ ଆପଣ ନିଜର ଆବଶ୍ୟକତା ଅନୁଯାୟୀ ନିଜର ବୀମା ଅବଧି ଚୟନ କରିପାରିବେ।

# ଏନ୍‌ଏସ୍‌ଇ ସହ ଉଚ୍ଚ ଶିକ୍ଷା ବିଭାଗର ବୁଝାମଣା





ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୫।୫**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ଏବଂ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ଗୁରୁବାର ଭୁବନେଶ୍ୱରରେ ହୋଇଯାଇଛି। ଏପରିକି ନିବେଶକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆର୍ଥିକ ସାକ୍ଷରତା ବୃଦ୍ଧି କରିବା ଏବଂ ଭାରତର ଯୁବପିଢ଼ିଙ୍କ ପାଇଁ ଷ୍ଟୁଡେଣ୍ଟ ସ୍କିଲିଂ ପ୍ରୋଗ୍ରାମଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ଏନ୍‌ଏସ୍‌ଇ ଓ ଉଚ୍ଚ ଶିକ୍ଷା ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ସେହିଭଳି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ଏନ୍‌ଏସ୍‌ଇର ସିବିଡିଓ/ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ ଏବଂ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ ପ୍ରଶାନ୍ତ କିଶୋର ମହାପାତ୍ରଙ୍କ ମଧ୍ୟରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।

ଏ ନେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି, ଓଡ଼ିଶା ସରକାର ଆମ ଅଞ୍ଚଳରେ ଆର୍ଥିକ ସାକ୍ଷରତା, ନିବେଶକ ସଚେତନତା ଓ ଛାତ୍ରୀଛାତ୍ରଙ୍କ ଦକ୍ଷତାକୁ ଆଗକୁ ପରିଚାଳନା କରିବା ପାଇଁ ଏନ୍‌ଏସ୍‌ଇ ସହ ସହଭାଗିତାକରି ଗର୍ବିତ। ଏହା କେବଳ ଆର୍ଥିକ ସୂଚନା ବିସ୍ତାର କରିବା ସମ୍ପର୍କିତ ନୁହେଁ ବରଂ ଏହା ଆର୍ଥିକ କ୍ଷେତ୍ରରେ ଆବଶ୍ୟକତା ସୂଚନା ଓ ଦକ୍ଷତା ସହ ଆମର ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବା ସହ ଜଡିତ ରହିଛି। ମିଳିତ ଭାବେ ଆମେ ଏକ ମଜଭୁତ ଆର୍ଥିକ ଇକୋସିଷ୍ଟମ ସୃଷ୍ଟି କରୁଛୁ, ଯାହା ଓଡ଼ିଶାରେ ସ୍ଥାୟୀ ବିକାଶ ପାଇଁ ବାଟ ଫିଟାଇବ।

ସେହିପରି ଏନ୍‌ଏସ୍‌ଇର ସିବିଡିଓ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, ଓଡ଼ିଶା ସରକାରଙ୍କ ସହ ଆମର ସହଭାଗିତା ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଓ ନିବେଶକଙ୍କୁ ସଶକ୍ତ କରିବା ପ୍ରତି ଆମର ମିଳିତ ଉଦ୍ଦେଶ୍ୟକୁ ହାଇଲାଇଟ କରୁଛି।

## ଭିତ୍ତିଭୂମିର ପୁନରୁଦ୍ଧାରକୁ ଗୁରୁତ୍ୱ

**ଭୁବନେଶ୍ୱର,୧୫।୫**

ରୁନ୍‌ୟାର ବହୁ ପ୍ରତୀକ୍ଷିତ ତଥା ପ୍ରକଳ୍ପ ଲାଡଲି ଜରିଆରେ ଝାରସୁଗୁଡ଼ା ଅଞ୍ଚଳର ଶିକ୍ଷା ଭିତ୍ତିଭୂମି ପ୍ରକଳ୍ପକୁ ନିକଟରେ ସଫଳତାର ସହ ସମାପ୍ତ କରିଛି। ଏପରିକି ଗ୍ରାମୀଣ ଶିକ୍ଷାକୁ ପରିବର୍ତ୍ତନ କରିବା ଏବଂ ସମ୍ପ୍ରଦାୟ ବିକାଶକୁ ସୁଦୃଢ଼ କରିବା ଉପରେ କମ୍ପାନୀ ବିଶେଷ ଧ୍ୟାନ ଦେଇଛି। କମ୍ପାନୀର ଏହି ପଦକ୍ଷେପ ଭିତ୍ତିଭୂମିର ପୁନରୁଦ୍ଧାରକୁ ଗୁରୁତ୍ୱ ସହ ସ୍କୁଲଗୁଡିକୁ ପୁନର୍ଜୀବିତ ଭିତ୍ତିଭୂମି ପ୍ରଦାନ କରିଛି। ଯେଉଁଥିରେ ଉନ୍ନତ ଶିକ୍ଷା ସ୍ଥାନ, ଉନ୍ନତ ପରିମଳ ବ୍ୟବସ୍ଥା ଏବଂ ରୋଷେଇ ଘର ସୁବିଧା ସହ ଏକ ସମ୍ପୂର୍ଣ୍ଣ ସଜ୍ଜିତ ପାଠାଗାର ଅନ୍ତର୍ଭୁକ୍ତ ରହିଛି, ଯାହା ଛାତ୍ରୀଛାତ୍ରଙ୍କ ପାଇଁ ଏକ ସୁରକ୍ଷିତ, ପରିଚ୍ଛନ୍ନ, ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପରିବେଶକୁ ପ୍ରୋତ୍ସାହିତ କରିବ।

ସେହିଭଳି ଅନୁନ୍ନତ ସମ୍ପ୍ରଦାୟକୁ ସଶକ୍ତ କରିବା ପ୍ରତି କମ୍ପାନୀର ପ୍ରତିବଦ୍ଧତାର ଅଂଶ ଭାବେ ରୁନ୍‌ୟାର ପ୍ରମୁଖ ତୃଣମୂଳସ୍ତରୀୟ ପଦକ୍ଷେପ ପ୍ରୋଜେକ୍ଟ ଲାଡଲି ଝାରସୁଗୁଡାର ବିଭିନ୍ନ ସ୍କୁଲରେ ପ୍ରାଥମିକଠାରୁ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ଭିତ୍ତିଭୂମି ପରିବର୍ତ୍ତନ କାର୍ଯ୍ୟକ୍ରମ ସମାପ୍ତ ହେବା ସହିତ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବେ ଚିହ୍ନିତ ହୋଇଛି। ପ୍ରବେଶ, ସମାନତା ଏବଂ ସଶକ୍ତୀକରଣକୁ ପ୍ରୋତ୍ସାହିତକରି ଏହି ପଦକ୍ଷେପ ୩୫୧ ରୁ ଅଧିକ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ସିଧାସଳଖ ଲାଭ ଦେଇଛି, ଯାହାକି ପଶ୍ଚିମ ଓଡ଼ିଶାରେ ୩,୫୬୦ ରୁ ଅଧିକ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିଛି। ନୂତନ ଭାବେ ନବୀକରଣ କରାଯାଇଥିବା ସ୍କୁଲର ସୁବିଧାଗୁଡ଼ିକୁ ବରିଷ୍ଠ ଜିଲା ଅଧିକାରୀ, ସମ୍ପ୍ରଦାୟ ନେତା, ସ୍କୁଲ ଅଧ୍ୟାପକ ଏବଂ ରୁନ୍‌ୟା ନେତୃତ୍ୱ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏହି ଉନ୍ନୟନଗୁଡ଼ିକର ସ୍ଥାୟିତ୍ୱ ଏବଂ ସ୍ଥାୟିତ୍ୱ ସୁନିଶ୍ଚିତ କରିବା ପାଇଁ ପ୍ରଧାନ ଶିକ୍ଷକ ଏବଂ ସରପଞ୍ଚଙ୍କ ମାର୍ଗଦର୍ଶନରେ ଏକ ସ୍କୁଲ ଛାତ୍ର କମିଟି ପ୍ରତିଷ୍ଠା କରାଯାଇଛି। ରୁନ୍‌ୟାର ସିଇଓ (ରିସାଇକ୍ଲିଂ ବ୍ୟବସାୟ) ଜଗନ୍ନାଥ ପ୍ରସାଦ ରାଉତରାୟ କହିଥିଲେ, ଏହି ପ୍ରକଳ୍ପ ସମାପ୍ତ ହେବା ସମ୍ପ୍ରଦାୟ-ମୁଖୀ ଶିକ୍ଷା ପ୍ରତି ଆମର ଉତ୍ସର୍ଗତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ପ୍ରୋଜେକ୍ଟ ଲାଡଲି ପୁନଃ ନିର୍ମାଣ ଅନ୍ତର୍ଭୁକ୍ତ ପରିବେଶ ନିର୍ମାଣ କରିବାକୁ ଚେଷ୍ଟା କରିଛି,ଯେଉଁଠାରେ ଝିଅମାନେ, ସୁରକ୍ଷିତ, ପ୍ରେରିତ ଏବଂ ପ୍ରାୟତଃ ସ୍କୁଲରେ ଯୋଗଦେବାକୁ ଉତ୍ସାହିତ ଅନୁଭବ କରନ୍ତି। ପ୍ରତ୍ୟେକ ପିଲା ଭଲ ଭିତ୍ତିଭୂମି ପାଇବାକୁ ଯୋଗ୍ୟ ; ଆମେ ଭାବୁ ନାହୁଁ ଯେ ଏଥିରେ ପ୍ରବେଶ ଏକ ସୌଭାଗ୍ୟ ନୁହେଁ ବରଂ ଏକ ଆବଶ୍ୟକତା। ଭବିଷ୍ୟତ ପାଇଁ ପ୍ରସ୍ତୁତ ପିଢ଼ି ଗଠନ କରିବା ଏପରି ଛୋଟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଦ୍ୱାରା ସହାୟତା ପାଇବ।


# Classified Everyday

**0674-2580101, 9692975378**





**REAL ESTATE**

**SALE**


ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

Resort/ Cottage/ Lodge at Puri @ 19Lakhs, Offer Price Now @ 15Lakhs Contact- 9827767837. D-561

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265





Ground Floor Single Room attached Toilet for office at VSS Nagar. 7873657633. D-520





**Relax, Refresh your body, mind at Saikrupa SPA with best therapies. 7848011468.** D-363

Newly open health benefits SPA by expert therapist. Contact- 8280961126. D-76913

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By affidavit in the Court of Executive Magistrate, Dasarathpur, Jajpur, affidavit No.- 4010, dtd- 27.12.2024, I have been recognized identified & known as GYANA RANJAN MALIK, S/o- AMULYA MALIK, At- Nimapur, P.O.- Sasan, P.S.- Pattamundai, Dist.- Kendrapara, instead of GYANARANJAN MALIK for all purposes. D-553

I, Aalyzean Nassar, S/o- Karim Kassamali Nassar, resident of at- Flat No.- A/7, Platinum Group Cooperative Housing Society, Beside Kitab Mahal, P.O.- College Square, P.S.- Malgodown, Dist.- Cuttack- 753003, Odisha declare by this affidavit No.- 70AA206924, dated- 15.05.2025. That now onwards I shall be known as Aalyzean Karim Nassar for all future purposes. D-555

By virtue of an affidavit sworn before the Executive Magistrate, Loisingha, dated 16.04.25, I, Manita Mugri, W/o- Bhagirathi Mugri, R/o- Village- Babja, P.O.- Sargad, Dist.- Balangir, Odisha declare that in the Aadhaar Card of my son Anil Mugri, in which my son's name is mentioned as Manita Mugri, S/o- Bhagarathi Mugri instead of Anil Mugri, S/o- Bhagirathi Mugri. Henceforth, he shall be known as Anil Mugri, S/o- Bhagirathi Mugri for all purposes. D-556

By virtue an affidavit sworn before Executive Magistrate, Mahanga dt- 3.5.25, I, Mirza Samim Baig, At- Akarpada, P.O.- Nalipur, P.S.- Mahanga, Dist.- Cuttack, Odisha, PIN- 754205, Declare that I have changed my son's name from Mirza Sahim Haider to Mirza Sahim Ahmad. Henceforth, he should be known as Mirza Sahim Ahmad for all propose. D-554

By virtue of this affidavit sworn before the Executive Magistrate, Balangir, dated- 14.05.2025. R/o- Mission Compound, P.O./P.S./ Dist.- Balangir (Odisha) declared that, I want the correction of my son's Aadhaar Card from BIMMANUEL JAMES and DOB 04.10.2017 to B IMMANUEL JAMES, DOB- 15.09.2017. Henceforth, he will be known as B IMMANUEL JAMES for all purposes and DOB should be 15.09.2017. D-558

By virtue of an affidavit sworn before Notary BBSR, dated 29.04.2025, I, Reetanjali Panigrahi, AT/P.O./P.S.- Balipatna, District- Khurda declare that I have changed my daughter's name from Akanksha Mishra to Akankshya Mishra. Henceforth, she shall be known as Akankshya Mishra for all purposes. D-557

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W)
ହେବା ଆବଶ୍ୟକ।

I, Birendra Thakur, R/o. Village- Kulimunda, P.O.- Birgarh, P.S./ Dist.- Boudh, PIN- 762026 declare by this affidavit No.- 39, dated 14.05.25 sworn before the Executive Magistrate, Boudh that I have changed my minor daughter's name from Ispita Thakur to Isipita Thakur. Henceforth, she shall be known as Isipita Thakur for all purposes. D-559

I, Murali Naik (New name) formerly called Champe Naik (Old name), R/o. Village- Tentulipali, P.O.- Bahira, P.S.- Baunsuni, Dist.- Boudh, PIN- 762015 declare by this affidavit No.- 816, dated 15.05.25 sworn before the Executive Magistrate, Boudh that I have changed my name from Champe Naik to Murali Naik. Henceforth, I shall be known as Murali Naik for all purposes. D-560

By virtue of an affidavit sworn before the Notary Public, Dharmasala, dated 13.05.2025, I, Kalia Sethy, Address: At- Madhupurgada, P.O.- Garhmadhupur, P.S.- Jenapur, Dist.-Jajpur, Odisha- 755023 declare that I have changed my daughter's name from Kabita Sethy to Barsha Sethy. Henceforth, she shall be known as Barsha Sethy for all purposes. D-533

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ

**classifieddharitri@gmail.com**

ରେ ଇମେଲ୍ କରନ୍ତୁ।

# ଧର୍ମଶାଳା ଏବିଡିଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଯାଜପୁର, ୧୫।୫ (ହର୍ଷବର୍ଦ୍ଧନ ବେହେରା)


ଯାଜପୁର ରୋଡ୍‌ସ୍ଥିତ ଏବିଡିଓଙ୍କ ୪ ମହଲା କୋଠା।


ଅସିତ କୁମାର ପାତ୍ର

- ୨ଟି କୋଠା, ମାର୍କେଟ କମ୍ପ୍ଲେକ୍ସ, ଫ୍ଲାଟ୍ ସହ ୫ ପ୍ଲଟ୍ ଠାବ
- ୭ଶହ ଗ୍ରାମ ସୁନା ଅଳଙ୍କାର, ୬୫ଲକ୍ଷ ଜମାରାଶି ଓ ନଗଦ ୧.୮୫ଲକ୍ଷ ଜବତ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଯାଜପୁର ଜିଲା ଧର୍ମଶାଳାର ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ(ଏବିଡିଓ) ଅସିତ କୁମାର ପାତ୍ରଙ୍କ ବିଭିନ୍ନ ସ୍ଥାନରେ ଥିବା ଘରେ ଭିଜିଲାନ୍ସ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଯାଜପୁର, ଯାଜପୁର ରୋଡ୍ ଏବଂ କଟକରେ ଏକାସଙ୍ଗେ ଚଢ଼ାଉ ହୋଇଛି। ଏହି ଚଢ଼ାଉରେ ଯାଜପୁର, ଯାଜପୁର ରୋଡ୍ ଓ କଟକରେ ଥିବା କୋଠା, ଫ୍ଲାଟ୍, ଗୋଟିଏ ଶପିଂ କମ୍ପ୍ଲେକ୍ସ, ୫ଟି ମୂଲ୍ୟବାନ ପ୍ଲଟ, ୭୦୦ ଗ୍ରାମ ସୁନା, ବ୍ୟାଙ୍କରେ ଥିବା ୬୫ ଲକ୍ଷ ଟଙ୍କା ସହିତ ନଗଦ ୧ ଲକ୍ଷ ୮୫ ହଜାର ଟଙ୍କା ଜବତ କରାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି। ଭିଜିଲାନ୍ସର ୭ଟି ଟିମ୍ ଯାଜପୁର, ଭଦ୍ରକ, କଟକ ଓ ଖୋର୍ଦ୍ଧାରେ ଚଢ଼ାଉ କରୁଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଯାଜପୁର ରୋଡ୍ ସହରର କହ୍ନେଇପୁରଠାରେ ୬ହଜାର ବର୍ଗଫୁଟ ଜମିରେ ୪ ମହଲା ବିଶିଷ୍ଟ କୋଠା, ୪ହଜାର ବର୍ଗଫୁଟ ଜମିରେ ନୂତନ ଦୁଇ ମହଲା କୋଠା ଘର ଓ ୩ଶହ ବର୍ଗଫୁଟ ଜମିରେ ମାର୍କେଟ କମ୍ପ୍ଲେକ୍ସ ରହିଛି। ଏହାବାଦ ଯାଜପୁର ସହରର ସୁନ୍ଦରୀମୁହାଁ ନିକଟ ଗଣେଶ୍ୱର ଗ୍ରାମରେ ୨ହଜାର ବର୍ଗଫୁଟ ଜମିରେ ୩ ମହଲା ବିଶିଷ୍ଟ କୋଠା ଘର ଏବଂ କଟକ ଚାଉଳିଆଗଞ୍ଜ ନିକଟରେ ଥିବା ମେଟ୍ରୋ ଏଭିନ୍ୟୁ ଆପାର୍ଟମେଣ୍ଟରେ ୪୦୪(ଏ) ନମ୍ବର ୧ହଜାର ବର୍ଗଫୁଟ ବିଶିଷ୍ଟ ୨ ବିଏଚ୍‌କେ ଫ୍ଲାଟ ରହିଛି। ସେହିପରି ଯାଜପୁର ରୋଡ୍ ସହରରେ ମୂଲ୍ୟବାନ ୪ଟି ପ୍ଲଟ୍ ଏବଂ ଶିଳ୍ପାଞ୍ଚଳ ଦାନଗଦିରେ ଗୋଟିଏ ପ୍ଲଟ ରହିଛି। ଯାଜପୁର ରୋଡ୍ ସହରର ଚୋର୍ଦ୍ଦାଠାରେ ୬ ଡେସିମିଲ ଓ ୧୦ ଡେସିମିଲ, ଦାନଗଦି ଧୂଳିଗଡ଼ ଗ୍ରାମରେ ୨୦ ଡେସିମିଲ, ଯାଜପୁର ରୋଡ୍ ନୟାଗଡ଼ ମୌଜାରେ ୮ ଡେସିମିଲ ଓ ୨ ଡେସିମିଲ ଜମି ରହିଛି। ଏହାବାଦ୍ ୨ଟି ଦୁଇ ଚକିଆ ଯାନ ଥିବା ଚଢ଼ାଉ ବେଳେ ଜଣାପଡ଼ିଛି। ଉପରୋକ୍ତ ସମ୍ପତ୍ତିର କେତେ ମୂଲ୍ୟ ହେବ ସେନେଇ ଭିଜିଲାନ୍ସ ଟେକ୍ନିକାଲ ଉଇଙ୍ଗ୍ ପକ୍ଷରୁ ଆକଳନ କରାଯାଉଛି। ଚଢ଼ାଉ ଜାରି ରହିଥିବାରୁ ଏବିଡିଓଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ସ୍ପଷ୍ଟ ସୂଚନା ମିଳି ପାରିନାହିଁ।

## ହତ୍ୟାକାରୀ ଭିଶୋଇ ସିଲେରୁ ଜଙ୍ଗଲରୁ ଗିରଫ

**୩ ଶାଳକଙ୍କୁ ହତ୍ୟା ଘଟଣା**

ମାଲକାନଗିରି, ୧୫।୫ (ଦୁର୍ଯ୍ୟୋଧନ ପାତ୍ର)

ଆନ୍ଧ୍ରପ୍ରଦେଶ ସିଲେରୁ ନିକଟ ଚିନ୍ତାପାଲୀ ଗ୍ରାମର ୩ ଶାଳକଙ୍କୁ ହତ୍ୟା ଘଟଣାରେ ଭିଶୋଇ ଘେନୁ ହନ୍ତାଲଙ୍କୁ ସିଲେରୁ ପୋଲିସ ଗୁରୁବାର ଜଙ୍ଗଲରୁ ଗିରଫ କରିଛି। ଏହି ଘଟଣାରେ ଘେନୁ ଫେରାର ହୋଇଯାଇଥିବା ବେଳେ ସିଲେରୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉକରି ତାଙ୍କୁ ଗ୍ରାମ ନିକଟ ଜଙ୍ଗଲରୁ ଗିରଫ କରିଛି।

ପ୍ରକାଶ ଯେ, ଘେନୁ ତାଙ୍କ ସ୍ତ୍ରୀଙ୍କୁ ବିଭିନ୍ନ ସମୟରେ ମାରପିଟ କରୁଥିବା ବେଳେ ଗତ ୧୧ ତାରିଖରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଗୁପାଗୁଡ଼ା ଗ୍ରାମର ୩ ଭାଇ ଚିନ୍ତାପାଲୀ ଗ୍ରାମର ଏକ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। ସେଠାରେ ନିଜ ଭଉଣୀଙ୍କୁ ଭିଶୋଇ ଘେନୁ ମାରପିଟ କରୁଥିବା ଜାଣି ଭିଶୋଇଙ୍କ ସହ ଗଣ୍ଡଗୋଳ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଘେନୁ ରାତିରେ ୩ ଶାଳକଙ୍କ ବର୍ଛାରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ୨ଦୁଇ ଶାଳକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କର ବିଶାଖାପାଟଣାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

# ଖଣି ଅଧିକାରୀଙ୍କୁ ହତ୍ୟା ଉଦ୍ୟମ

ଜଳେଶ୍ୱର, ୧୫।୫ (ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ବାଲି ଚୋରା ଚାଲାଣକାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ବାଲି ଚୋରାଚାଲାଣ ରୋକିବା ଲାଗି ଅଧିକାରୀମାନେ ଚଢ଼ାଉ ଲାଗି ଗଲେ ଅପରାଧୀମାନେ କେତେବେଳେ ମରଣାନ୍ତକ ଆକ୍ରମଣ କରୁଛନ୍ତି ତ, କେତେବେଳେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିବାକୁ ପଛାଉନାହାନ୍ତି। ବୁଧବାର ରାତି ୧ଟା ବେଳେ କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର ଦାସ ଏବଂ କନଷ୍ଟେବଲ ଉମାକାନ୍ତ ସିଂ ଜଳେଶ୍ୱର ଅଞ୍ଚଳର ବେଆଇନ ବାଲି ଖାଦାନରେ ଚଢ଼ାଉ ପାଇଁ ଯାଇଥିଲେ। ବେଆଇନ ଭାବେ ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଡ୍ରାଇଭର ତାଙ୍କ ଗାଡ଼ିକୁ ଧକ୍କା ଦେଇ ମାରିଦେବାକୁ ଉଦ୍ୟମ କରିଥିଲେ। ଫଳରେ ଅଧିକାରୀଙ୍କ ଗାଡ଼ି ଡ୍ରେନ ପାଖକୁ ଖସିଯାଇଥିଲା। ଏନେଇ ଖଣି ଅଧିକାରୀ ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ। ରାତି ୨ଟା ୩୦ରେ ଥାନା ଏଏସ୍‌ଆଇ ନୀଳକଣ୍ଠ ପୃଷ୍ଟି ପହଞ୍ଚି ବାଲି ଟ୍ରାକ୍ଟର ଏବଂ ଖଣି ଅଧିକାରୀଙ୍କ ବୋଲେରୋକୁ ଥାନାକୁ ନେଇଥିଲେ। ଟ୍ରାକ୍ଟର ଡ୍ରାଇଭର ହତ୍ୟା ଉଦ୍ୟମ କରିଥିବା ନେଇ ଖଣି ଅଧିକାରୀ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ସୁବର୍ଣ୍ଣରେଖା ନଦୀପଠାରୁ ଚୋରାଚାଲାଣକାରୀମାନେ ଦିନ ରାତି ବେଆଇନ ଭାବେ ବାଲି ପରିବହନ କରୁଛନ୍ତି। ଏନେଇ ଅଭିଯୋଗ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ବେଆଇନ ବାଲି ଖାଦାନଗୁଡ଼ିକ ଉପରେ ଚଢ଼ାଉ ପାଇଁ ନିର୍ଦ୍ଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଜୁନିୟର ଖଣି ଅଧିକାରୀ ଦାସ ଚଢ଼ାଉ ସହିତ ବାଲି ଉତ୍ତୋଳନ ହେଉଥିବା ନଦୀ ଆଡ଼ି ମଧ କାଟି ଦେଇଥିଲେ। ଏହାକୁ ନେଇ ଜଳେଶ୍ୱର ଅଞ୍ଚଳରେ ବାଲି ଚୋରାଚାଲାଣକାରୀମାନେ ପ୍ରତିଶୋଧପରାୟଣ ହୋଇଉଠିଛନ୍ତି। ପଥରପୁରା ଅଞ୍ଚଳର ଜେଲ୍ ରୋଡ ପାଖରେ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର(ନଂ.ଓଡି୦୧-ଏଜି-୨୩୪୪)କୁ ଦେଖି ଖଣି ଅଧିକାରୀ ଅଟକାଇବା ପାଇଁ ଉଦ୍ୟମ କରୁଥିବାବେଳେ ଟ୍ରାକ୍ଟର ଡ୍ରାଇଭର ଖଣି ଅଧିକାରୀଙ୍କ ବୋଲେରୋ ଗାଡ଼ିକୁ ଧକ୍କା ଦେଇଥିଲେ। ଗାଡ଼ି ଡ୍ରେନ ପାଖକୁ ଖସିପଡ଼ିବା ପରେ ଟ୍ରାକ୍ଟରକୁ ଛାଡ଼ି ଡ୍ରାଇଭରଜଣକ ଘଟଣାସ୍ଥଳରୁ ପଳାଇଯାଇଥିଲେ।

# ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କାଠ, ପଟା ଜବତ

**ବନ ବିଭାଗ, ପୋଲିସର ମିଳିତ ଚଢ଼ାଉ**

କେନ୍ଦୁଝର/ଢେଙ୍କିକୋଟ, ୧୫।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ ନୀଳମଣି ମଣ୍ଡଳ)


ଚଢ଼ାଉରେ ସାମିଲ ପୋଲିସ ଓ ବନ କର୍ମଚାରୀମାନେ।

କେନ୍ଦୁଝର ଜିଲାକୁ ବେଆଇନ କାଠ ବ୍ୟବସାୟୀଙ୍କ ଭୂସ୍ୱର୍ଗ କୁହାଯାଉଥିବା ବେଳେ ଘଟଗାଁ ବ୍ଲକ୍‌ର ସାନ୍ତରାପୁର ଗ୍ରାମ ମୁସଲିମ ବସ୍ତିରେ ବୁଧବାର ରାତିରେ ବନ ବିଭାଗ, ପୋଲିସର ମିଳିତ ଚଢ଼ାଉ ହୋଇଛି। ଚଢ଼ାଉରେ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କାଠ, ପଟା ଓ ସାଇଜ କାଠ ଜବତ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଘଟଣାସ୍ଥଳରୁ ଅପରାଧୀ ଦୌଡ଼ିପଳାଇବାକୁ ସକ୍ଷମ ହୋଇଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଖବରଦାତା ସମ୍ମିଳନୀରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏର୍‌ଡ଼ି ଧନରାଜ୍ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାର ଭୋର ୪ଟା ୩୦ମିନିଟ୍‌ରୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଏହି ଚଢ଼ାଉ ଜାରି ରହିଥିଲା। ପୋଲିସ, ବନ ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ଚଢ଼ାଉରେ ୨ଜଣ ସହକାରୀ ବନ ସଂରକ୍ଷକ ବା ଏସିଏଫ୍, ୪ଜଣ ରେଞ୍ଜ ଅଫିସର, ୪୦ଜଣ ପୋଲିସ ଓ ୬୦ଜଣ ସୁରକ୍ଷା କର୍ମୀ ସାମିଲ ଥିଲେ। ଜଣେ ସହକାରୀ ଜିଲାପାଳ ମାଜିଷ୍ଟ୍ରେଟ ଦାୟିତ୍ୱ ସମ୍ପାଦନ କରିଥିଲେ। ଚଢ଼ାଉରେ ୬୦୦ ସିଫ୍ଟର ଶାଳ, ପିଆଶାଳ, ଗମ୍ଭାରୀ ପଟା, ଗଣ୍ଡି ଜବତ ହୋଇଛି। ୩ ଜଣ ନିୟମିତ କାଠଚୋରଙ୍କ ୭ଟି ଘରେ ଏହି ଚଢ଼ାଉ କରାଯାଇଥିଲା। ସେମାନଙ୍କୁ ଗିରଫ କରିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିବ ବୋଲି ଡିଏଫ୍‌ଓ ପ୍ରକାଶ କରିଛନ୍ତି। ତେବେ ଗତବର୍ଷ ମଧ୍ୟ ଏହି ୩ ଜଣ ଅପରାଧୀଙ୍କ ଘରେ ଚଢ଼ାଉ କରିବିପୁଳ ପରିମାଣର କାଠ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା। ଏବେ ସେମାନଙ୍କୁ ଗିରଫ କରାଯାଇ କିପରି ଅଧିକ ମାତ୍ରାରେ ଦଣ୍ଡ ମିଳିବ ସେଥିପାଇଁ ଅଦାଲତଙ୍କୁ ପ୍ରାର୍ଥନା କରାଯିବ। ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ଡିଏଫ୍‌ଓ ଧନରାଜ ପ୍ରକାଶ କରିଛନ୍ତି।

# ଗୁଳିକରି କକାଙ୍କୁ ହତ୍ୟା ଉଦ୍ୟମ

**ବନ୍ଧୁକ ଜବତ, ପୁତୁରା ଗିରଫ**

ଢେଙ୍କିକୋଟ, ୧୫।୫ (ନୀଳମଣି ମଣ୍ଡଳ)



ଜବତ ବନ୍ଧକ, ଅଭିଯୁକ୍ତ ବିଜୟ ମହାନ୍ତ।

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ମୁକ୍ତାପୁର ପଞ୍ଚାୟତ ଡଳଙ୍ଗପାଣି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳିକରି କକାଙ୍କୁ ହତ୍ୟା ଉଦ୍ୟମ କରିଛନ୍ତି ପୁତୁରା। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ପୁତୁରାଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଏକ ବନ୍ଧୁକ ଜବତକରି ତଦନ୍ତ କରୁଛି। ଗିରଫ ଅଭିଯୁକ୍ତ ଡଳଙ୍ଗପାଣି ଗ୍ରାମର ବିଜୟ ମହାନ୍ତ।

ପ୍ରକାଶ ଯେ, ଡଳଙ୍ଗପାଣି ଗ୍ରାମର ଚତୁର୍ଭୁଜ ମହାନ୍ତ ଗତ ୧୧ ତାରିଖ ସନ୍ଧ୍ୟା ୫ଟା ସମୟରେ ଚାଷ କାର୍ଯ୍ୟରେ ବ୍ୟବହୃତ ଲଙ୍ଗଳଫାଳ ପଜାଇବା ପାଇଁ ନହରାଶାଳକୁ ଯାଇଥିଲେ। ଏହି ସମୟରେ ତାଙ୍କ ସମ୍ପର୍କୀୟ ପୁତୁରା ବିଜୟ ମହାନ୍ତଙ୍କ ସହ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଥା କଟାକଟି ହୋଇଥିଲା। ବିଜୟ ଉତ୍କ୍ଷିପ୍ତ ହୋଇ ସାଥିରେ ଆଣିଥିବା ବନ୍ଧୁକ ବାହାରକରି ଚତୁର୍ଭୁଜଙ୍କ ଉପରକୁ ଚଳାଇଥିଲେ। ଚତୁର୍ଭୁଜ ଦୌଡ଼ିଯାଇ ଗ୍ରାମର ମଦୁର ମହାନ୍ତ ଘରକୁ ପଶିଯାଇଥିଲେ। ବିଜୟ ପିଛା କରି ମଦୁରଙ୍କ ଘରେ ପହଞ୍ଚିଥିଲା। ସେଠାରେ ଗାଳିଗୁଲଜ କରିବା ସହ ପୁଣି ଗୁଳି କରିଥିଲେ। ଗୁଳି ଶବ୍ଦ ଶୁଣି ସମସ୍ତେ ଛାନିଆ ହୋଇ ଚାଲିଯାଇଥିଲେ। ଗୁଳି ଚତୁର୍ଭୁଜଙ୍କ ଦେହରେ ବାଜି ନ ଥିଲା। ଘଟଣା ସମ୍ପର୍କରେ ପରଦିନ ଚତୁର୍ଭୁଜ ଘଟଗାଁ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବିଜୟ କୁମାର ସାମଲ ତଦନ୍ତକରି ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ବିଜୟଙ୍କୁ ଭୋଲବେଡ଼ା ଗ୍ରାମରୁ ଗିରଫ କରିଥିଲେ। ତାଙ୍କ ନିକଟରୁ ବନ୍ଧୁକ ଜବତ ହୋଇଛି। ଘଟଗାଁ ଥାନାରେ ଏକ ମାମଲା ରୁଜୁକରାଯାଇ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛନ୍ତି।

# ତଳେ ସ୍ତ୍ରୀ, ଗଛରେ ସ୍ୱାମୀଙ୍କ ମୃତଦେହ

**ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ**

ଖାରପୋଖରିଆ, ୧୫।୫ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ଭୁରୁଷାଣୀ ପଞ୍ଚାୟତ ରାଇବଣିଆ ଗ୍ରାମରେ ବୁଧବାର ଏକ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଗଛରେ ସ୍ୱାମୀଙ୍କ ମୃତଦେହ ଝୁଲୁଥିବା ବେଳେ ତଳେ ସ୍ତ୍ରୀଙ୍କ କ୍ଷତାକ୍ତ ମୃତଦେହ ପଡ଼ିରହିବା ଆଲୋଡ଼ନ ସୃଷ୍ଟି କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି। ଏନେଇ ଖାରପୋଖରିଆ ଥାନାରେ ଏକ ମାମଲା(ନଂ. ୧୨୬/୨୫) ରୁଜୁହୋଇଛି। ମୃତ ଦମ୍ପତି ହେଲେ କାଳୀପଦ ଦେହୁରୀ(୫୫) ଓ ତାଙ୍କ ସ୍ତ୍ରୀ ପଞ୍ଚମୀ(୪୫)।

ସୂଚନା ଅନୁଯାୟୀ, ଅପରାହ୍ନ ୨ଟା ସମୟରେ ବାଡ଼ି ପଛପଟ ପିଜୁଳି ଗଛରେ କାଳୀପଦଙ୍କ ମୃତଦେହ ପ୍ଲାଷ୍ଟିକ ରଶିରେ ଝୁଲୁଥିବା ବେଳେ ସେହି ଗଛ ତଳେ ସ୍ତ୍ରୀ ପଞ୍ଚମୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ପରେ ମୃତ ଦମ୍ପତିଙ୍କ ପୁଅ ଏ ସଂକ୍ରାନ୍ତରେ ଥାନାରେ ଜଣାଇବାରୁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ଘଟଣାର ତଦନ୍ତ କରୁଛନ୍ତି।

# ବସ୍ ଧକ୍କାରେ ଶିଶୁପୁତ୍ର ମୃତ, ମା'ବାପା ଗୁରୁତର

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ଖୋର୍ଦ୍ଧା, ୧୫।୫ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟାଉନ ଥାନା ଅଧୀନ କୁମ୍ଭିଲୋ ଛକ ନିକଟରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଓଏସ୍‌ଆର୍‌ଟିସି ବସ୍ ଧକ୍କାରେ ଜଣେ ଅଢ଼େଇ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା'ବାପା ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ବରସାହିର ଅଶୋକ ବାରିକ ଓ ତାଙ୍କ ସ୍ତ୍ରୀ ପିଙ୍କି ବାରିକ। ଖୋର୍ଦ୍ଧା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ମୃତ ଶିଶୁପୁତ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଏବଂ ସମ୍ପର୍କୀୟ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନା ମୁତାବକ, ଗଡ଼ହଳଦିଆ ଗ୍ରାମରୁ ଏହି ବସ୍ (ଓଡି୦୨ ସିଏସ୍ ୦୪୯୫) ଖୋର୍ଦ୍ଧା ଅଭିମୁଖେ ଆସୁଥିଲା। ଏହି ସମୟରେ ବରସାହିରୁ ଅଶୋକ ଏବଂ ତାଙ୍କ ସ୍ତ୍ରୀ ଓ ଶିଶୁପୁତ୍ର ଗଁପୁରଠାରେ ଥିବା ଏକ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଯୋଗାଦେବା ଲାଗି ବାଇକ୍‌ରେ ଯାଉଥିଲେ। ଅପରାହ୍ନ ପ୍ରାୟ ୫ଟାରେ କୁମ୍ଭିଲୋ ଛକ ନିକଟରେ ବିପରୀତ ପଟୁ ଆସୁଥିବା ଉକ୍ତ ବସ୍‌ର ଡ୍ରାଇଭର ଭାରସାମ୍ୟ ହରାଇ ସମ୍ମୁଖରୁ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଶିଶୁପୁତ୍ର ବସ୍ ଆଗରେ ଫିଙ୍ଗିହୋଇ ତଳେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିସହ ତାଙ୍କ ମା'ବାପା ଗୁରୁତର ଆହତ ହୋଇଥିଲେ। ଖବରପାଇ ସମ୍ପର୍କୀୟ ଏବଂ ସ୍ଥାନୀୟ ଗ୍ରାମବାସୀ ପହଞ୍ଚିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ମୃତ ଶିଶୁପୁତ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ।


**Government of Odisha** No.O-151
**Office of the Superintending Engineer**
**Rural Works Division, Dhenkanal**
E-Mail:eerwdivisiondhenkanal@yahoo.co.in
**e-Procurement Notice No.01/Building Works/2025-26**

1. Name of the Work : Building Works
2. Total No. of Works : 03 (Three) Nos.
3. Estimated Cost : Rs.5.84 to 40.15 Lakh (approx)
4. Class of Contractor : "D" & "C" & "B" Class
5. Period of Completion : 02 (Two) & 06 (Six) Months
6. EMD Required : As mentioned in the Annexure at Column-04
7. Online for Bidding : 21.5.2025 at 11.00 AM to 28.05.2025 upto 3.00 P.M.
8. Last Date & Time of seeking tender clarification : 26.05.2025 upto 4.00 PM
9. Date & Time of opening of tender (Technical & Financial Bid) : 28.05.2025 Technical Bid at 5.00 PM

Other Details can be seen from the website http://tendersorissa.gov.in
Sd./- Superintending Engineer
R.W.Division, Dhenkanal
OIPR-25101/11/0020/2526



**The Odisha State Co-operative Milk Producers' Federation Limited**
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com
www.omfed.com

**TENDER NOTICE**

**No.CAD-405 :** OMFED invites sealed tender from the interested transporters for engagement of different capacity Insulated vehicle for transportation & distribution of milk & milk product and other allied products of OMFED in **03 (Three) Marketing** route under Salapada Dairy operational area on hire basis for a contract period of **03 (Three) year**. Tender documents can be purchased from OMFED, Salapada Dairy, **Salapada, Anandpur, Dist. Keonjhar- 758020** on any working days between **10.30 Hrs – 13.30 Hrs from12th May2025 to 26th May2025 on payment of Rs. 560/- (Rupees Five Hundred Sixty only)** either in shape of Demand Draft drawn in favour of OMFED payable at Salapada. The tender document can also be downloaded from our website www.omfed.com and submitted on the due date along with the tender paper cost of **Rs.560/-** in shape of Demand Draft. The Management reserves the right to accept or reject any or all the bid document or part thereof without assigning any reason. Any addendums/corrigendum will be published only in our website.

OIPR-06063/11/0173/2526 Sd./- Managing Director



**GOVERNMENT OF ODISHA** No.B-120
**OFFICE OF THE SUPERINTENDING ENGINEER**
ଓଡ଼ିଶା ସରକାର **JHARSUGUDA (R&B) DIVISION, JHARSUGUDA**
E-mail ID: eepwdjsg2014@gmail.com
Telephone:06645-271242, Kalimandir Road, Jharsuguda, 768202
**"e" Procurement Notice**
**Bid Identification No.S.E. R&B-JSG-01 of 2025-26**

| | | | |
|---|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Double & Single Cover** system on ONLINE mode from eligible contractors for Construction of **Building Works (Civil+El)/ Electrical Works/ AMC for fire fighting/AMC for Lift Works as detailed in DTCN.** | | |
| 2. | Nature of Work | :- | **Building Works (Civil+El)/ Electrical Works/ AMC for fire fighting/ AMC for Lift Works** |
| 3. | Estimated Cost | :- | Rs.9.56 Lakhs to Rs.79.00 Lakhs |
| 4. | No. of Work | :- | 06 (Six) Nos. |
| 5. | Tender Cost | :- | Rs.10000/- & Rs.4000.00 & Rs.6000.00 (as per DTCN) |
| 6. | Class of Contractor | :- | Sl.No.-1 - "B" Class, Sl.No.2- Authorized Manufacture/ Distributer/ MV/HT Sl.No.3- Specialized Agency with associated electrical contractor having valid license (MV/HT), Sl.No. 4 & 5- HT, Sl.No.-6-MV/HT |
| 7. | Availability of bid document in the website | :- | **10.00 A.M. of 17.05.2025 to 05.00 P.M. of 30.05.2025** |
| 8. | Date of Opening of Technical Bid (Cover-I) | :- | **11.00 AM on Dt.31.05.2025** |
| 9. | The bidders have to participate in ONLINE bidding only. Further details can be seen from the website **https://tendersodisha.gov.in).** Any addendum/ Corrigendum/Cancellation of tender can also be seen in the said website. | | |

Sd./- Superintending Engineer
OIPR-34094/11/0023/2526 Jharsuguda (R&B) Division



**OFFICE OF THE CHIEF CONSTRUCTION ENGINEER**
**ANANDPUR BARRAGE PROJECT, SALAPADA,**
**DIST-KEONJHAR, ODISHA, PIN:758020**
No.A-155: E-Mail:cceabp@gmail.com
**E-Procurement Notice No.CCEABP-06 of 2025-26**
**(Bid Id No.ABP-Soro-01/06 of 2025-26)**
**DETAILED NOTICE INVITING TENDER ON EPC CONTRACT**

| Name of Work | Class/EMD/Tender Fee/ Period of Completion |
|---|---|
| Construction of Distribution system for 5765.34 Ha. of CCA including Command Area Development (CAD) of Salandi Left Main Canal from RD 71.505 km to 73.003 km through Under Ground Pipe Line Irrigation system (Gravity Flow) of Anandpur Barrage Project in Balasore District of Odisha on EPC-Turn Key Basis including operation and maintenance of the commissioned project. | (1) **Class of Contractor**- Super Class or Equivalent Grade Bidders (2) **EMD: Rs.181.00 Lakh** (3) **Tender Fee: Rs.10,000.00** (4) **Period of Completion**: 24 (Twenty Four) Calendar Months including rainy seasons. |

A. Period of Availability of Bid document in the Portal : From 10.00 AM of 17.05.2025 to 12.06.2025 upto 5.00 PM
B. Date & Time for Pre-Bid Conference : 30.05.2025 at 11.30 AM
C. Last Date and Time for Receipt of Bid : 12.06.2025 upto 5.00 P.M.
D. Place of Sale & Receipt of Bid : On-Line through e-Procurement
E. Time and Date of Opening of Technical Bid : 13.06.2025 at 11.30 AM
F. Place of Opening of Bid : O/o the Chief Construction Engineer, Anandpur Barrage Project, Salapada
G. Further details can be seen from E-Procurement Portal "https://www.tendersodisha.gov.in"

Sd./- Chief Construction Engineer
OIPR-32177/11/0029/2526 Anandpur Barrage Project, Salapada



**OFFICE OF THE SUPERINTENDING ENGINEER** No.B-124
E-mail Id:eepwdcuttack2@gmail.com, Tel/Fax.No.(0671)-2973399
GOVERNMENT OF ODISHA **"e" Procurement Notice**
**e-Procurement Notice for Road Work**
**Bid Identification No.S.E. CTC (R&B)-II-03 of 2025-26**

1. Name of the Work : 02 No. of Road Work
2. Estimated Cost : Rs.64,19,718.00/- to Rs.71,43,420.00/-
3. Period of Completion : 4 (Four) Calendar Months
4. Date & Time of Sale & receipt of bid document : From 16.05.2025 to 5 PM of 28.05.2025
5. Last date/time of receipt of bids : 5 PM of 28.05.2025
6. Date & Time of Opening of Bids : 11 AM of 29.05.2025
7. Name and address of the Officer Inviting Bid : Superintending Engineer Cuttack (R&B) Division-II, Cuttack

Further details can be seen from the e-Procurement portal http://www.tendersorissa.gov.in. Any addendum/ corrigendum/ cancellation of tender can also be seen in the said website.

Sd./-
Superintending Engineer
OIPR-34091/11/0077/2526 Cuttack (R&B) Division No.II



**NOTICE INVITING TENDER**
**Office of District Manager**
**Odisha State Civil Supplies Corporation Ltd. (OSCSC), Subarnapur**
No.CAD-406 Phone: 7092925898
**TENDER No-794, Dated 13.05.2025**
**Cost of Tender Document: Rs.11800/- Inclusive of GST.**
**Online Tenders are invited from eligible bidders for selection and appointment of level-I transport contractor for transporation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date: **13.05.2025, At-5.00 PM** Downloadable from website: www.oscsc.in, www.foododisha.in & www.tendersodisha.gov.in. |
| 2 | Date, Time and Venue for pre-bid conference | On Dt.**14.05.2025, At-11.00 AM** Place- Conference Hall of Collectorate, Subarnapur |
| 3 | Last date and time for **online** submission of completed Tender documents with enclosures | Through e-Procurement Portal: www.tendersodisha.gov.in Upto **5.00 PM of dt.22.05.2025** |
| 4 | Date, Time and Venue for opening of Technical bid by the Tender Committee | **On dt.23.05.2025 at 11.30 A.M.** Place Conference Hall of Collectorate, Subarnapur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.**23.05.2025**, at **11.30 A.M.** Place- Conference Hall of Collectorate, Subarnapur |
| 6 | Date & Time of Financial Bid opening by the Tender Committee (only of Technically Qualified Bidders) | To be announced after technical bid evaluation |
| 7 | Venue of the Opening of Technical & Financial Bids | Conference Hall of Collectorate, Subarnapur |
| 8 | Validity Period | Tenders are to remain open for acceptance for 15 days inclusive of date of opening of tender. Note: The Managing Director, OSCSC Ltd., Bhubaneswar may at his discretion extend this day by 14 (Fourteen) days and such extension shall be binding on the bidders |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk Telephone No. | **(i) OSCSC Ltd.** District Manager: No.- 9437068432 Accounts Head No. 7092925898 **(ii) State Procurement Cell: 0674-2530998/ 18003456765** |

By Order of Collector
Sd./- District Manager
OIPR-07030/11/0011/2526 OSCSC Ltd., Subarnapur



**ODISHA CONSTRUCTION CORPORATION LIMITED, BHUBANESWAR,ODISHA**
PIN:751012, Tel No.(0674) 2562020, e-Mail:theoccltd@odishaconstruction.com
GSTIN:21AAACO2571K2ZM
**"e"-Procurement Notice No.-08/OCCL/2025-26 (on-line)**
No.CAD-407:On-line Item rate tenders are invited for the following work:

| Sl. No. | Name of Work | Bid Identification No. | Approx. value of work | Bid Security (through on-line transfer only) (in Rs.) | Period of Completion (in days) | Availability & Submission of tender of Tender (on-line) |
|---|---|---|---|---|---|---|
| 1 | TANK IMPROVEMENT/ RENOVATION/ MODERNISATION WORKS OF 08 (EIGHT) Nos. of Minor Irrigation Projects in Bhadrak & Jajpur District (**CLUSTER-V**) under OIIPCRA Scheme | OCCL_TSI_CL_V/ 2025-26 | Rs.9.00 Crore | Rs.9,00,000/- | **270 Days** | From 20.05.2025, 10.00 Hrs. to 18.06.2025, 15.00 Hrs. |

Procurement Officer: Managing Director, OCCL
Date of Opening of the Tender : **18.06.2025, 15.30 Hrs. onwards**
Further details can be seen from the e-Procurement Portal:https://www.tendersodisha.gov.in, https://octdms.in https://odishaconstruction.com
OIPR-34176/11/0034/2526 Sd./- Managing Director



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com
**Short Tender Call Notice for inviting Request for Proposal (RFP)**
**RFP identification No.01 of 2025-26**
**No. 2491 (Estg.) Bhubaneswar the 13th May-2025**

**No.B-126** : The Chief Construction Engineer, Central(R&B) Circle Bhubaneswar on behalf of the Governor of Odisha invites proposals in double cover(online) from eligible, reputed and qualified service providing organisations/Institutions for "Providing Infrastructure and facilitates for imparting Induction Training Programme to Newly recruited Junior Engineers(Civil), Works Department, Government of Odisha for the year 2025-26". This invitation is open to all Service Providing Agencies (SPAs) meeting the minimum eligibility criteria mentioned in the "RFP / Bid Documents". The interested organisations can download in the e-procurement website i.e.:https://tendersorissa.gov.in and submit their bid documents through online mode only. The details of bid documents will be available in the above website from **5.00 P.M. of 16.05.2025 to 4.00 P.M. of 26.05.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **5.00 P.M. of 26.05.2025** in the Office of the Chief Construction Engineer, Central (R&B) Circle Bhubaneswar. A Pre bid meeting will be held on 19.05.2025 at 11.00 A.M. in the Office of the Engineer-in-Chief(Civil-cum-Roads) Nirman Soudha, Odisha, Bhubaneswar for any clarification. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.

Sd./- Er. M.K.Mahananda
Chief Construction Engineer
OIPR-34156/11/0030/2526 Central (R&B) Circle, Bhubaneswar


See Career Appointment on every Wednesday & Saturday

# ଆର୍‌ସିବିରେ ଯୋଗଦେଲେ ଡାଭିଡ୍, ଶେଫର୍ଡ

**ବେଙ୍ଗାଲୁରୁ, ୧୫।୫**

ଚଳିତ ମାସ ୧୭ରୁ ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୫ର ଅବଶିଷ୍ଟାଂଶ ଆରମ୍ଭ ହେବାକୁ ଯାଉଥିବାବେଳେ ବିଭିନ୍ନ ଦଳରେ ବିଦେଶୀ ଖେଳାଳିମାନେ ଯୋଗ ଦେବାରେ ଲାଗିଛନ୍ତି। ଚଳିତ ସିଜନରେ ସଫଳତାର ସହ ଫିନିସରର ଭୂମିକା ତୁଲାଇଥିବା ଅଷ୍ଟ୍ରେଲିଆର ଟିମ୍ ଡାଭିଡ ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳରେ ଯୋଗ ଦେଇଛନ୍ତି। ତାଙ୍କ ସହ ଅଲ୍‌ରାଉଣ୍ଡର ରୋମାରିଓ ଶେଫର୍ଡ ଓ ଲୁନ୍‌ଗି ଏନ୍‌ଗିଡି ମଧ୍ୟ ଆସିଛନ୍ତି। ଏହା ବ୍ୟତୀତ ଜ୍ୟାକବ ବେଥେଲ, ଲିଆମ ଲିଭିଂଷ୍ଟୋନ ଓ ଫିଲ୍ ସଲ୍ଟ ଉପଲବ୍ଧ ହେବେ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରକାଶ କରାଯାଇଛି। ତେବେ ବେଥେଲ ମାତ୍ର ୨ଟି ମ୍ୟାଚ ପାଇଁ ଉପଲବ୍ଧ ହେବେ। ମେ ୨୩ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆରସିବିର ହୋମ୍ ଗେମ୍ ପରେ ସେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ରହିଛି। କାରଣ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ସେ ଇଂଲଣ୍ଡ ଦଳରେ ସାମିଲ ଅଛନ୍ତି। ଏହାଦ୍ୱାରା ସେ ଆରସିବିର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଶେଷ ଲିଗ୍ ମ୍ୟାଚରେ ଖେଳିପାରିବେ ନାହିଁ। ତେବେ ସଲ୍ଟ ଟୁର୍ନାମେଣ୍ଟ ଶେଷ ପର୍ଯ୍ୟନ୍ତ ରହିବେ। କାରଣ ସେ କେବଳ ଇଂଲଣ୍ଡ ଟି୨୦ ଦଳରେ ସାମିଲ ଅଛନ୍ତି। ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ଟି୨୦ ସିରିଜ ଜୁନ୍ ୬ରେ ଡରହାମଠାରେ ଆରମ୍ଭ ହେବ। ଆଇପିଏଲ୍ ଜୁନ୍ ୩ରେ ସରୁଥିବାରୁ ସେ ଅବଶିଷ୍ଟ ମ୍ୟାଚଗୁଡ଼ିକ ଖେଳିବାରେ ଅସୁବିଧା ନାହିଁ।



ରୋମାରିଓ ଶେଫଡ



ଟିମ୍ ଡାଭିଡ୍

ଅନ୍ୟପକ୍ଷରେ ଶେଫର୍ଡ କେବେ ପର୍ଯ୍ୟନ୍ତ ଉପଲବ୍ଧ ହେବେ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ମାତ୍ର ୧୪ ବଲ୍‌ରୁ ୫୩ ରନ କରିଥିବା ଏହି ୩୦ ବର୍ଷୀୟ ଅଲ୍‌ରାଉଣ୍ଡର ୱେଷ୍ଟଇଣ୍ଡିଜ ଦିନିକିଆ ଦଳରେ ସାମିଲ ହୋଇଛନ୍ତି। ୱେଷ୍ଟଇଣ୍ଡିଜର ଆୟର୍ଲାଣ୍ଡ ବିପକ୍ଷ ସିରିଜ ମେ ୨୧ରୁ ୨୫ ଏବଂ ଇଂଲଣ୍ଡ ବିପକ୍ଷ ସିରିଜ ୨୯ରୁ ଆରମ୍ଭ ହେବ। ଏନ୍‌ଗିଡି କେବେ ପର୍ଯ୍ୟନ୍ତ ରହିବେ ତାହାକୁ ନେଇ ମଧ୍ୟ ସନ୍ଦେହ ରହିଛି। କାରଣ ସେ ଜୁନ ୧୧ରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ଦକ୍ଷିଣ ଆଫ୍ରିକା ଦଳରେ ସାମିଲ ହୋଇଛନ୍ତି। ମେ ୨୫ ସୁଦ୍ଧା ଦକ୍ଷିଣ ଆଫ୍ରିକା ଖେଳାଳିମାନେ ସ୍ୱଦେଶ ଫେରିବା ସମ୍ଭାବନା ରହିଛି। ଆରସିବି ଏପର୍ଯ୍ୟନ୍ତ ଖେଳିଥିବା ୧୧ ମ୍ୟାଚରୁ ୮ଟିରେ ବିଜୟୀ ହୋଇ ସାରିଛି। ଆଉ ମାତ୍ର ଗୋଟିଏ ମ୍ୟାଚ ଜିତିଲେ ଦଳ ପ୍ଲେ-ଅଫ୍ ପ୍ରବେଶ ସ୍ପଷ୍ଟ ହେବ। ଆରସିବି ଆସନ୍ତା ଶନିବାର କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ ବେଙ୍ଗାଲୁରୁରେ ଖେଳିବ।

## ପ୍ଲେଅଫ୍ ଖେଳିବେନି ବଟଲର

**ନୂଆଦିଲ୍ଲୀ, ୧୫।୫ (ପି.ଟି.):** ଇଂଲଣ୍ଡର ବିସ୍ଫୋରକ ଉଇକେଟକିପର ବ୍ୟାଟର ଜୋସ ବଟଲର ଗୁଜରାଟ ଟାଇଟନ୍ସ (ଜିଟି) ଲାଗି ଅନ୍ତିମ ୩ ଲିଗ୍ ମ୍ୟାଚ୍‌ରେ ଖେଳିବେ। ହେଲେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଇଂଲଣ୍ଡ ଟି୨୦ ସିରିଜ୍ ଖେଳିବାକୁ ଥିବାରୁ ସେ ପ୍ଲେଅଫ୍ ମ୍ୟାଚ୍ ଲାଗି ଉପଲବ୍ଧ ରହିବେ ନାହିଁ। ଗୁଜରାଟ ୧୧ ମ୍ୟାଚ୍‌ରେ ୧୬ ପଏଣ୍ଟ ସହ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି। ଗୁଜରାଟ ତା'ର ବଳକା ୩ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ (ମେ' ୧୮), ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (୨୨) ଓ ଚେନ୍ନାଇ ସୁପର କିଙ୍ଗ୍ସ (୨୫)କୁ ଭେଟିବ। ଏକ ରିପୋର୍ଟ ମୁତାବକ, ପ୍ଲେଅଫ୍ସ ପର୍ଯ୍ୟାୟରେ ବଟଲରଙ୍କ ସ୍ଥାନରେ ଶ୍ରୀଲଙ୍କାର ବାମହାତୀ ବ୍ୟାଟର କୁଶାଲ ମେଣ୍ଡିସ ଖେଳିବେ। ଅନ୍ୟ ଇଂଲିଶ ଖେଳାଳିଙ୍କ ମଧ୍ୟରେ ମୋଇନ ଅଲୀ(କେକେଆର୍), ଜୋଫ୍ରା ଆର୍ଚ୍ଚର (ରାଜସ୍ଥାନ), ସାମ କୁରାନ ଓ ଜେମି ଓଭରଟନ (ସିଏସ୍‌କେ) ଭାରତ ଫେରିବାକୁ ମନା କରିଛନ୍ତି।

# ସୁତଭ୍ୟ-ଅରିଜ ରନରଅପ୍



## ୧୮ ବର୍ଷରୁ କମ୍ ସିଏସ୍‌୭ ଟେନିସ

**ଭୁବନେଶ୍ୱର, ୧୫।୫ (ତପନ ସ୍ୱାଇଁ)**

ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ସିଏସ୍‌୭ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୁତଭ୍ୟ କର୍ମକାର ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଛତିଶଗଡ଼ର ମହମ୍ମଦ ଅରିଜ ଖାଙ୍କୁ ପାର୍ଟନର କରି ସେ ଡବଲ୍ସ ଇଭେଣ୍ଟରେ ରନରଅପ୍ ହୋଇଛନ୍ତି। ପୂର୍ବ ମ୍ୟାଚଗୁଡ଼ିକରେ ବିଜୟୀ ହୋଇ ଆସିଥିବା ସୁତଭ୍ୟ-ଅରିଜ ଯୋଡ଼ି ଫାଇନାଲରେ ଛତିଶଗଡ଼ ଯୋଡ଼ି ଅର୍ଣ୍ଣବ ଚୌଧାରୀ ଓ ଇମନ ଭଟଙ୍କଠାରୁ ୪-୬, ୨-୬ ସେଟ୍‌ରେ ହାରି ଯାଇଥିଲେ। ସିଙ୍ଗଲ୍ସରେ ସୁତଭ୍ୟ ସେମିଫାଇନାଲରେ ନିଜ ଡବଲ୍ସ ପାର୍ଟନର ଅରିଜଙ୍କଠାରୁ ୨-୬, ୨-୬ ସେଟ୍‌ରେ ପରାଜିତ ହୋଇଥିଲେ। ସୁତଭ୍ୟଙ୍କ ପ୍ରଦର୍ଶନରେ ଦିନକୁ ଦିନ ଉନ୍ନତି ହେଉଛି। ଆଗାମୀ ଦିନରେ ସେ ଆହୁରି ଭଲ ଖେଳିପାରିବେ ବୋଲି କୋଚ୍ ସନ୍ତୋଷ ମଲିକ ଆଶା ପ୍ରକାଶ କରିଛନ୍ତି।

# ୱାର୍ଲ୍ଡ ନଂ ୧କୁ ହରାଇଲେ ଝେଙ୍ଗ୍



ଆରିନା ସାବାଲେଙ୍କାଙ୍କୁ ହରାଇବା ପରେ ଝେଙ୍ଗ୍ କ୍ୱିନୱେନ।

**ରୋମ୍, ୧୫।୫ (ଏପି)**

ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଆରିନା ସାବାଲେଙ୍କାଙ୍କୁ ୬-୪, ୬-୩ରେ ପରାସ୍ତ କରି ଚାଇନାର ଝେଙ୍ଗ୍ କ୍ୱିନୱେନ୍ ଇଟାଲିଆନ ଓପନ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ସେ କୋକୋ ଗଫ୍‌ଙ୍କ ସହିତ ମୁକାବିଲା କରିବେ। ଅଲିମ୍ପିକ ଚାମ୍ପିୟନ ୨୨ ବର୍ଷୀୟ ଝେଙ୍ଗ୍ ପୂର୍ବରୁ ସାବାଲେଙ୍କାଙ୍କ ବିପକ୍ଷ ତାଙ୍କର ସମସ୍ତ ୬ଟି ଯାକ ମ୍ୟାଚରେ ପରାଜିତ ହୋଇଥିଲେ। ୮ମ ର୍‍ୟାଙ୍କିଂପ୍ରାପ୍ତ ଝେଙ୍ଗ୍ ତାଙ୍କର ସମସ୍ତ ୫ ବ୍ରେକ୍ ପଏଣ୍ଟ ସେଭ୍ କରିଥିଲେ। ସାବାଲେଙ୍କାଙ୍କ ସର୍ଭିସ ୩ଥର ବ୍ରେକ୍ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ମେ' ୨୫ରୁ ଫ୍ରେଞ୍ଚ ଓପନ ଆରମ୍ଭ ହେବାକୁଥିବା ବେଳେ ରୋମ୍ ହେଉଛି ଖେଳାଳିମାନଙ୍କ ପାଇଁ ଶେଷ ୱାର୍ମଅପ୍।

### ଅଲ୍‌କାରାଜ ବିଜୟୀ

ପୁରୁଷ ସିଙ୍ଗଲ୍ସରେ କାର୍ଲୋସ ଅଲ୍‌କାରାଜ ୬-୪, ୬-୪ରେ ଜ୍ୟାକ୍ ଡ୍ରାପରଙ୍କୁ ପରାସ୍ତ କରି ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ତାଙ୍କର ୮ ବ୍ରେକ୍ ପଏଣ୍ଟ ମଧ୍ୟରୁ ୬ଟି ସେଭ କରିବାରେ ସମର୍ଥ ହୋଇଥିଲେ। ସୂଚନାଯୋଗ୍ୟ, ଡାହାଣ ଗୋଡ଼ରେ ସମସ୍ୟା ଯୋଗୁ ଅଲ୍‌କାରାଜ ମାଡ୍ରିଡ୍ ଓପନରୁ ଓହରି ଯାଇଥିଲେ। ଏହି ସମସ୍ୟା ତାଙ୍କର ବାର୍ସିଲୋନା ଓପନ ଫାଇନାଲରେ ଦେଖିବାକୁ ମିଳିଥିଲା। ଅଲ୍‌କାରାଜ ପରବର୍ତ୍ତୀ ପର୍ଯ୍ୟାୟରେ ଲୋରେଞ୍ଜୋ ମୁସେଟିଙ୍କୁ ଭେଟିବେ, ଯିଏକି କ୍ୱାର୍ଟରଫାଇନାଲରେ ଗତଥରର ଚାମ୍ପିୟନ ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ୭-୬ (୧), ୬-୪ରେ ହରାଇ ଦେଇଥିଲେ।

## ଆଇପିଏଲ୍ ପ୍ଲେଅଫ୍ ଖେଳିବେନି ଦକ୍ଷିଣ ଆଫ୍ରିକା ଟେଷ୍ଟ ଖେଳାଳି

**ଜୋହାନ୍ସବର୍ଗ, ୧୫।୫ (ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଲାଗି ଦକ୍ଷିଣ ଆଫ୍ରିକା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ଆଇପିଏଲ୍ ପ୍ଲେଅଫ୍ ମିସ କରିବେ। କାରଣ ସେମାନଙ୍କୁ ୨୬ ତାରିଖ ସୁଦ୍ଧା ଛାଡ଼ିବା ଲାଗି ବିସିସିଆଇ ପକ୍ଷରୁ ଗୁରୁବାର ସମସ୍ତ ଆଇପିଏଲ୍ ଫ୍ରାଞ୍ଚାଇଜ ଲାଗି ଆଡଭାଇଜରି ଜାରି କରାଯାଇଛି। ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳରେ ସ୍ଥାନ ପାଇଥିବା କାଗିସୋ ରାବାଡା (ଗୁଜରାଟ ଟାଇଟନ୍ସ), ଏଡେନ ମାରକ୍ରାମ (ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ), ମାର୍କୋ ଜାନସେନ (ପଞ୍ଜାବ କିଙ୍ଗ୍ସ), ଟ୍ରିଷ୍ଟାନ ଷ୍ଟବ୍ସ (ଦିଲ୍ଲୀ କ୍ୟାପିଟାଲ୍ସ), ଲୁଙ୍ଗି ଏନଗିଡି (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ), ୱିଆମ ମୁଲ୍ଡର (ସନରାଇଜର୍ସ ହାଇଦ୍ରାବାଦ), ରିୟାନ ରିକଲଟନ ଓ କର୍ବିନ ବୋଶ୍ (ମୁମ୍ବାଇ ଇଣ୍ଡିଆନ୍ସ) ଆଦି ୮ ଖେଳାଳି ଦକ୍ଷିଣ ଆଫ୍ରିକା ଦଳର ଅନ୍ୟ ଖେଳାଳିଙ୍କ ସହ ଆସନ୍ତା ୩୦ ତାରିଖରେ ୟୁକେ ଟୁର କରିବେ। ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ ପ୍ରସ୍ତୁତି ଲାଗି ଅରୁଣ୍ଡେଲଠାରେ ଜିମ୍ବାୱେ ବିପକ୍ଷରେ ୩ ତାରିଖରୁ ଏକ ୱାର୍ମ-ଅପ ମ୍ୟାଚ୍ ଖେଳାଯିବ। ଦକ୍ଷିଣ ଆଫ୍ରିକା ଦଳରେ ସ୍ଥାନ ପାଇନଥିବା ଅନ୍ୟ ସମସ୍ତ ଖେଳାଳି ଓ ୱେଷ୍ଟଇଣ୍ଡିଜ ଖେଳାଳି ଆଇପିଏଲ୍ ଶେଷ ପର୍ଯ୍ୟନ୍ତ ଖେଳିବେ।

# ଖେଳାଳିଙ୍କୁ ସମ୍ବର୍ଦ୍ଧିତକଲେ କ୍ରୀଡ଼ାମନ୍ତ୍ରୀ



ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସଫଳତା ହାସଲ କରିଥିବା ଖେଳାଳିମାନଙ୍କ ସହ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

**ଭୁବନେଶ୍ୱର, ୧୫।୫ (ଅନାଦି କର)**

ଖେଲୋ ଇଣ୍ଡିଆ ୟୁଥ ଗେମ୍ସ-୨୦୨୫ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଶା ମହିଳା ଓ ପୁରୁଷ ହକି ଦଳ ଏବଂ ପୁରୁଷ ଫୁଟବଲ ଦଳର ଖେଳାଳିଙ୍କୁ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପୁରୁଷ ଦଳ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଓଡ଼ିଶା ପୁରୁଷ ଫୁଟବଲ ଦଳ ରୌପ୍ୟ ପଦକ ହାସଲ କରିଥିଲା।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂରଜ କହିଛନ୍ତି ଯେ, ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଉଚ୍ଚକୋଟୀରର ପ୍ରଦର୍ଶନ ବଳରେ ଆମ କ୍ରୀଡ଼ାବିତମାନେ ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗୌରବ ଅର୍ଜନ କରିଛନ୍ତି। ଆମ କ୍ରୀଡ଼ାବିତମାନେ ହେଲେ ଆମ ଗର୍ବ ଓ ଗୌରବ। ଆଗକୁ ହେବାକୁ ଥିବା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆମ କ୍ରୀଡ଼ାବିତମାନଙ୍କର ବିଜୟର ଯାତ୍ରା ଜାରି ରହୁ। ଏଥିସହ ମହିଳା ହକି ଦଳର ସ୍ୱର୍ଣ୍ଣିମ ବିଜୟ ପାଇଁ ଦଳର ସମସ୍ତ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା। ଦେଶକୁ ଶାସନ କରିବା ଠାରୁ ଆରମ୍ଭ କରି ପ୍ରତିରକ୍ଷା କ୍ଷେତ୍ରରେ ଦେଶ ପାଇଁ ଲଢ଼ିବା ପର୍ଯ୍ୟନ୍ତ ମହିଳାମାନେ ସବୁଠି ନେତୃତ୍ୱ ନେଉଛନ୍ତି। ଆଜି ମହିଳା ହକି ଦଳର ସ୍ୱର୍ଣ୍ଣ ପଦକ ଓଡ଼ିଶାର ସମସ୍ତ ମହିଳା କ୍ରୀଡ଼ାବିତମାନଙ୍କୁ ପ୍ରୋତ୍ସାହିତ କରିଛି ଏବଂ କ୍ରୀଡ଼ା କ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ମଧ୍ୟ ଯୋଗାଇଛି। ମହିଳା ହକି ଦଳର ସମସ୍ତ କ୍ରୀଡ଼ାବିତମାନଙ୍କର କଠିନ ପରିଶ୍ରମର ଫଳ ହେଉଛି ଏହି ସ୍ୱର୍ଣ୍ଣ ପଦକ। ଆଗାମୀ ଦିନରେ କ୍ରୀଡ଼ାର ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ପ୍ରଦାନ କରାଯିବ। ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୟୁକ୍ରେନିଆନ ଜମ୍ପର ମାରିନା ସସ୍‌ପେଣ୍ଡ

**ମୋନାକୋ, ୧୫।୫ (ଏପି)**

ଟେଷ୍ଟୋଷ୍ଟୋରେନ୍ ବ୍ୟବହାର ପାଇଁ ୟୁକ୍ରେନର ଜଣେ ଜଣାଶୁଣା ମହିଳା ଆଥ୍‌ଲେଟ ମାରିନା ବେଖ୍-ରୋମାନଚୁକ୍ ଏକ ଡୋପିଙ୍ଗ ମାମଲାରେ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଦ୍ୱାରା ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ବିଶ୍ୱ ଟ୍ରାକ୍ ଆଣ୍ଡ ଫିଲ୍ଡ ଚାମ୍ପିୟନଶିପ୍‌ରେ ମାରିନା ଦୁଇଥର ରୌପ୍ୟ ପଦକ ବିଜେତା। ଶୁକ୍ରବାର କାତାରର ଦୋହାଠାରେ ଡାଇମଣ୍ଡ ଲିଗ୍ ମିଟ୍ ପୂର୍ବରୁ ୟୁକ୍ରେନ ଆଥ୍‌ଲେଟଙ୍କୁ ସସ୍‌ପେଣ୍ଡ କରାଯାଇଥିବା ବିଷୟ ଘୋଷଣା କରାଯାଇଥିଲା। ମାରିନା ଗତ ଅଗଷ୍ଟ ମାସରୁ କୌଣସି ପ୍ରତିଯୋଗିତାରେ ଭାଗ ନେଇ ନାହାନ୍ତି। ପ୍ୟାରିସ ଅଲିମ୍ପିକ୍ସ ମହିଳା ଟ୍ରିପଲ ଜମ୍ପରେ ସେ ୧୧ତମ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଦୋହା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଗୁରୁବାର ପ୍ରକାଶିତ ଏଣ୍ଟ୍ରି ଲିଷ୍ଟରେ ତାଙ୍କ ନାମ ଦେଖିବାକୁ ମିଳିନି। ମାରିନା ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ଲଙ୍ଗ୍‌ଜମ୍ପରେ ରୌପ୍ୟ ପଦକ ଜିତିଥିଲେ ଏବଂ ୨୦୨୩ରେ ଟ୍ରିପଲ ଜମ୍ପ ରୌପ୍ୟ ହାସଲ କରିଥିଲେ। ସେ ଆହୁରି ମଧ୍ୟ ୨୦୨୨ ୟୁରୋପିଆନ ଟ୍ରିପଲ ଜମ୍ପ ଚାମ୍ପିୟନ। ଏଆଇୟୁ ଆହୁରି ମଧ୍ୟ ନେହେମିଆ କିପିଗନ୍ ନାମକ ଜଣେ ଆଥ୍‌ଲେଟଙ୍କୁ ୩ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ସେ ନିଷିଦ୍ଧ ଦ୍ରବ୍ୟ ଟ୍ରମେଟ୍ରାଜିଡିନ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ସେ ନିଜ ଦୋଷ ସ୍ୱୀକାର କରିଥିଲେ।

# ଟି୨୦ ଦଳକୁ ଫେରିଲେ ଶେଫାଳି

**ନୂଆଦିଲ୍ଲୀ, ୧୫।୫ (ପିଟି.)**

ଇଂଲଣ୍ଡ ଟୁର୍ ପାଇଁ ଗୁରୁବାର ଭାରତୀୟ ମହିଳା ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ଦଳ ଘୋଷଣା କରାଯାଇଛି। ଆକ୍ରମଣାତ୍ମକ ବ୍ୟାଟର ଶେଫାଳି ବର୍ମା ୭ ମ୍ୟାଚ ପରେ ଦଳକୁ ଫେରିଛନ୍ତି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜ ଜୁନ୍ ୨୮ରୁ ଟ୍ରେଣ୍ଟ ବ୍ରିଜ୍‌ରେ ଆରମ୍ଭ ହେବ। ଫର୍ମରେ ନ ଥିବାରୁ ଶେଫାଳି ୨୦୨୪ ଅକ୍ଟୋବରରୁ ଭାରତୀୟ ଦଳରେ ନ ଥିଲେ। ସେ କିନ୍ତୁ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ଘୋଷଣା କରାଯାଇଥିବା ଅନ୍ତର୍ଜାତୀୟ ଦିନିକିଆ ଦଳରେ ସ୍ଥାନ ପାଇ ନାହାନ୍ତି। ସମ୍ଭବତଃ ଏହି ସିଜନର ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳି ୯ଟି ମ୍ୟାଚରୁ ମୋଟ ୩୦୪ ରନ ସଂଗ୍ରହ କରିଥିବାରୁ ତାଙ୍କୁ ଟି୨୦ ଦଳରେ ସ୍ଥାନ ମିଳିଛି। ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୫୨ ରହିଥିବା ବେଳେ ଡବ୍ଲ୍ୟୁପିଏଲ୍‌ରେ ନାଟ୍ ସ୍କିଭର ବ୍ରଣ୍ଟ,ଏଲିସ୍ ପେରୀ ଓ ହେଲି ମାଥ୍ୟୁସଙ୍କ ପଛକୁ ଟୁର୍ନାମେଣ୍ଟରେ ଚତୁର୍ଥ ସର୍ବାଧିକ ରନ ସ୍କୋରର ବ୍ୟାଟର ବିବେଚିତ ହୋଇଥିଲେ। ଭାରତୀୟଙ୍କ ମଧ୍ୟରେ ସେ ସବୁଠାରୁ ଅଧିକ ରନ ସଂଗ୍ରହ କରିଥିଲେ। ଦଳକୁ ଫେରିଥିବା ଅନ୍ୟ ଜଣେ ଖେଳାଳି ହେଲେ ଉଇକେଟକିପର ୟସ୍ତିକା ଭାଟିଆ। ଓମେନ୍ସ ବିଗ୍ ବାଶ୍ ଲିଗ୍ ବେଳେ ରିଷ୍ଟ ଇଞ୍ଜୁରୀ ଯୋଗୁ ସେ ଗତ ନଭେମ୍ବରରୁ ଖେଳରୁ ଦୂରେଇ ରହିଥିଲେ। ୟସ୍ତିକା କିନ୍ତୁ ଉଭୟ ଟି୨୦ ଓ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ରିଚା ଘୋଷ ଉଭୟ ଦଳରେ ଉଇକେଟକିପର ଭାବେ ସ୍ଥାନ ପାଇଛନ୍ତି।





ଶେଫାଳି ବର୍ମା

ଇଂଲଣ୍ଡ ଟୁର୍ ପାଇଁ ଭାରତ ୧୫ ଜଣିଆ ଟି୨୦ ଦଳ ଘୋଷଣା କରିଥିବା ବେଳେ ୧୬ ଜଣିଆ ଦିନିକିଆ ଦଳ ଘୋଷଣା କରିଛି। ହରମନପ୍ରୀତ କୌରଙ୍କୁ ଉଭୟ ଦଳର ଅଧିନାୟିକା ନିଯୁକ୍ତ କରାଯାଇଥିବା ବେଳେ ସ୍ମୃତି ମନ୍ଧାନାଙ୍କୁ ତାଙ୍କ ଡେପୁଟି କରାଯାଇଛି। ନିକଟରେ ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ସିରିଜରେ ମହିଳା ଅନ୍ତର୍ଜାତୀୟ ଦିନିକିଆରେ ଦ୍ରୁତ ୫୦୦ ରନ ସଂଗ୍ରହ କରି ବିଶ୍ୱ ରେକର୍ଡ କରିଥିବା ସ୍ୱଳ୍ପ ବୟସ୍କା ଓପନର ପ୍ରତୀକା ରାୱଲଙ୍କୁ ୫୦ ଓଭର ବିଶିଷ୍ଟ ଦଳରେ ସାମିଲ କରାଯାଇଛି। ରାୱଲ ଇଂଲଣ୍ଡର ଚାର୍ଲୋଟ ଏଡୱାର୍ଡ୍ସଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଏଡୱାର୍ଡ୍ସ ୯ଟି ଇନିଂସରେ ୫୦୦ ରନ ପୂରଣ କରିଥିବା ବେଳେ ରାୱଲ ଏହି ସଫଳତା ୮ଟି ମ୍ୟାଚରେ ହାସଲ କରିଥିଲେ। ଇଂଲଣ୍ଡ ଟୁର୍ ୫ଟି ଅନ୍ତର୍ଜାତୀୟ ଟି୨୦ ସହ ଆରମ୍ଭ ହେବ। ପରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ସାଉଥାମ୍ପଟନ, ଲଣ୍ଡନ ଓ ଚେଷ୍ଟର ଲି-ଷ୍ଟ୍ରିଟ୍‌ରେ ଜୁଲାଇ ୧୫ରୁ ଆରମ୍ଭ ହେବ।

**ଭାରତୀୟ ମହିଳା ଟି୨୦ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ଉଇକେଟକିପର), ୟସ୍ତିକା ଭାଟିଆ (ଉଇକେଟକିପର), ହାର୍ଲିନ ଦେଓଲ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାନୀ, ସୂଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼ ଓ ସାୟଲି ସାତ୍‌ଘରେ।

**ଭାରତୀୟ ମହିଳା ଦିନିକିଆ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହାର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ଉଇକେଟକିପର), ୟସ୍ତିକା ଭାଟିଆ (ଉଇକେଟକିପର), ତେତାଲ ହାସାବନିସ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାନୀ, ସୂଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତୀ ଗୌଡ଼ ଓ ସାୟଲୀ ସାତ୍‌ଘରେ।

# ସିଦ୍ଧିବିନାୟକ ମନ୍ଦିର ବୁଲିଲେ ଗମ୍ଭୀର



ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିରରେ ସ୍ତ୍ରୀ ନତାଶାଙ୍କ ସହ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର।

**ନୂଆଦିଲ୍ଲୀ, ୧୫।୫**

ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଗୁରୁବାର ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିରରେ ଗମ୍ଭୀର ଓ ତାଙ୍କ ପତ୍ନୀ ନତାଶା ପୂଜା କରିଥିଲେ। ଗମ୍ଭୀର ଏହି ପରିଦର୍ଶନର ଫଟୋ ଟୁଇଟ୍ କରିଛନ୍ତି। ଆଗାମୀ ଇଂଲଣ୍ଡ ଟୁରରୁ ଆରମ୍ଭ ହେଉଥିବା ଭାରତୀୟ ଟେଷ୍ଟ ଦଳର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ପାଇଁ ଗମ୍ଭୀର ମୁମ୍ବାଇରେ ଅଛନ୍ତି।

# ଯଶ ବଢ଼ାଇଲେ ହର୍ଷବର୍ଦ୍ଧନ

**ଓଡ଼ିଶାର ଭାରୋତ୍ତୋଳନ ପ୍ରତିଭା ହର୍ଷବର୍ଦ୍ଧନ ସାହୁ ଜାତୀୟ ସ୍ତରରେ ଚମକପ୍ରଦ ପ୍ରଦର୍ଶନ କରି ରାଜ୍ୟର ଯଶ ବୃଦ୍ଧି କରିଛନ୍ତି। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତି ୨ଟି ଜାତୀୟ ରେକର୍ଡର ଅଧିକାରୀ ହେବା ସହ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଛନ୍ତି।**

–ପ୍ରସ୍ତୁତି: ତପନ ସ୍ୱାଇଁ





ବିହାରର ରାଜଗିରଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଭାରୋତ୍ତୋଳନ ଇଭେଣ୍ଟରେ ଚମକପ୍ରଦ ପ୍ରଦର୍ଶନ କରି ଯଶ ବଢ଼ାଇଛନ୍ତି ହର୍ଷବର୍ଦ୍ଧନ ସାହୁ। ସେ ଯେ କେବଳ ୪୯ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ୨ଟି ଜାତୀୟ ୟୁଥ୍ ରେକର୍ଡର ଅଧିକାରୀ ହୋଇଥିଲେ ତା' ନୁହେଁ ବିଭିନ୍ନ ଓଜନ ବର୍ଗରେ ଅଂଶଗ୍ରହଣକାରୀ ୪୦ ପ୍ରତିଯୋଗୀଙ୍କ ମଧ୍ୟରେ ୩୯ ଜଣଙ୍କୁ ପଛରେ ପକାଇ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ଫଳରେ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେବା ସହ ଓଡ଼ିଶାରେ ଭାରୋତ୍ତୋଳନର ଉତ୍ଥାନକୁ ସୂଚିତ କରିଛନ୍ତି।

ହର୍ଷବର୍ଦ୍ଧନ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କେଜି ଉତ୍ତୋଳନ କରିଥିଲେ। ସେ ମୋଟ ୨୦୩ କେଜି ଭାର ଉଠାଇ ଐତିହାସିକ ସଫଳତା ପାଇଥିଲେ। ୪୯ କିଗ୍ରା ବର୍ଗରେ ସେ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ ଏବଂ ମୋଟ ୨୦୩ କେଜି ଉତ୍ତୋଳନ କରି ୨ଟି ଜାତୀୟ ୟୁଥ୍ ରେକର୍ଡର ଅଧିକାରୀ ହୋଇଥିଲେ। ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିବାରୁ ହର୍ଷବର୍ଦ୍ଧନ ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ଅହମଦାବାଦରେ ହେବ। ୨୦୨୪ରେ ଫିଜିର ସୁଭାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ବିଶ୍ୱ ୟୁଥ୍ ଚାମ୍ପିୟନଶିପ୍‌ରେ ଝାଡ଼ଖଣ୍ଡର ବାବୁଲାଲ ହେମ୍ବ୍ରମ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୪ କେଜି ଉତ୍ତୋଳନ କରି ପୂର୍ବରୁ ରେକର୍ଡର ଅଧିକାରୀ ଥିଲେ।

ମା' ରାଜଲକ୍ଷ୍ମୀ ଓ ବାପା ଧନେଶ୍ୱର ସାହୁଙ୍କ ସୁପୁତ୍ର ହର୍ଷବର୍ଦ୍ଧନ ପଟିଆଲାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ। ୨୦୨୨ରୁ ଆରମ୍ଭ ହୁଏ ତାଙ୍କର ଜିଲା ଏବଂ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ଅଭିଯାନ। ୨୦୨୨ ସେପ୍ଟେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଆନ୍ତଃ କ୍ଲବ ଭାରୋତ୍ତୋଳନରେ ସେ ପ୍ରଥମସ୍ଥାନ ଅଧିକାର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ନଭେମ୍ବରରେ ବ୍ରହ୍ମପୁରରେ ଅନୁଷ୍ଠିତ ରାଜ୍ୟ ଭାରୋତ୍ତୋଳନରେ ସ୍ୱର୍ଣ୍ଣ, ୨୦୨୩ ମାର୍ଚ୍ଚରେ ବ୍ରହ୍ମପୁରରେ ଅନୁଷ୍ଠିତ ରାଜ୍ୟ ସ୍କୁଲ୍ସ ଭାରୋତ୍ତୋଳନରେ ପ୍ରଥମ ସ୍ଥାନ ଏବଂ ୨୦୨୪ ଅଗଷ୍ଟରେ ବ୍ରହ୍ମପୁରସ୍ଥିତ ଗଞ୍ଜାମ ଭାରୋତ୍ତୋଳନ ଏକାଡେମୀରେ ଆୟୋଜିତ ୭୧ତମ ରାଜ୍ୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଥିଲେ। ସେହିପରି ୨୦୨୨ରେ ତାଙ୍କର ଜାତୀୟ ସ୍ତରର ଅଭିଯାନ ଆରମ୍ଭ ହୁଏ। ୨୦୨୨ ଡିସେମ୍ବରରେ ତାମିଲନାଡୁରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନର ୪୯ କେଜି ବର୍ଗରେ ସେ ଯଦିଓ ୭ମ ସ୍ଥାନରେ ରହିଥିଲେ ତେବେ ଏଠାରେ ଆହରଣ କରିଥିବା ଅଭିଜ୍ଞତା ତାଙ୍କୁ ଭବିଷ୍ୟତରେ ବହୁ ସହାୟକ ହୋଇଥିଲା। ୨୦୨୩ ଡିସେମ୍ବରରେ ଅରୁଣାଚଳ ପ୍ରଦେଶର ଇଟାନଗରରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଲ୍ଏଫ୍ ଜାତୀୟ ପ୍ରତିଯୋଗିତାରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୨୪ ଅକ୍ଟୋବରରେ ହିମାଚଳ ପ୍ରଦେଶରେ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏବେ ବିହାରରେ ଅନୁଷ୍ଠିତ ଜାତୀୟ ୟୁଥ୍ ଗେମ୍ସରେ ସେ ୨ଟି ଜାତୀୟ ୟୁଥ୍ ରେକର୍ଡ ସହ ସ୍ୱର୍ଣ୍ଣ ଜିତି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଛନ୍ତି। କେବଳ ରାଜ୍ୟ କିମ୍ବା ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜ ଉପସ୍ଥିତି ଜାହିର କରିସାରିଛନ୍ତି ହର୍ଷବର୍ଦ୍ଧନ। ୨୦୨୫ ଏପ୍ରିଲ ୩୦ରେ ପେରୁର ଲିମାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ୱାର୍ଲ୍ଡ ୟୁଥ୍ ଆଣ୍ଡ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୪୯ କେଜି ବର୍ଗରେ ସେ ୩ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ସ୍ନାଚ୍‌ରେ ୮୭ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୦ ଏହିପରି ମୋଟ ୧୯୭ କେଜି ଉତ୍ତୋଳନ କରି ପୋଡିୟମ ମଣ୍ଡନ କରିଥିଲେ।

ବିହାରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ସବୁ ଓଜନ ବର୍ଗର ପ୍ରତିଯୋଗିତା ଶେଷରେ ହର୍ଷବର୍ଦ୍ଧନ ୭୫୪.୧୦୮ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏକ୍ଷେତ୍ରରେ ସେ ଦ୍ୱିତୀୟ ସ୍ଥାନରେ ରହିଥିବା ମହାରାଷ୍ଟ୍ରର ଯଶ ଖଣ୍ଡାଗଲେ (୬୩୫.୭୮୨ ପଏଣ୍ଟ)ଙ୍କୁ ବହୁ ପଛରେ ପକାଇ ଦେଇଛନ୍ତି। ପୁଣେର ସୁନୀଲ ସିଂ ୬୧୧.୩୫୫ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାରୁ ଅଂଶଗ୍ରହଣ କରିଥିବା ଅନ୍ୟ ଭାରୋତ୍ତୋଳକଙ୍କ ମଧ୍ୟରେ ମୁକେଶ ଗମାଙ୍ଗୋ ୪୩୫.୫୧୪ ପଏଣ୍ଟ ସହ ୨୩ତମ ସ୍ଥାନରେ ରହିଥିଲେ। ସେହିପରି ମହିଳା ବର୍ଗରେ ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ୪୦ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଜ୍ୟୋସ୍ନା ଶବର ୭୧୪.୩୬୮ ପଏଣ୍ଟ ସହ ଓଭରଅଲ୍ ରନରଅପ୍ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ମୀନା ସାନ୍ତା ୬୮୯.୦୪୭ ପଏଣ୍ଟ ସହ ୪ର୍ଥରେ ରହିଥିବାବେଳେ ଟିଙ୍କି ମୋହିନୀ ମଲିକ ୩୬୪.୮୨୦ ପଏଣ୍ଟ ସହ ୨୫ତମ ସ୍ଥାନ ହାସଲ କରିଛନ୍ତି। ମୀନା ସାନ୍ତା ୫୫ କେଜି ଏବଂ ଟିଙ୍କି ମୋହିନୀ ୬୪ କେଜି ବର୍ଗରେ ରୌପ୍ୟ ପଦକ ଜିତିଥିଲେ। ମହିଳା ବର୍ଗରେ ମଧ୍ୟ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

> **ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଜାତୀୟ ରେକର୍ଡ ସୃଷ୍ଟି କରିଥିବାରୁ ମୁଁ ଖୁବ୍ ଆନନ୍ଦିତ। ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥିଲି। ପେରୁରେ ବ୍ରୋଞ୍ଜ ପଦକ ଜିତିବା ପରେ ମୁଁ ଟ୍ରେନିଂ ପାଇଁ ଅଧିକ ସମୟ ପାଇ ନ ଥିଲି। ଏହା ସତ୍ତ୍ୱେ ପୂରା ଫୋକସ ରଖି ମୁଁ ଏହି ସଫଳତା ପାଇଛି** –ହର୍ଷବର୍ଦ୍ଧନ ସାହୁ

**ସଂକ୍ଷେପରେ...**

ନାମ: ହର୍ଷବର୍ଦ୍ଧନ ସାହୁ
ଜନ୍ମ: ୨୨ ମେ'୨୦୦୯
ଘର: ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ପରିବାର: ମା–ରାଜଲକ୍ଷ୍ମୀ ସାହୁ, ବାପା–ଧନେଶ୍ୱର ସାହୁ
କୋଚ୍: ଜିତେନ୍ଦ୍ର କୁମାର ସାହୁ
ଘରୋଇ କ୍ଲବ/ଏକାଡେମୀ: ଶ୍ରୀ ଶଙ୍କର ଫିଜିକାଲ ଆଣ୍ଡ କଲ୍‌ଚରାଲ କ୍ଲବ, ବ୍ରହ୍ମପୁର। ବର୍ତ୍ତମାନ ପଟିଆଲାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ।

ହର୍ଷବର୍ଦ୍ଧନ ଓ କୋଚ୍ କେ. ରବି କୁମାର

## ଅବସର

ଆଧୁନିକ କ୍ରିକେଟରେ ସବୁଠାରୁ
ସେ ସଫଳ କ୍ରିକେଟର
ବିରାଟ କୋହଲି ଟେଷ୍ଟ କ୍ରିକେଟରୁ
ନେଇଛନ୍ତି ଅବସର
ଆମ ୱିସ୍ ଘେନା କର
ଏଥି ସହ ତାଙ୍କ ଚଉଦ ବର୍ଷର
ଶେଷ ଲମ୍ବା କ୍ୟାରିୟର।

ଟି ଟୋଣ୍ଟି ପରେ ଟେଷ୍ଟ କ୍ରିକେଟକୁ
କରିଦେଲା ଅଲବିଦା
ଟିମ ଇଣ୍ଡିଆର ମାଇଲଖୁଣ୍ଟ ସେ
ରଚିଅଛି ହିଷ୍ଟ୍ରି ଜ୍ୟାଦା
ବୁଲାଇ ବ୍ୟାଟ ଗଦା
ତିନି ୱାର୍ଲଡ କପ ବିଜେତା ହୋଇଛି
ଟିମ ପାଇଁ ଲଢେ ସଦା।



ପିଲାଟିଏ ଜନ୍ମ ହେଲେ ପରିବାରେ
ପ୍ୟାରେଣ୍ଟ ହୁଅନ୍ତି ଖୁସି
ସେ ପରିବାରରୁ ଜଣେ ମରିଗଲେ
ସଂସାର ଟା ଯାଏ ଭାସି
ବି ପଜିଟିଭ ଶଶୀ
ଜଏନର ସୁଖ ଅବସରରେ ନିଅ
ଅଲୱେଜ ହସି ହସି।

–ସୁବାସ ଚନ୍ଦ୍ର ପ୍ରଧାନ

# ରୋ–କୋ ଅବସର



ନିର୍ମଳ କୁମାର ମିଶ୍ର

**ଭାରତୀୟ କ୍ରିକେଟରେ 'ରୋ–କୋ' ଭାବେ ପରିଚିତ ରୋହିତ ଶର୍ମା ଓ ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ଭାରତୀୟ ଟେଷ୍ଟ କ୍ରିକେଟକୁ ଲାଗିଛି ଡବଲ ଝଟକା। ଏ ଦୁହିଁଙ୍କ ଅନୁପସ୍ଥିତିରେ ଯୁବ ବ୍ୟାଟରମାନେ ଇଂଲଣ୍ଡ ମାଟିରେ ଅସଲ ପରୀକ୍ଷାର ସମ୍ମୁଖୀନ ହେବେ...**

ଭାରତୀୟ କ୍ରିକେଟରେ 'ରୋ–କୋ' ଭାବେ ପରିଚିତ ରୋହିତ ଶର୍ମା ଓ ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ଭାରତୀୟ ଟେଷ୍ଟ କ୍ରିକେଟକୁ ଲାଗିଛି ଡବଲ ଝଟକା। ପୂର୍ବରୁ ସୋସିଆଲ ମିଡିଆରେ ଯାହାକୁ ନେଇ ବେଶ୍ ଚର୍ଚ୍ଚା ହେଉଥିଲା ବାସ୍ତବରେ ତାହା ହିଁ ହେଲା। ଏବେ ଆଇପିଏଲ୍‌ର ବାକିଥିବା ମ୍ୟାଚଗୁଡିକ ଖେଳାଯିବା ପରେ ଖୁବ୍ ଶୀଘ୍ର ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା କରିବ ବିସିସିଆଇ। କିଛି ବର୍ଷ ହେବ ଅଜିଙ୍କ୍ୟ ରାହାନେ, ଚେତେଶ୍ୱର ପୂଜାରାଙ୍କୁ ଟେଷ୍ଟ ଦଳରେ ଦେଖିବାକୁ ମିଳୁ ନ ଥିଲା। ପରେ ଭାରତର ସ୍ପିନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନୀ ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସିନିୟର ଖେଳାଳିଙ୍କ ମଧ୍ୟରେ ବର୍ତ୍ତମାନର ଶ୍ରେଷ୍ଠ ପେସ୍ ବୋଲର ଯଶପ୍ରୀତ ବୁମରା ଗତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଆଘାତପ୍ରାପ୍ତ ହେବା ଫଳରେ ଭାରତକୁ ବହୁମୂଲ୍ୟ ଦେବାକୁ ପଡିଲା। ପ୍ରଥମ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲା ଟିମ୍ ଇଣ୍ଡିଆ। ଯଶପ୍ରୀତ ବୁମରାଙ୍କ ନେତୃତ୍ୱରେ ପର୍ଥ ଟେଷ୍ଟକୁ ୨୯୫ ରନ୍‌ରେ ଜିତିବା ପରେ ଅନ୍ୟ ୪ଟି ମ୍ୟାଚରେ ଭାରତର ବିଫଳତା ଯୋଗୁ ସିନିୟର ଖେଳାଳିଙ୍କୁ ବେଶ୍ ସମାଲୋଚନା କରାଯାଇଥିଲା। ଏଥିପାଇଁ ବିସିସିଆଇ ଟିମ୍ ମ୍ୟାନେଜମେଣ୍ଟ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ରୋହିତ ଶର୍ମାଙ୍କୁ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲା। ଏବେ ପ୍ରଶ୍ନ ଉଠୁଛି ଯେ ଏହି ଦୁଇ ସିନିୟରଙ୍କ ସ୍ଥାନ କେଉଁ ଯୁବ ଖେଳାଳି ନେବେ। ଏହି ଦୁଇ ଖେଳାଳି ଗୋଟିଏ ସମୟରେ କ୍ରିକେଟର ୩ ଫର୍ମାଟରେ ଭାରତର ଅଧିନାୟକ ରହିଥିଲେ। ଭାରତ ଏମାନଙ୍କ ନେତୃତ୍ୱରେ ଚମତ୍କାର ପ୍ରଦର୍ଶନ କରିଥିଲା। ୧୩ବର୍ଷ ବ୍ୟବଧାନ ପରେ ରୋହିତ ନିଜ ନେତୃତ୍ୱରେ ଆଇସିସି ଟ୍ରଫି ଜିତାଇବାକୁ ସକ୍ଷମ ହୋଇଥିଲେ। ହ୍ୱାଇଟ ବଲ ଓ ରେଡ୍ ବଲ୍ କ୍ରିକେଟ ମଧ୍ୟରେ ଏକ ବଡ ବ୍ୟବଧାନ ରହିଛି। ଏମାନଙ୍କ ଅନୁପସ୍ଥିତିରେ ଯୁବ ଦଳ ଉପରେ ବିସିସିଆଇ ଆସ୍ଥା ପ୍ରକଟ କରିବ ନିଶ୍ଚିତ। ତେବେ ଇଂଲଣ୍ଡର ଗ୍ରୀନ୍ ଟର୍ଫ ଓ ସୁଇଙ୍ଗ କଣ୍ଡିଶନ ସହିତ ହଠାତ୍ ଖାପ ଖୁଆଇ ଖେଳିବା ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ପେସ୍ ବୋଲର ଚୟନରେ ଅସୁବିଧା ହୋଇ ନ ପାରେ। ଯଶପ୍ରୀତ୍ ବୁମରା, ମହମ୍ମଦ ସିରାଜ, ମହମ୍ମଦ ଶାମି, ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ ଇଂଲଣ୍ଡ ଗସ୍ତ କରିପାରନ୍ତି। ମାତ୍ର ଯୁବ ବ୍ୟାଟର୍ସମାନେ ଅସଲ ପରୀକ୍ଷାର ସମ୍ମୁଖୀନ ହେବେ। ଆଶା କରାଯାଉଛି ଶୁବମନ୍ ଗିଲ୍ ଏହି ସିରିଜ ପାଇଁ ଅଧିନାୟକ ହୋଇପାରନ୍ତି। ବିରାଟ ଓ ରୋହିତଙ୍କ ଅନୁପସ୍ଥିତିରେ ଫର୍ମରେ ଥିବା ଯୁବ ବ୍ୟାଟର ରଜତ ପଟିଦାର, ସାଇ ସୁଦର୍ଶନ ଓ ସବୁଠାରୁ ସଫଳ ରେଡ୍ ବଲ ବ୍ୟାଟର କରୁଣ ନାୟାର ସୁଯୋଗ ପାଇପାରନ୍ତି। ଏକଥା ସତ ଯେ ବିରାଟ କୋହଲିଙ୍କ ପରି ଖେଳାଳି ଭାରତୀୟ କ୍ରିକେଟକୁ ହଠାତ୍ ମିଳିବେ ନାହିଁ। ଏଥିପାଇଁ ଏକ ଯୁଗର ଆବଶ୍ୟକତା ପଡିବ। ୩ଟି ଫର୍ମାଟରେ ତାଙ୍କର ଦବଦବା ଦେଖିବାକୁ ମିଳିଥିଲା। ୨୦୧୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ କ୍ରିକେଟରେ ପ୍ରଥମ ଶତକ ଏବଂ ସେହି ଅଷ୍ଟ୍ରେଲିଆ ବିପକ୍ଷରେ ୨୦୨୪ରେ ପର୍ଥ ଟେଷ୍ଟରେ ତାଙ୍କର ଥିଲା ଶେଷ ଶତକ। ଟେଷ୍ଟ କ୍ରିକେଟରେ ଚତୁର୍ଥ ସର୍ବାଧିକ ରନ୍ ସ୍କୋରର ଥିଲେ। ଭାରତ ଖେଳିବାକୁ ଥିବା ଇଂଲଣ୍ଡ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ୧୦ହଜାର ରନ୍ ପୂରଣ କରିବା ସହିତ କୋହଲି ଟେଷ୍ଟ କ୍ରିକେଟକୁ ଅଲ୍‌ବିଦା କରିବେ ବୋଲି ଆଶା କରାଯାଉଥିଲା। ମାତ୍ର କୋହଲି ହେଉଛନ୍ତି ଅସଲ କିଙ୍ଗ୍। ତାଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭିନ୍ନ। ଟେଷ୍ଟ କ୍ରିକେଟର ୩୦ ଶତକ ମଧ୍ୟରୁ ସର୍ବାଧିକ ୯ଟି ଶତକ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ହାସଲ କରିବା ତାଙ୍କର ବ୍ୟାଟିଂ ଦକ୍ଷତାର ପରିଚୟ ଦିଏ।

ତାଙ୍କ ଅନୁପସ୍ଥିତିରେ ଟେଷ୍ଟ କ୍ରିକେଟର ରୋମାଞ୍ଚ କମିବ। ୨୦୧୧ରୁ ଭାରତୀୟ ଟେଷ୍ଟ କ୍ରିକେଟକୁ ଏକ ନୂତନ ସୋପାନରେ ପହଞ୍ଚାଇବାରେ ତାଙ୍କର ଅବଦାନ ଅତୁଳନୀୟ ରହିଥିଲା। ୨୦୧୩ରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତ ଯେଉଁ ଯୁବଦଳ ଗଠନ କରି ବିଦେଶ ମାଟିରେ ଗୋଟିଏ ପରେ ଗୋଟିଏ ଟେଷ୍ଟ ସିରିଜ ଜିତିବାକୁ ଆରମ୍ଭ କଲା, ସେତେବେଳେ ଯୁବ ତାରକାମାନଙ୍କ ମଧ୍ୟରେ ତାଙ୍କର ଅବଦାନ ଅବିସ୍ମରଣୀୟ ରହିଥିଲା। ୨୦୧୬ରୁ ୨୦୧୯ ତାଙ୍କ କ୍ୟାରିୟରର ସୁବର୍ଣ୍ଣ ସମୟ ଥିଲା। ଏଥିରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ୬୯୨ ରନ୍ ସଂଗ୍ରହ ସହିତ ୪ଟି ଶତକ ରହିଥିଲା। ୨୦୧୯ରୁ ୨୦୨୨ ତାଙ୍କ କ୍ୟାରିୟରର ସବୁଠାରୁ ଖରାପ ବର୍ଷ ଥିଲା। ଆଭରେଜ ଆଶାତୀତ ଭାବେ କମିଥିଲା। ପ୍ରଦର୍ଶନରେ ସ୍ଥିରତା ରହୁ ନ ଥିଲା। ଅନେକ ସମାଲୋଚନା କରାଗଲା। ଅଧିନାୟକ ପଦ ଛାଡିବାକୁ ପଡିଲା। ତା'ପରେ ରୋହିତ ଶର୍ମା ୩ଟି ଫର୍ମାଟରେ ଅଧିନାୟକ ହେଲେ। ୧୨୩ଟି ଟେଷ୍ଟ ମ୍ୟାଚରେ ୯୨୩୦ ରନ୍, ସାଉଥ ଆଫ୍ରିକା ବିପକ୍ଷରେ ସର୍ବାଧିକ ୨୫୪ ନଟ ଆଉଟ୍ ଏବଂ ଏଥି ମଧ୍ୟରେ ୩୦ ଶତକ ଓ ୩୧ ଅର୍ଦ୍ଧଶତକ। ଟେଷ୍ଟ କ୍ରିକେଟରେ ଭାରତର ସବୁଠୁ ସଫଳ ଅଧିନାୟକ। ତାଙ୍କ ନେତୃତ୍ୱରେ ୬୮ଟି ଟେଷ୍ଟରୁ ଭାରତ ୪୦ଟିରେ ବିଜୟୀ ହୋଇଥିବା ବେଳେ ୧୮ଟି ହାରିଥିଲା। ନିଜର ଫିଟ୍‌ନେସ୍ ପାଇଁ ୩୬ ବର୍ଷ ବୟସରେ ମଧ୍ୟ ସେ ଯୁବ ଖେଳାଳିଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ। ଫ୍ୟାନ ଫଲୋୟର୍ସ ସର୍ବାଧିକ ଥିଲା। ଟେଷ୍ଟ କ୍ରିକେଟର ପୋଷ୍ଟର ବୟରୂପେ ପରିଚିତ ଥିଲେ। ତାଙ୍କର ଅନୁପସ୍ଥିତିରେ ଭାରତୀୟ ଟେଷ୍ଟ କ୍ରିକେଟ ନିଶ୍ଚିତ ରୂପେ ଲୋକପ୍ରିୟତା ହରାଇବ। ତାଙ୍କ ନିକଟରେ ଆଉ କିଛି ବର୍ଷର ଟେଷ୍ଟ କ୍ରିକେଟ ବାକି ରହିଥିଲା ଏହା ନିଶ୍ଚିତ। ତାଙ୍କ ପାଇଁ ହଠାତ୍ ଏପରି ନିଷ୍ପତ୍ତି କଷ୍ଟକର ରହିଥିବ। ତାଙ୍କର ସମସାମୟିକ ଖେଳାଳି ଇଂଲଣ୍ଡର ଜୋ ରୁଟ୍, ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ ଓ ପାକିସ୍ତାନର ବାବର ଆଜମ ତାଙ୍କର ଏପରି ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି।

ସେହିପରି ରୋହିତ ଶର୍ମା ଟେଷ୍ଟ କ୍ରିକେଟକୁ ଅଲ୍‌ବିଦା ଜଣାଇବା ତାଙ୍କ ଫ୍ୟାନ୍‌ମାନଙ୍କୁ ନିରାଶ କରିଛି। ସେ ଥିଲେ ଜଣେ ବିଚକ୍ଷଣ ଅଧିନାୟକ, ଆକ୍ରମଣାତ୍ମକ ଓପନର। ୨୦୧୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ରୋହିତ ଶେଷ ଟେଷ୍ଟ ମ୍ୟାଚ ୨୦୨୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ ଯୋଗୁ ବିଭିନ୍ନ ଫର୍ମାଟରେ ଆଧିପତ୍ୟ ବିସ୍ତାର କରିଥିବା ରୋହିତ କ୍ୟାରିୟରରେ ୬୭ଟି ଟେଷ୍ଟ ମ୍ୟାଚ ଖେଳି ୧୨ ଶତକ ଓ ୧୮ଟି ଅର୍ଦ୍ଧଶତକ ସହିତ ୪୩୦୧ରନ୍ କରିଛନ୍ତି।

ଏ ଦୁଇ ଖେଳାଳିଙ୍କ ଅବସର ଭାରତୀୟ ଟେଷ୍ଟ କ୍ରିକେଟ ପାଇଁ ଅପୂରଣୀୟ କ୍ଷତି ନିଶ୍ଚିତ। ଏବେ ଯୁବ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଭାରତୀୟ ଦଳ ଏକ ଟ୍ରାନ୍‌ଜିଶନ ପିରିୟଡ ମଧ୍ୟ ଦେଇ ଗତି କରିବ। ଏବେ କେବଳ ଏକଦିବସୀୟ ଫର୍ମାଟ ଓ ଆଇପିଏଲ୍‌ରେ ଏହି ଦୁଇ ମହାନ୍ ଖେଳାଳିଙ୍କୁ ଦେଖିବାକୁ ମିଳିବ।



ବିରାଟ କୋହଲି ଓ ରୋହିତ ଶର୍ମା।

# ବିସିସିଆଇ ୨ରୁ ୩ ଅଲିମ୍ପିକ୍ ଇଭେଣ୍ଟକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଚାହୁଁଛି

**ନୂଆଦିଲ୍ଲୀ,୧୫।୫:** ପ୍ରତ୍ୟେକ କ୍ରୀଡ଼ା ପାଇଁ କର୍ପୋରେଟ ସମର୍ଥିତ ସ୍ୱତନ୍ତ୍ର ସେଣ୍ଟର ଅଫ ଏକ୍ସିଲେନ୍ସ ପ୍ରତିଷ୍ଠା କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ଉଚ୍ଚାଭିଳାଷୀ ଯୋଜନା ରଖିଛି। ଏହି ଯୋଜନା ଅଧୀନରେ ବିସିସିଆଇ ୨ରୁ ୩ ଅଲିମ୍ପିକ୍ ଇଭେଣ୍ଟକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଇଚ୍ଛା ପ୍ରକଟ କରିଛି। ଗୁରୁବାର କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କୁ ଏକ ବୈଠକରେ ବିଶ୍ୱ କ୍ରିକେଟର ସବୁଠୁ ଧନୀ ବୋର୍ଡ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଛି। ଏହି ବୈଠକରେ ୫୮ କର୍ପୋରେଟ ହାଉସର ପ୍ରତିନିଧି ଉପସ୍ଥିତ ଥିଲେ।

ବିସିସିଆଇ ପକ୍ଷରୁ ଉପସଭାପତି ରାଜୀବ ଶୁକ୍ଲା ଏହି ବୈଠକରେ ଯୋଗଦେଇଥିଲେ। ସେ କହିଥିଲେ ଯେ, ବୋର୍ଡ ଅଲିମ୍ପିକ୍ସରେ ସାମିଲ ଥିବା ୨ରୁ ୩ ଇଭେଣ୍ଟକୁ ଆମେ ପୋଷ୍ୟ ଭାବେ ଗ୍ରହଣ କରିପାରିବୁ ଏବଂ ସେହି ଇଭେଣ୍ଟଗୁଡ଼ିକୁ ବାଛିବାର ନିଷ୍ପତ୍ତିକୁ ଆମେ ମନ୍ତ୍ରଣାଳୟ ଉପରେ ଛାଡୁଛୁ। ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ପ୍ରତ୍ୟେକ କ୍ରୀଡ଼ା ଲାଗି ଅଲିମ୍ପିକ କେନ୍ଦ୍ର ନିର୍ମାଣ କରିବାକୁ ମନ୍ତ୍ରଣାଳୟ ଯୋଜନା ରଖିଛି, ଯାହାକି ଦେଶର ୧୦୦ କିମ୍ବା ୨୦୦ ଖେଳାଳିଙ୍କୁ ଟ୍ରେନିଂ ଦେଇପାରିବ। ବର୍ତ୍ତମାନ ଭାରତରେ ୨୩ଟି ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ରହିଛି ଏବଂ ଏ ସମସ୍ତ କେନ୍ଦ୍ର ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଦ୍ୱାରା ପରିଚାଳିତ ହେଉଛି। ବିସିସିଆଇ ଅତୀତରେ ମଧ୍ୟ ଅଲିମ୍ପିକ ସ୍ପୋର୍ଟ୍ସ ଲାଗି ଆର୍ଥିକ ସହାୟତା ଯୋଗାଇଛି। ୨୦୦୮ରେ ବିସିସିଆଇ ନ୍ୟାଶନାଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲାଗି ୫୦ କୋଟି ଦେଇଥିଲା।

# ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପୁରସ୍କାର ରାଶି ୩.୬ ନିୟୁତ ଡଲାରକୁ ବୃଦ୍ଧି

**ଦୁବାଇ, ୧୫।୫ (ପି.ଟି.):** ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ୨୦୨୫ ଟାଇଟଲ ବିଜେତାକୁ ୩.୬ ନିୟୁତ ଆମେରିକୀୟ ଡଲାର ମିଳିବ, ଯାହାକି ଗତ ସଂସ୍କରଣ ତୁଳନାରେ ଦୁଇଗୁଣାରୁ ଅଧିକ। ୨୦୨୩ରେ ଭାରତ ବିପକ୍ଷ ଫାଇନାଲ ଜିତି ଅଷ୍ଟ୍ରେଲିଆ ୧.୬ ନିୟୁତ ଡଲାର ପାଇଥିଲା। ୨୦୨୫ ଫାଇନାଲ ଜୁନ୍ ୧୧ରେ ଲର୍ଡ୍ସଠାରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ। ଏଥର ପରାଜିତ ଦଳ ୨.୧ ନିୟୁତ ଆମେରିକୀୟ ଡଲାର ପାଇବ। ଆଇସିସିର ଏହି ଇଭେଣ୍ଟର ଗତ ଦୁଇ ସଂସ୍କରଣର ରନରଅପ୍ ୮୦୦,୦୦୦ ଡଲାର ପାଇଥିଲେ। ଡବ୍ଲ୍ୟୁଟିସି ସାଇକେଲରେ ୯ଟି ଦଳକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ହୋମ୍ ସିରିଜ ଜିତିବା ପରେ ଦକ୍ଷିଣ ଆଫ୍ରିକା ୬୯.୪୪ ପଏଣ୍ଟ ସହ ଟେବୁଲ ଶୀର୍ଷରେ ପହଞ୍ଚି ଯାଇଥିଲା। ଅଷ୍ଟ୍ରେଲିଆ ୬୭.୫୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାରତ ୫୦.୦୦ ପ୍ରତିଶତ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲା।

# ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନରୁ ଭାରତର ଅଭିଯାନ ଶେଷ

**ବ୍ୟାଙ୍କକ୍, ୧୫।୫(ପି.ଟି.):** ଏଲିଟ୍ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟଗୁଡ଼ିକରେ ଭାରତର ଖରାପ ପ୍ରଦର୍ଶନ ଜାରି ରହିଛି। ବିଶ୍ୱର ୧୦ ନମ୍ବର ମହିଳା ଡବଲ୍ସ ଯୋଡ଼ି ଟ୍ରିସା ଗାୟତ୍ରୀଙ୍କ ସମେତ ଅନ୍ୟ ଭାରତୀୟ ଖେଳାଳିମାନେ ଶୀଘ୍ର ବିଦାୟ ନେବାରୁ ଏଠାରେ ଚାଲିଥିବା ଥାଇଲାଣ୍ଡ ଓପନ ସୁପର ୫୦୦ ଟୁର୍ନାମେଣ୍ଟରେ ଦେଶର ଅଭିଯାନ ଶେଷ ହୋଇଛି।ଆଘାତଜନିତ ସମସ୍ୟାରୁ ଫେରିଥିବା ଟ୍ରିସା ଓ ଗାୟତ୍ରୀ ଦ୍ୱିତୀୟ ରାଉଣ୍ଡରେ ଜାପାନର ରୁଇ ହିରୋକାମି ଓ ସାୟାକା ହୋବାରାଙ୍କଠାରୁ ୨୦-୨୨,୧୪-୨୧ରେ ପରାଜିତ ହୋଇଛନ୍ତି। ଲକ୍ଷ୍ୟ ସେନ୍ ବୁଧବାର ପୁରୁଷ ସିଙ୍ଗଲ୍ସ ଓପନିଂ ରାଉଣ୍ଡରୁ ବିଦାୟ ନେଇଥିବା ବେଳେ ଟ୍ରିସା ଓ ଗାୟତ୍ରୀ ଶେଷ ଏଲିଟ୍ ଭାରତୀୟ ଖେଳାଳିଭାବେ ତିଷ୍ଠି ରହିଥିଲେ। ଭାରତର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ମଧ୍ୟ ପ୍ରଭାବହୀନ ମନେ ହୋଇଥିଲେ। ଉନ୍ନତି ହୁଡା, ମାଳବିକା ବନସୋଡ୍ ଓ ଆକର୍ଷୀ କାଶ୍ୟପ ପ୍ରମୁଖ ଗୁରୁବାର ଦ୍ୱିତୀୟ ରାଉଣ୍ଡରେ ସେମାନଙ୍କଠାରୁ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳିଙ୍କଠାରୁ ସିଧାସଳଖ ଗେମ୍‌ରେ ପରାଜିତ ହୋଇଯାଇଥିଲେ। ୧୭ ବର୍ଷୀୟା ଉନ୍ନତି ହେଉଛନ୍ତି ୨୦୨୨ ଓଡ଼ିଶା ମାଷ୍ଟର୍ସ ଓ ୨୦୨୩ ଆବୁଧାବି ମାଷ୍ଟର୍ସ ଚାମ୍ପିୟନ । ସେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ତଥା ଟପ୍ ସିଡ୍ ପର୍ନପାୱି ଚୋଚୁଓଙ୍ଗ୍‌ଙ୍କଠାରୁ ୧୪-୨୧, ୧୧-୨୧ରେ ମାତ୍ର ୩୯ମିନିଟରେ ପରାଜିତ ହୋଇଥିଲେ। ୪,୭୫,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଇଭେଣ୍ଟରେ ୨୦୨୪ ହାଇଲୋ ଓପନ ରନରଅପ୍ ତଥା ବିଶ୍ୱର ୨୩ ନମ୍ବର ମାଳବିକା ପୂର୍ବତନ ବିଶ୍ୱ ଚାମ୍ପିୟନ ଓ ସ୍ଥାନୀୟ ଫେଭରିଟ ରାଚାନକ ଇଣ୍ଟାନନ୍‌ଙ୍କଠାରୁ ୧୨-୨୧, ୧୬-୨୧ରେ ହାରି ଯାଇଥିଲେ। ସେହିପରି ଆକର୍ଷୀ କାଶ୍ୟପ ଏକ ଏକତରଫା ମ୍ୟାଚରେ ସୁପାନିଦା କେଟଥଙ୍ଗ୍‌ଙ୍କଠାରୁ ୯-୨୧, ୧୪-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ମାତ୍ର ୩୪ ମିନିଟରେ ଶେଷ ହୋଇଥିଲା।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ